BHI-4
Block-1

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକ କଳା (ସମ୍ମାନ)

# ଇତିହାସ (BAHI)

ପ୍ରଧାନ ପାଠ୍ୟକ୍ରମ- ୪

## ମଧ୍ୟଯୁଗୀୟ ବିଶ୍ୱ:
## ସାମାଜିକ ବିନ୍ୟାସ ଓ ସାଂସ୍କୃତିକ ଢାଞ୍ଚା

## ପ୍ରାଚୀନ ରୋମର ଶାସନତନ୍ତ୍ର ଓ ଅର୍ଥବ୍ୟବସ୍ଥା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ)

## ପ୍ରଧାନ ପାଠ୍ୟକ୍ରମ- ୪

## ଇତିହାସ (BAHI)

## BAHI-04

## ମଧ୍ୟଯୁଗୀୟ ବିଶ୍ୱ:

## ସାମାଜିକ ବିନ୍ୟାସ ଓ ସାଂସ୍କୃତିକ ଢାଞ୍ଚା

## ବ୍ଲକ୍- ୧

## ପ୍ରାଚୀନ ରୋମର ଶାସନତନ୍ତ୍ର ଓ ଅର୍ଥବ୍ୟବସ୍ଥା

| | |
|---|---|
| ପ୍ରଥମ ଏକକ- | ପ୍ରାଚୀନ ରୋମର ଶାସନତନ୍ତ୍ର ଓ ସାମ୍ରାଜ୍ୟ |
| ଦ୍ୱିତୀୟ ଏକକ- | ରୋମ ସାମ୍ରାଜ୍ୟରେ ସଙ୍କଟ: ଜୁଲିୟସ ସିଜରଙ୍କ ଉତ୍‌ଥାନ ଓ ପତନ |
| ତୃତୀୟ ଏକକ- | କୃଷି ଅର୍ଥବ୍ୟବସ୍ଥା |
| ଚତୁର୍ଥ ଏକକ- | ସହରୀକରଣ ଓ ବାଣିଜ୍ୟ |

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

## ସ୍ନାତକ (ସମ୍ମାନ) କାର୍ଯ୍ୟକ୍ରମ

Core Course HISTORY (BAHI)-4- Odia

ପ୍ରଧାନ ପାଠ୍ୟକ୍ରମ ଇତିହାସ –୪- ଓଡ଼ିଆ

**ଦ୍ୱିତୀୟ ପର୍ଯ୍ୟାୟ (Semester – II)**

**ପାଠ୍ୟକ୍ରମ – ୪ / ବ୍ଲକ୍ - ୧ :** ମଧ୍ୟଯୁଗୀୟ ବିଶ୍ୱ: ସାମାଜିକ ବିନ୍ୟାସ ଓ ସାଂସ୍କୃତିକ ଢାଞ୍ଚା

**ପ୍ରଥମ ପ୍ରକାଶ: ୨୦୨୦**

**ମୂଳ ଇଂରାଜୀ ପାଠ:**

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ

କୃଷ୍ଣକାନ୍ତ ହାଣ୍ଡିକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଗୁଆହାଟୀ

**ଓଡ଼ିଆ ଅନୁବାଦ:**

ପ୍ରାଧ୍ୟାପକ ଡ. କାହ୍ନୁଚରଣ ପାଢ଼ୀ,

ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର

**ସମୀକ୍ଷା ଓ ଭାଷା ସମ୍ପାଦନା:**

ପୁଷ୍ପାଞ୍ଜଳୀ ପାଢ଼ୀ, ଗବେଷଣା ନିର୍ଦ୍ଦେଶକ,

ସାମାଜିକ ସାଂସ୍କୃତିକ ଗବେଷଣା ପ୍ରବର୍ତ୍ତନ ବିଦ୍ୟାଳୟ (SSCRI), ବ୍ରହ୍ମପୁର

**ଡିଟିପି ଓ ଅଳଂକରଣ:**

ଶରତ ଚନ୍ଦ୍ର ସାହୁ, ରାମ ନଗର, ବ୍ରହ୍ମପୁର

**ସଂଯୋଜକ:**

ପ୍ରଫେସର ଡକ୍ଟର ପତିତ ପାବନ ମିଶ୍ର, ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା,

ଇତିହାସ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରକାଶକ:**

**ଡକ୍ଟର ମାନସ ରଞ୍ଜନ ପୂଜାରୀ,**

କୁଳସଚିବ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ପ୍ରଥମ ଏକକ: ପ୍ରାଚୀନ ରୋମର ଶାସନତନ୍ତ୍ର ଓ ସାମ୍ରାଜ୍ୟ

## ବିଷୟ ଗଠନ:


୧.୦ ପଠନର ଉଦ୍ଦେଶ୍ୟ

୧.୧ ଉପକ୍ରମ

୧.୨ ରୋମର ବିସ୍ତାର

୧.୨.୧ ପ୍ରଥମ ପର୍ଯ୍ୟାୟ

୧.୨.୨ ଦ୍ୱିତୀୟ ପର୍ଯ୍ୟାୟ

୧.୩ ରାଜନୀତିକ ସଂରଚନା ଓ ସମାଜ

୧.୩.୧ ସାମାଜିକ ଅନୁକ୍ରମ ଓ ବ୍ୟବସ୍ଥାପିକା

୧.୩.୨ ଗଣରାଜ୍ୟର ଅଧିକାରୀବୃନ୍ଦ

୧.୩.୩ ଅଭିଜାତ ଓ ସାଧାରଣଙ୍କ ସଂଗ୍ରାମ

୧.୩.୪ ସମ୍ମେଳନ

୧.୩.୪.୧ ଜନଗୋଷ୍ଠୀ ସମିତି

୧.୩.୪.୨ ଶତକ ସମିତି

୧.୩.୪.୩ ସାଧାରଣ ପରିଷଦ

୧.୩.୫ ଅନୁକ୍ରମ ମଧ୍ୟରେ ସଂଘର୍ଷ

୧.୩.୬ ସାଧାରଣଙ୍କ ମଧ୍ୟରେ ସାମାଜିକ ବିଭେଦ

୧.୪. ସଂଘର୍ଷ ଓ ବିସ୍ତାର

୧.୪.୧ ପେସାଦାର ସେନା ଓ ଯୁଦ୍ଧନାୟକ

୧.୪.୨ ବିସ୍ତାର ପାଇଁ ସମର

୧.୪.୩ ବ୍ୟବସ୍ଥାପିକା ସହ ଯୁଦ୍ଧନାୟକଙ୍କ ସଂଗ୍ରାମ

୧.୫ ଦାସତ୍ୱ

୧.୬ ସାରାଂଶ

୧.୭ ସୂଚକ ଶବ୍ଦାବଳୀ

୧.୮ ପ୍ରଗତି ପରିମାପକ ଉତ୍ତର

୧.୯ ପରବର୍ତ୍ତୀ ପଠନ


## ୧.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ପ୍ରାଚୀନ ରୋମରେ ନଗର ରାଜ୍ୟର ବିକାଶ ଓ ବିସ୍ତାର
- ରୋମୀୟ ସମାଜର ରାଜନୀତିକ ସଂରଚନା ଓ ପ୍ରକୃତି
- ରୋମ ଗଣରାଜ୍ୟରେ ଅଭିଜାତ ଓ ସାଧାରଣଙ୍କ ମଧ୍ୟରେ ସଂଗ୍ରାମ

## ୧.୧ ଉପକ୍ରମ

ପାରସ୍ୟ ସାମ୍ରାଜ୍ୟର ପତନ ଏବଂ ଆଲେକଜାଣ୍ଡରଙ୍କ ମାସିଡୋନୀୟ ସାମ୍ରାଜ୍ୟର ଏକତ୍ୱ ବିଲୋପ ପରେ ଭୂମଧ୍ୟସାଗରୀୟ ଅଞ୍ଚଳରେ ଏକ ନୂତନ ରାଜନୀତିକ ଏକକ ଆଧିପତ୍ୟ ବିସ୍ତାର କଲା । ଏହା ଥିଲା ରୋମ ସାମ୍ରାଜ୍ୟ; ପ୍ରାଚୀନ କାଳର ବୃହତ୍ତମ ଏବଂ ସର୍ବାଧିକ ଦୀର୍ଘସ୍ଥାୟୀ ସାମ୍ରାଜ୍ୟ । ଏ ସାମ୍ରାଜ୍ୟର ନାଭି ଥିଲା ଇଟାଲୀ ଏବଂ ପରବର୍ତ୍ତୀ କାଳରେ ଏହା ସମଗ୍ର ଭୂମଧ୍ୟସାଗରୀୟ ଅଞ୍ଚଳକୁ ନିଜ ଭିତରେ ସମାହିତ କରି ନେଇଥିଲା । ମାସିଡୋନୀୟ ସାମ୍ରାଜ୍ୟର ବିଲୟ ମାତ୍ରେ ଭୂମଧ୍ୟସାଗର ଅଞ୍ଚଳରେ ରୋମର ବିସ୍ତାର ଆରମ୍ଭ ହେଲା । ଏତିକି ବେଳକୁ ରୋମ ନଗରୀ ସମଗ୍ର ଇଟାଲୀ ଉପଦ୍ୱୀପକୁ ନିଜ ନିୟନ୍ତ୍ରଣକୁ ନେବାରେ ସଫଳ ହୋଇ ସାରିଲାଣି ।

ରୋମ ଥିଲା ଇଟାଲୀର ଲାଟିନ ଭାଷାଭାଷୀ ଅନେକ ବସତି ମଧ୍ୟରୁ ଗୋଟିଏ । ଲାଟିନ ବିସ୍ତୃତ ଭାରୋପୀୟ ଭାଷା ଗୋଷ୍ଠୀର ଏକ ଅଂଶ । ଖ୍ରୀ.ପୂ. ୨୦୦୦ ପରେ ଅନେକ ଭାରୋପୀୟ ଜନଜାତି ଇଟାଲୀରେ ବସତି ସ୍ଥାପନ କଲେ । ଏଟ୍ରୁସ୍କାନ ଭଳି ଦେଶୀୟ ଗୋଷ୍ଠୀଙ୍କ ସହ ଏମାନଙ୍କ ମିଳନ ସାଧିତ ହେଲା । ଉଭୟ ଲାଟିନ ଓ ଏଟ୍ରୁସ୍କାନମାନେ ରୋମ ଇତିହାସର ଆଦି ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ

ଭୂମିକା ନିର୍ବାହ କରିଥିଲେ । ଉପଦ୍ୱୀପର ପଶ୍ଚିମ ଉପକୂଳର ଅଦୂରବର୍ତ୍ତୀ ରୋମ ଇଟାଲୀର କେନ୍ଦ୍ରାଞ୍ଚଳରେ ଟିବର ନଦୀ କୂଳରେ ଅବସ୍ଥିତ ଥିଲା । ଖ୍ରୀ.ପୂ. ୭୫୩ରେ ରୋମ ନଗରୀ ପ୍ରତିଷ୍ଠା କରାଯାଇ ଥିବା ପାରମ୍ପରିକ ଭାବେ ବିଶ୍ୱାସ କରାଯାଏ । ଏ ନଗରୀର ପାରମ୍ପରିକ ଇତିହାସ ଅନୁସାରେ ଟିବର ନଦୀ କୂଳସ୍ଥ ସପ୍ତ ପର୍ବତର ବସତିଗୁଡ଼ିକୁ ଖ୍ରୀ.ପୂ. ୭୫୩ରେ ପ୍ରାଚୀର ବେଢ଼ାଯାଇ ରୋମ ନଗରୀରେ ପରିଣତ କରାଗଲା । ତେବେ ଏ ତାରିଖର ଐତିହାସିକତା ପ୍ରତିଷ୍ଠା କରାଯାଇ ପାରି ନାହିଁ । ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ଅନୁଯାୟୀ ବହୁ ପରବର୍ତ୍ତୀ କାଳରେ ଖ୍ରୀ.ପୂ. ୫୫୦ରେ ଏ ନଗରୀର ପ୍ରଥମ ଦୁର୍ଗ ପ୍ରାଚୀର ନିର୍ମାଣ କରାଯାଇ ଥିଲା । ପ୍ରାୟ ଏଇ ସମୟରେ ସପ୍ତ ପର୍ବତ ଉପରିସ୍ଥ ଜନବସତିର ଜନସଂଖ୍ୟାରେ ଅଭିବୃଦ୍ଧି ଘଟିବା ଆରମ୍ଭ ହେଲା । ପ୍ରାରମ୍ଭରେ ପର୍ବତମାନଙ୍କ ପାର୍ଶ୍ୱବର୍ତ୍ତୀ ନିମ୍ନ ଭୂମି ଥିଲା ସନ୍ତସନ୍ତିଆ ପାଟରେ ପରିପୂର୍ଣ୍ଣ । ପର୍ବତ ପାଦଦେଶକୁ ବାସୋପଯୋଗୀ କରିବା ପାଇଁ ଏଗୁଡ଼ିକୁ ଶୁଷ୍କ କରିବା ଥିଲା ଅନିବାର୍ଯ୍ୟ । ପ୍ରାଚୀର ସମାବୃତ ଗ୍ରାମ ବସତି ସମୂହ କିନ୍ତୁ ଖୁବ୍ କମ୍ ସମୟରେ ଏକ ପ୍ରମୁଖ ସହରୀ କେନ୍ଦ୍ରରେ ପରିଣତ ହେଲା ।

ରୋମର ପ୍ରାଚୀନ ଇତିହାସ ସମ୍ବନ୍ଧରେ ଆମର ଜ୍ଞାନ ଅସ୍ପଷ୍ଟ । ପରମ୍ପରା ଅନୁସାରେ ଖ୍ରୀ.ପୂ. ୫୧୦ ବେଳକୁ ରାଜତନ୍ତ୍ରର ଉଚ୍ଛେଦ ସାଧନ କରାଯାଇ ରୋମ ଏକ ଗଣରାଜ୍ୟରେ ପରିଣତ ହୋଇଥିଲା । ଏହା ପରେ ରୋମ ନଗରୀର ଶାସନ ଲାଟିନ ଭାଷୀ ସମ୍ପଦଶାଳୀ ଅଭିଜାତଙ୍କୁ ନେଇ ଗଠିତ ଅଳ୍ପଜନାଧିପତ୍ୟ*(Oligarchy)*ର ଅଧୀନ ହୋଇଗଲା । ଏହା ଅପର ସାମ୍ରାଜ୍ୟ ଠାରୁ ରୋମକୁ ବହୁ ମାତ୍ରାରେ ଭିନ୍ନ କରିଦେଲା । ରୋମ ସାମ୍ରାଜ୍ୟ ଏଇ ଦୃଷ୍ଟିରୁ ଅନନ୍ୟ ଯେ ପ୍ରାୟ ପାଞ୍ଚ ଶତାବ୍ଦୀ ଧରି ଏଠାରେ ଗଣରାଜ୍ୟ ପ୍ରତିଷ୍ଠିତ ହୋଇଥିଲା ଏବଂ ଜଣେ ମଧ୍ୟ ସମ୍ରାଟ ଶାସନ କରି ନ ଥିଲେ । ବାର୍ଷିକ ନିର୍ବାଚନ ଭିତ୍ତିରେ କନସଲ*(Consul)* କୁହାଯାଉ ଥିବା ଦୁଇ ଜଣ ଜନପଦାଧୀଶ ସରକାରର ନେତୃତ୍ୱ କରୁଥିଲେ । ଅଭିଜାତଙ୍କ କ୍ଷମତାର ପ୍ରଧାନ ସାଧନ ଥିଲା ଅଳ୍ପଜନ ପରିଷଦ ବା ବ୍ୟବସ୍ଥାପିକା *(Senate)* । ଏହା ଥିଲା ରୋମ ଗଣରାଜ୍ୟର ସର୍ବୋଚ୍ଚ ଅନୁଷ୍ଠାନ । ଗଣରାଜ୍ୟର ପ୍ରାରମ୍ଭରେ ଶାସନରେ ପ୍ରାୟ କୌଣସି ଅଂଶିଦାରୀ ନ ଥିଲେ ସୁଦ୍ଧା ନାଗରିକଙ୍କ ସମ୍ମେଳନମାନ ମଧ୍ୟ ରହିଥିଲା । ଗଣରାଜ୍ୟର ଶେଷ ଶହେ ବର୍ଷରେ ପେସାଦାର ସେନାର ଅଭ୍ୟୁଦୟ ଘଟିଲା । ଏ ସେନାର ଅନୁଭାଗ ସବୁ ସେନାନାୟକମାନଙ୍କ ନିୟନ୍ତ୍ରଣରେ ଥିଲା ଏବଂରାଷ୍ଟ୍ର ପରିବର୍ତ୍ତେ ସେମାନଙ୍କୁ ଆନୁଗତ୍ୟ ପ୍ରଦର୍ଶନ କରୁଥିଲା । ଏ ଯୋଦ୍ଧୃବୃନ୍ଦ ପରସ୍ପର ସହ ଏବଂ ଗୋଷ୍ଠୀଗତ ଭାବେ ରୋମ ରାଷ୍ଟ୍ର ସହ ନିୟତ ସଂଘର୍ଷ

ରତ ଥିଲେ । ରୋମ ସାମ୍ରାଜ୍ୟର ଏକ ମହତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଥିଲା ବିଶେଷ ମାତ୍ରାରେ ଦାସଙ୍କ ଶ୍ରମର ଉପଯୋଗ ।

# ୧.୨ ରୋମର ବିସ୍ତାର

ରୋମ ଗଣରାଜ୍ୟ ଖ୍ରୀ.ପୂ. ୫୧୦ରୁ ଖ୍ରୀ.ପୂ. ୨୭ ପର୍ଯ୍ୟନ୍ତ ପ୍ରାୟ ୫୦୦ ବର୍ଷ ତିଷ୍ଠି ରହିଥିଲା । ଏଇ ସମୟ ମଧ୍ୟରେ କ୍ଷୁଦ୍ର ନଗର ରାଜ୍ୟଟି ଏକ ବିଶାଳ ଓ ଶକ୍ତିଶାଳୀ ସାମ୍ରାଜ୍ୟରେ ପରିଣତ ହୋଇଥିଲା । ବହୁ ଯୁଦ୍ଧ ଓ ସଂଘର୍ଷ ଦେଇ ଏଭଳି ଅଭିବୃଦ୍ଧି ସମ୍ଭବପର ହୋଇଥିଲା । ଦୁଇଟି ବିଶେଷ ପର୍ଯ୍ୟାୟର ଦୀର୍ଘ ସମୟରେ ଏ ବିସ୍ତାର ହାସଲ କରାଯାଇ ଥିଲା ।

## ୧.୨.୧ ପ୍ରଥମ ପର୍ଯ୍ୟାୟ

ବିସ୍ତାରର ପ୍ରଥମ ପର୍ଯ୍ୟାୟରେ ରୋମ ସମଗ୍ର ଇଟାଲୀ ଉପଦ୍ୱୀପକୁ ନିଜ ନିୟନ୍ତ୍ରଣକୁ ଆଣିବାରେ ପ୍ରବୃତ୍ତ ଥିଲା । ଏଥିପାଇଁ ଖ୍ରୀ.ପୂ. ୫୦୦ରୁ ଖ୍ରୀ.ପୂ. ୨୮୦ ପର୍ଯ୍ୟନ୍ତ ପ୍ରାୟ ଦୁଇ ଶତାବ୍ଦୀ ଲାଗିଥିଲା । କେନ୍ଦ୍ର ଇଟାଲୀ ଉପରେ ଆଧିପତ୍ୟ ପ୍ରତିଷ୍ଠାରୁ ରୋମର ବିସ୍ତାର ଆରମ୍ଭ ହେଲା । ଏ ଅଞ୍ଚଳର ଲାଟିନ ଭାଷୀ ଜନତାଙ୍କ ସହ ରୋମ ମୈତ୍ରୀ ପ୍ରତିଷ୍ଠା କଲା । ଏ ମୈତ୍ରୀ ଅଣଲାଟିନ ରାଜ୍ୟ ବିରୋଧରେ ସଫଳ ଅଭିଯାନ ପାଇଁ ସଂସାଧନ ଯୋଗାଣରେ ସହାୟକ ହେଲା । କେନ୍ଦ୍ର ଇଟାଲୀର ଅଣଲାଟିନ ରାଜ୍ୟ ବିରୋଧୀ ସଂଗ୍ରାମରେ ନିର୍ଣ୍ଣାୟକ ଘଟଣା ଥିଲା ପ୍ରାୟ ଦଶ ବର୍ଷର ସଂଗ୍ରାମ ପରେ ଖ୍ରୀ.ପୂ. ୩୯୬ରେ ଓ୍ୱେଇ ଉପରେ ବିଜୟ ଲାଭ । ଏଟ୍ରୁସ୍କାନ ନଗର ଓ୍ୱେଇ ଥିଲା ରୋମର ସମୀପବର୍ତ୍ତୀ ଏବଂ ଦୀର୍ଘ କାଳ ଧରି ଏହାର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ । ଓ୍ୱେଇ ବିଜୟ ଫଳରେ ଏହାର ଭୂମି ଏବଂ ସମ୍ପଦ ରୋମର ନିୟନ୍ତ୍ରଣକୁ ଆସିଲା । ଏଣିକି ରୋମ ଏହାର ବିସ୍ତାରବାଦୀ କାର୍ଯ୍ୟକ୍ରମ ଅଧିକ ଆକ୍ରାମକ ଢଙ୍ଗରେ କରି ପାରିଲା । କିଛି କାଳ ପରେ କେଲ୍ଟମାନେ ଆକ୍ରମଣ କରି ରୋମକୁ ଧ୍ୱଂସ କରିଦେଲେ । ବିପୁଳ ଲୁଟ ପରେ ସେମାନେ ପ୍ରତ୍ୟାବର୍ତ୍ତନ କଲେ । ଏହା ଥିଲା ଏକ ପ୍ରଚଣ୍ଡ ଧକ୍କା । କିନ୍ତୁ ଅଳ୍ପ କାଳ ମଧ୍ୟରେ ରୋମ ନିଜକୁ ସମ୍ଭାଳି ଯୁଦ୍ଧକଳାରେ ଆଧିପତ୍ୟ ପୁନଃପ୍ରତିଷ୍ଠା କଲା; କେନ୍ଦ୍ର ଇଟାଲୀର ବିଶାଳ ଅଂଶକୁ ନିଜ ଅଧୀନକୁ ଆଣିବାରେ ସଫଳ ହେଲା ।

ଖ୍ରୀ.ପୂ. ୨୯୫ ସୁଦ୍ଧା କେନ୍ଦ୍ର ଇଟାଲୀର ଅଧିକାଂଶ ଭାଗ ନିଜ ଶାସନାଧୀନ କରି ରୋମ ଦକ୍ଷିଣ ଇଟାଲୀ ପ୍ରତି ଦୃଷ୍ଟି ନିକ୍ଷେପ କଲା । ଦକ୍ଷିଣ ଇଟାଲୀର ଗ୍ରୀକ ରାଜ୍ୟମାନେ ରୋମୀୟ ବିସ୍ତାରର ଦୃଢ଼ ପ୍ରତିରୋଧ କଲେ । ପରିଶେଷରେ କେତୋଟି ଭୟଙ୍କର ଯୁଦ୍ଧ ପରେ ଏ ରାଜ୍ୟ ସମୂହ ରୋମର ବଶ୍ୟତା ସ୍ୱୀକାର କଲେ । ଏହା ଫଳରେ ରୋମୀୟ ବିସ୍ତାରର ପ୍ରଥମ ପ୍ରମୁଖ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେଲା । ଏ ପର୍ଯ୍ୟାୟର ଅନ୍ତ ବେଳକୁ ସମଗ୍ର ଉପଦ୍ୱୀପ ପ୍ରତ୍ୟକ୍ଷ ଅଥବା ପରୋକ୍ଷରେ ରୋମ ଅଧୀନରେ ରହିଥିଲା ।

### ୧.୨.୨ ଦ୍ୱିତୀୟ ପର୍ଯ୍ୟାୟ

ରୋମୀୟମାନେ ଏବେ ବିସ୍ତାରର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବା ସ୍ଥିତିରେ ରହିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଭୂମଧ୍ୟସାଗରୀୟ ଅଞ୍ଚଳରେ ରୋମୀୟ ପ୍ରଭାବର ସମ୍ପ୍ରସାରଣ । ଏହାର ତ୍ୱରିତ ପରିଣାମ ଥିଲା ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳରେ ଏ ସମୟରେ ପ୍ରାଧାନ୍ୟ ପ୍ରତିଷ୍ଠା କରିସାରି ଥିବା କାର୍ଥେଜୀୟମାନଙ୍କ ସହ ସଂଘର୍ଷ । କାର୍ଥେଜ ଉତ୍ତର ଆଫ୍ରିକା ଉପକୂଳରେ (ଆଧୁନିକ ଟ୍ୟୁନିସିଆରେ) ଅବସ୍ଥିତ ସାମରିକ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ଏକ ସ୍ଥଳ । ଖ୍ରୀ.ପୂ. ନବମ ଶତାବ୍ଦୀର କୌଣସି ସମୟରେ ପ୍ରତିଷ୍ଠିତ ଏ ସହର ମୌଳିକତଃ ଥିଲା ଏକ ଫୋନିସୀୟ ବାଣିଜ୍ୟ ବସତି । କାଳକ୍ରମେ ଏହା ଏକ ବିଶାଳ ସାମ୍ରାଜ୍ୟରେ ପରିଣତ ହୋଇଥିଲା । ସିସିଲି, ସ୍ପେନ ସମେତ ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳର ବୃହତ୍ ଅଂଶ ଏହାର ଅନ୍ତର୍ଭୁକ୍ତ ଥିଲା । ଦକ୍ଷିଣ ଇଟାଲୀରେ ନିଜର ସ୍ଥିତି ଦୃଢ଼ କରିବା ପରେ ରୋମ ଯେତେବେଳେ ସିସିଲି ଅଧିକାର ପାଇଁ ପ୍ରୟାସ କଲା କାର୍ଥେଜୀୟ ସାମ୍ରାଜ୍ୟ ସହ ଦୀର୍ଘକାଳୀନ ସାମରିକ ପ୍ରତିଦ୍ୱନ୍ଦ୍ୱିତା ଅନିବାର୍ଯ୍ୟ ହୋଇପଡ଼ିଲା । କାରଣ ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳରେ ରୋମୀୟ ବିସ୍ତାର କାର୍ଥେଜୀୟ ସ୍ୱାର୍ଥର ବଳିଦାନରେ ହିଁ ସମ୍ଭବପର ଥିଲା । ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ କାର୍ଥେଜୀୟମାନଙ୍କ ବିରୋଧରେ ରୋମକୁ ଅନେକ ଯୁଦ୍ଧ ଲଢ଼ିବାକୁ ହୋଇଥିଲା ।

ରୋମ ଓ କାର୍ଥେଜ ମଧ୍ୟରେ ଅନୁଷ୍ଠିତ ଯୁଦ୍ଧଗୁଡ଼ିକୁ ପ୍ୟୁନିକ ଯୁଦ୍ଧ କୁହାଯାଏ । ତିନୋଟି ପ୍ୟୁନିକ ଯୁଦ୍ଧ ଲଢ଼ାଯାଇ ଥିଲା: ପ୍ରଥମ ପ୍ୟୁନିକ ଯୁଦ୍ଧ ଖ୍ରୀ.ପୂ. ୨୬୪-୨୪୧; ଦ୍ୱିତୀୟ ପ୍ୟୁନିକ ଯୁଦ୍ଧ ଖ୍ରୀ.ପୂ. ୨୧୮-୨୦୧ ଏବଂ ତୃତୀୟ ପ୍ୟୁନିକ ଯୁଦ୍ଧ ଖ୍ରୀ.ପୂ. ୧୪୯-୧୪୬ । ତୃତୀୟ ପ୍ୟୁନିକ ଯୁଦ୍ଧ

ସମାପ୍ତ ହେବା ବେଳକୁ କାର୍ଥେଜୀୟ ସାମ୍ରାଜ୍ୟ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇ ଥିଲା ଏବଂ କାର୍ଥେଜ ନଗର ରୋମ ଅଧୀନକୁ ଚାଲିଯାଇ ଥିଲା । ପ୍ୟୁନିକ ଯୁଦ୍ଧ କାଳରେ ଅଧିକୃତ କାର୍ଥେଜୀୟ ଅଞ୍ଚଳ ସମୂହକୁ ରୋମୀୟ ପ୍ରଦେଶ ସିସିଲି, ସ୍ପେନ ଓ ଆଫ୍ରିକା ରୂପେ ପୁନର୍ଗଠନ କରାଗଲା । (ଉତ୍ତର ଆଫ୍ରିକାରେ ଅବସ୍ଥିତ କାର୍ଥେଜ ଓ ତତ୍ ସଂଲଗ୍ନ ଅଞ୍ଚଳକୁ ନେଇ ଗଠିତ ପ୍ରଦେଶକୁ ଆଫ୍ରିକା ନାମ ଦିଆଯାଇ ଥିଲା । ଏହା ମୋଟାମୋଟି ଆଜିର ଟ୍ୟୁନିସିଆର ସମବାଚୀ । )

ସମକାଳରେ ରୋମୀୟମାନେ ମାସିଡୋନିଆ ଓ ଗ୍ରୀକ ରାଜ୍ୟଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ଆଣିଥିଲେ । ଖ୍ରୀ.ପୂ. ୧୬୭ରେ ମାସିଡୋନିଆର ଶାସକ ଆଣ୍ଟିଗୋନମାନଙ୍କ ପରାଜୟ ଘଟିଲା । ଏହା ପରେ ଖ୍ରୀ.ପୂ. ୧୪୭ରେ ଏହା ରୋମ ଦ୍ୱାରା ଅଧିକୃତ ହୋଇ ଏକ ରୋମୀୟ ପ୍ରଦେଶରେ ପରିଣତ ହେଲା । ଗ୍ରୀକ ପ୍ରଦେଶଗୁଡ଼ିକ ମାସିଡୋନିଆରୁ ସଞ୍ଚାଳିତ ପରୋକ୍ଷ ରୋମୀୟ ଶାସନ ଅଧୀନରେ ରହିଲା । ଅଳ୍ପ କାଳରେ ରୋମୀୟ ପ୍ରଭାବ ଇଜିପ୍ଟକୁ ମଧ୍ୟ ପରିବ୍ୟାପ୍ତ ହେଲା । ଆପଣଙ୍କ ସ୍ମରଣରେ ଥିବ ଯେ ଇଜିପ୍ଟରେ ଟଲେମୀ ବଂଶ ଶାସନ କରୁଥିଲେ । ଏହା ରୋମର ଏକ ସଂରକ୍ଷିତ ରାଜ୍ୟରେ ପରିଣତ ହେଲା । ଏହାର ଅର୍ଥ ଇଜିପ୍ଟ ଆଉ ସ୍ୱାଧୀନ ବୈଦେଶିକ ନୀତି ଅନୁସରଣ କରିବା ସ୍ଥିତିରେ ନ ଥିଲା । ପଶ୍ଚିମ ଆନାତୋଲିଆ ମଧ୍ୟ ରୋମୀୟ ଶାସନାଧୀନ ହୋଇ ଏସିଆ (ଏସିଆ ମହାଦେଶ ରୂପେ ଭ୍ରାନ୍ତି କରିବା ଅନାବଶ୍ୟକ) ପ୍ରଦେଶରେ ପରିଣତ ହେଲା । ଏହିପରି ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ମଧ୍ୟ ବେଳକୁ ସମଗ୍ର ଭୂମଧ୍ୟସାଗରୀୟ ଅଞ୍ଚଳ ରୋମର ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶାସନାଧୀନ ହୋଇସାରି ଥିଲା । ଏହା ପରେ ଆହୁରି ଦୁଇ ଶତାବ୍ଦୀରୁ ଅଧିକ କାଳ ରୋମ ସାମ୍ରାଜ୍ୟର ବିସ୍ତାର ଅବ୍ୟାହତ ରହିଥିଲା । ତେବେ ଏହାର ଆଞ୍ଚଳିକ କ୍ଷେତ୍ରର ପ୍ରଧାନ ରୂପରେଖ ଏତିକି ବେଳକୁ ସ୍ପଷ୍ଟ ସଂଜ୍ଞାୟିତ ହୋଇ ସାରିଥିଲା । ଭୂମଧ୍ୟସାଗର ଥିଲା ସାମ୍ରାଜ୍ୟର ନାଭି । ରୋମର ପରବର୍ତ୍ତୀ ବିସ୍ତାର ପ୍ରତି ଧ୍ୟାନଶୀଳ ହେବା ପୂର୍ବରୁ ଏହାର ଆଧାରଭୂତ ରାଜନୀତିକ ସଂରଚନା ଓ ସମାଜର ବିଶ୍ଳେଷଣ ସମ୍ବନ୍ଧରେ ମନୋଯୋଗୀ ହେବାର ଆବଶ୍ୟକତା ରହିଛି ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଆଦି ପର୍ଯ୍ୟାୟଗୁଡ଼ିକରେ ରୋମ ସାମ୍ରାଜ୍ୟର ବିସ୍ତାର ଉପରେ ଦଶ ଧାଡ଼ିର ଏକ ବିଶଦ ଟିପ୍‌ପଣୀ ଉଲ୍ଲେଖ କରନ୍ତୁ ।

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

# ୧.୩ ରାଜନୀତିକ ସଂରଚନା ଓ ସମାଜ

ପ୍ରାଚୀନ ରୋମରେ ବ୍ୟବସ୍ଥାପିକା *(Senat)* ଓ ସମ୍ମେଳନ *(Assembly)* ସହ ରାଜତନ୍ତ୍ରର ପ୍ରଚଳନ ରହିଥିଲା । ସିନେଟର କ୍ଷମତା ଥିଲା ପ୍ରଭୂତ ଏବଂ ରାଜାଙ୍କ ସହ ସଂଘର୍ଷ ଥିଲା ଏକ ନିୟମିତ ଘଟଣା । ଖ୍ରୀ.ପୂ. ୫୧୦ରେ ରାଜତନ୍ତ୍ରର ଅନ୍ତ ଘଟି ଏକ ଗଣରାଜ୍ୟ ପ୍ରତିଷ୍ଠା ହେଲା । ଖ୍ରୀ.ପୂ. ୨୭ ପର୍ଯ୍ୟନ୍ତ ଏହାର ଅସ୍ତିତ୍ୱ ରହିଥିଲା । ଗଣରାଜ୍ୟର ପ୍ରାରମ୍ଭରେ ରାଜନୀତିକ କ୍ଷମତାରେ ରୋମୀୟ ଅଭିଜାତମାନଙ୍କର ଏକାଧିପତ୍ୟ ରହିଥିଲା । ଏକ ଅଳ୍ପଜନ ପରିଷଦ ସିନେଟ ପାଖରେ ପ୍ରାୟ ସମ୍ପୂର୍ଣ୍ଣ କ୍ଷମତା ନ୍ୟସ୍ତ ଥିଲା । ସିନେଟର ସଦସ୍ୟତା କେବଳ ଅଭିଜାତମାନଙ୍କ ପାଇଁ ଉନ୍ମୁକ୍ତ ଥିଲା ।

## ୧.୩.୧ ସାମାଜିକ ଅନୁକ୍ରମ ଓ ବ୍ୟବସ୍ଥାପିକା

ଏଠାରେ ରୋମୀୟ ସାମାଜିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି । ରୋମୀୟ ସମାଜ ନାଗରିକମାନଙ୍କ ଦୁଇଟି ଅନୁକ୍ରମରେ ସ୍ଥାୟୀ ରୂପେ ବିଭାଜିତ ହୋଇଥିଲା: ଅଭିଜାତ*(Patrician; ମୂଳ ଅର୍ଥ ପିତୃ)* ଓ ସାଧାରଣ*(Plebeian)* । ପାଟ୍ରିସିଅନ ବା ଅଭିଜାତ ଥିଲା ଘନିଷ୍ଠ ସମ୍ବନ୍ଧ ଆନୁବଂଶିକ ଶିଷ୍ଟଙ୍କ କ୍ଷୁଦ୍ର ଗୋଷ୍ଠୀ ଏବଂ ପ୍ଲେବିଅନ ଥିଲେ ସାଧାରଣ ଜନତା । ତେବେ ଉଭୟ ଅନୁକ୍ରମ ନାଗରିକର ଅନ୍ତର୍ଭୁକ୍ତ ଥିଲେ । ଦୁଇଟି ଅନୁକ୍ରମରେ ରୋମୀୟ ନାଗରିକଙ୍କ ବିଭାଜନର କେତେକ ସାଦୃଶ୍ୟ ଭାରତୀୟ ଜାତି ବ୍ୟବସ୍ଥା ସହ ରହିଥିଲା । ନିର୍ଦ୍ଦିଷ୍ଟ ଜାତିରେ ଜନ୍ମ ଭଳି ରୋମୀୟ ନାଗରିକଙ୍କ ବିଭାଜନ ଥିଲା ସ୍ଥାୟୀ । ନାଗରିକ ଅଭିଜାତ ଅଥବା ସାଧାରଣ ଭାବେ ଜନ୍ମ ଗ୍ରହଣ କରୁଥିଲେ । କେବଳ ସମ୍ପଦ ଅଥବା ରାଜନୀତିକ କ୍ଷମତା ହାସଲ କରି ଜଣେ ସାଧାରଣ ଅଭିଜାତରେ ପରିଣତ ହୋଇପାରୁ ନ ଥିଲେ । ଦୀର୍ଘ କାଳ ଧରି ଦୁଇ ଅନୁକ୍ରମ ମଧ୍ୟରେ ବିବାହ ଥିଲା ଆଇନତଃ ପ୍ରତିବନ୍ଧିତ । ରୋମୀୟ ସମାଜରେ ଆର୍ଥିକ, ସାମାଜିକ ଓ ରାଜନୀତିକ ଦୃଷ୍ଟିରୁ ଅଭିଜାତ ଥିଲେ ପ୍ରଭାବଶାଳୀ ଗୋଷ୍ଠୀ । ଅଭିଜାତ ରୂପେ ଜନ୍ମ ଗ୍ରହଣର ଅର୍ଥ ଥିଲା ସମ୍ପଦ, ରାଜନୀତିକ କ୍ଷମତା ଏବଂ ସାମାଜିକ ଓ ଧାର୍ମିକ ଗୌରବର ସ୍ୱତଃ ଅଭିଗମ୍ୟତା । ରୋମୀୟ ଧର୍ମ ଉପରେ ଅଭିଜାତମାନଙ୍କ ନିୟନ୍ତ୍ରଣ ଥିଲା ବ୍ୟାପକ । ଗଣରାଜ୍ୟର ପ୍ରାୟ ପରିସମାପ୍ତି ପର୍ଯ୍ୟନ୍ତ ସାଧାରଣଙ୍କ ପାଇଁ ପୌରୋହିତ୍ୟର ଅନେକ ମହତ୍ୱପୂର୍ଣ୍ଣ ପଦବୀ ଥିଲା ନିଷିଦ୍ଧ ।

ଗଣରାଜ୍ୟର ପ୍ରାରମ୍ଭରୁ ରାଷ୍ଟ୍ରର ପ୍ରମୁଖ ଅବୟବ ସିନେଟରେ ଅଭିଜାତମାନଙ୍କ ଏକାଧିପତ୍ୟ ରହିଥିଲା । କେବଳ ପୁରୁଷ ଅଭିଜାତମାନେ ସିନେଟର ସଦସ୍ୟ ହୋଇପାରୁ ଥିଲେ । ସାଧାରଣ ନାଗରିକ ଏବଂ ସମସ୍ତ ମହିଳାଙ୍କୁ ଏଥିରୁ ବାଦ୍ ଦିଆଯାଉ ଥିଲା । ଗଣରାଜ୍ୟର ଆରମ୍ଭରୁ ସିନେଟର ସଦସ୍ୟ ସଂଖ୍ୟା ଥିଲା ୩୦୦ । ପରବର୍ତ୍ତୀ କାଳରେ ଏହା ୬୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା । ସିନେଟ ସଦସ୍ୟତାର ଭିତ୍ତି ଥିଲା ସହପସନ୍ଦ । ଅର୍ଥାତ୍ ମୂଳ ସଦସ୍ୟମାନେ ଅତିରିକ୍ତ ଅଥବା ନୂତନ ସଦସ୍ୟ ଚୟନ କରୁଥିଲେ । ରାଜତନ୍ତ୍ରର ବିଲୋପ ଘଟାଇଥିବା ପ୍ରାରମ୍ଭିକ ସଦସ୍ୟମାନେ ନିଶ୍ଚିତ ରୂପେ କ୍ଷମତାଶାଳୀ ଅଭିଜାତ ପରିବାରର ମୁଖ୍ୟ ହୋଇଥିବେ । ସିନେଟର ସଦସ୍ୟତା ଥିଲା ଆଜୀବନ । ଏହାର କ୍ଷମତା ଥିଲା ପ୍ରଶସ୍ତ ଯାହାର ଅଧିକାଂଶ ଔପଚାରିକ ଭାବେ ସଂଜ୍ଞାୟିତ ହୋଇ ନ ଥିଲା । ସିନେଟ ସଦସ୍ୟଙ୍କ ମଧ୍ୟରୁ ଭାରି ସଂଖ୍ୟାଗରିଷ୍ଠ ଥିଲେ ବୃହତ୍ ଭୂସ୍ୱାମୀ । ଅନ୍ୟ ଭାବରେ କହିଲେ ରୋମ ଗଣରାଜ୍ୟ ଏକ ଅଳ୍ପଜନାଧିପତ୍ୟ ଭୂସ୍ୱାମୀ ଅଭିଜାତଙ୍କ ଦ୍ୱାରା ଶାସିତ ହେଉଥିଲା ।

### ୧.୩.୨ ଗଣରାଜ୍ୟର ଅଧିକାରୀବୃନ୍ଦ

ପୂର୍ବ ସୂଚିତ ମତେ ଗଣରାଜ୍ୟର ସର୍ବୋଚ୍ଚ ଅଧିକାରୀ ଥିଲେ ବାର୍ଷିକ ଭିତ୍ତିରେ ନିର୍ବାଚିତ କନସଲ*(Consul)* କୁହାଯାଉ ଥିବା ଦୁଇ ଜଣ ଜନପଦାଧୀଶ । ସେମାନେ ସିନେଟରେ ଅଧ୍ୟକ୍ଷତା କରୁଥିଲେ ଏବଂ କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ସାମରିକ ଦାୟିତ୍ୱ ନିର୍ବାହ କରୁଥିଲେ । ସ୍ମରଣଯୋଗ୍ୟ ଯେ କନସଲମାନେ ସିନେଟ ଦ୍ୱାରା ନୁହେ ପ୍ଲେବିଅନଙ୍କ ସମେତ ସମସ୍ତ ନାଗରିକ ଅନ୍ତର୍ଭୁକ୍ତ ଥିବା ସମ୍ମେଳନ*(Assembly)* ଦ୍ୱାରା ନିର୍ବାଚିତ ହେଉଥିଲେ । ସେମାନଙ୍କ ପୁନଃନିର୍ବାଚନରେ କୌଣସି ପ୍ରତିବନ୍ଧକ ନ ଥିଲା । ଖ୍ରୀ.ପୂ. ୩୬୭ ପର୍ଯ୍ୟନ୍ତ କେବଳ ଅଭିଜାତମାନେ କନସଲ ହୋଇପାରୁ ଥିଲେ । ଏକ ଦୀର୍ଘ ସଂଗ୍ରାମ ପରେ ଖ୍ରୀ.ପୂ. ୩୬୭ରେ ଗୋଟିଏ କନସଲ ପଦବୀ ପ୍ଲେବିଅନମାନଙ୍କ ପାଇଁ ଉନ୍ମୁକ୍ତ ହେଲା । ଦୀର୍ଘ କାଳ ଧରି ଏ ବିଧାନ କେବଳ ଏକ ଔପଚାରିକତା ଥିଲା । କାରଣ ନିର୍ବାଚନ ପ୍ରକ୍ରିୟା ଅଭିଜାତମାନଙ୍କ ଅକ୍ତିଆରରେ ଥିଲା ଏବଂ ସେମାନେ ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ହେରଫେର କରିପାରୁ ଥିଲେ । କେବଳ ପରବର୍ତ୍ତୀ ଗଣରାଜ୍ୟରେ ହିଁ ପ୍ଲେବିଅନମାନେ ବାସ୍ତବତଃ କନସଲ ପଦବୀକୁ ନିର୍ବାଚିତ ହେବା ଆରମ୍ଭ କଲେ । ସିନେଟରେ ପ୍ରବେଶ ପାଇଁ ପ୍ଲେବିଅନଙ୍କ ନିମିତ୍ତ ଏହା ହିଁ ଥିଲା ଏକମାତ୍ର ମାର୍ଗ । କାରଣ କନସଲ ସ୍ୱତଃ ସିନେଟ ସଦସ୍ୟରେ ପରିଣତ ହେଉଥିଲେ । ଗଣରାଜ୍ୟର ଅନ୍ତ ବେଳକୁ କେତେକ ବିଶେଷାଧିକାରପ୍ରାପ୍ତ ପ୍ଲେବିଅନ ଏହିପରି ସିନେଟ ସଦସ୍ୟ ହୋଇପାରି ଥିଲେ ।

ରୋମ ଗଣରାଜ୍ୟରେ ଶାସନର ବିଭିନ୍ନ ଦିଗର ତତ୍ତ୍ୱାବଧାନ ପାଇଁ ଅପର ଅନେକ ନିର୍ବାଚିତ ଦଣ୍ଡଧର *(Magistrate)* ରହିଥିଲେ । ଏହିପରି ଦୁଇ ଅତ୍ୟନ୍ତ କ୍ଷମତାଶାଳୀ ଦଣ୍ଡଧର ଥିଲେ ନିୟନ୍ତ୍ରକ *(Censor)* । ସେମାନେ ପ୍ରତି ପାଞ୍ଚ ବର୍ଷରେ ନିର୍ବାଚିତ ହେଉଥିଲେ ଏବଂ ଏକାଦିକ୍ରମେ ଅଠର ମାସ ପାଇଁ ପଦବୀରେ ରହୁଥିଲେ । କାର୍ଯ୍ୟକାଳରେ ସେମାନେ ରୋମ ନାଗରିକଙ୍କ ଜନଗଣନା କରାଉ ଥିଲେ । ଏହା ଆଧୁନିକ ଜନଗଣନା ଅବଧାରଣା ଠାରୁ ଭିନ୍ନ ଥିଲା । ଏହା କେବଳ ନାଗରିକଙ୍କ ମଧ୍ୟରେ ସୀମିତ ଥିଲା । ନିୟନ୍ତ୍ରକମାନେ ନାଗରିକଙ୍କ ନାମ ଏବଂ ପ୍ରତ୍ୟେକଙ୍କ ସମ୍ପଦର ପରିମାଣ ଲିପିବଦ୍ଧ କରାଉ ଥିଲେ । ଜନଗଣନା ସମୟରେ ସମ୍ପଦର ମୂଲ୍ୟ ଅନୁସାରେ ରୋମ ରାଷ୍ଟ୍ରର ବିଭିନ୍ନ ନିର୍ବାଚିତ ପଦବୀ ଅଧିକାର ପାଇଁ ନାଗରିକଙ୍କ ଯୋଗ୍ୟତା ନିର୍ଦ୍ଧାରିତ ହେଉଥିଲା । ନିୟନ୍ତ୍ରକମାନେ

ସାର୍ବଜନିକ ନୈତିକତା ମଧ୍ୟ ନିୟନ୍ତ୍ରଣ କରୁଥିଲେ । ସାର୍ବଜନିକ ନୈତିକ ପ୍ରତିମାନ ଲଙ୍ଘନ କରୁଥିବା ଯେ କୌଣସି ନାଗରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଅଧିକାର ସେମାନଙ୍କର ରହିଥିଲା । ସଦାବର୍ତ୍ତ ଜମିର ଇଜାରା ଏବଂ ରାଷ୍ଟ୍ରୀୟ ଠିକା ପ୍ରଦାନ ଭଳି କେତୋଟି ଅତିରିକ୍ତ କାର୍ଯ୍ୟ ମଧ୍ୟ ନିୟନ୍ତ୍ରକମାନେ କରୁଥିଲେ । ଏ ସମସ୍ତ କାର୍ଯ୍ୟର ମିଶ୍ରଣ ନିୟନ୍ତ୍ରକ ପଦବୀକୁ ଖୁବ୍ କ୍ଷମତାଶାଳୀ କରିଦେଇ ଥିଲା । ଆଦି ଗଣରାଜ୍ୟରେ କେବଳ ଅଭିଜାତ ପ୍ରଧାନତଃ ପୂର୍ବତନ କନସଲମାନେ ନିୟନ୍ତ୍ରକ ରୂପେ ନିର୍ବାଚିତ ହୋଇପାରୁ ଥିଲେ । ପରବର୍ତ୍ତୀ କାଳରେ କନସଲ ପଦବୀ ଭଳି ନିୟନ୍ତ୍ରକ ପଦବୀ ପାଇଁ ମଧ୍ୟ ପ୍ଲେବିଅନମାନେ ଯୋଗ୍ୟ ବିବେଚିତ ହେଲେ । କନସଲ ଓ ନିୟନ୍ତ୍ରକ ସଙ୍ଗକୁ ଅନେକ କନିଷ୍ଠ ଦଣ୍ଡଧର ପଦବୀ ମଧ୍ୟ ରହିଥିଲା; ଯଥା- ପୂର୍ତ୍ତାଧ୍ୟକ୍ଷ *(Aedile)* ଓ କୋଷାଧ୍ୟକ୍ଷ *(Quaestor)* । ଏମାନେ ମଧ୍ୟ ନିର୍ବାଚିତ ହେଉଥିଲେ । ସମସ୍ତ ଦଣ୍ଡଧର ଥିଲେ ଅବୈତନିକ ଅର୍ଥାତ୍ ରାଷ୍ଟ୍ରଠାରୁ ସେମାନେ କୌଣସି ମାନଦେୟ ଗ୍ରହଣ କରୁ ନ ଥିଲେ ।

### ୧.୩.୩ ଅଭିଜାତ ଓ ସାଧାରଣଙ୍କ ସଂଗ୍ରାମ

ଆଦି ଗଣରାଜ୍ୟର ଇତିହାସ ଭୂସ୍ୱାମୀ ଅଭିଜାତ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ନିରନ୍ତର ସଂଗ୍ରାମ ଦ୍ୱାରା ଚିହ୍ନିତ । ଏକ ପକ୍ଷରେ ପାଟ୍ରିସିଅନ ବା ଅଭିଜାତମାନେ ନିଜ ହାତରେ ସକଳ ରାଜନୀତିକ କ୍ଷମତା ଠୁଳ କରିବାକୁ ପ୍ରୟାସୀ ଥିବା ବେଳେ ଅପର ପକ୍ଷରେ ପ୍ଲେବିଅନ ବା ସାଧାରଣ ଜନତା ନିଜକୁ ଜାହିର କରିବା ଆରମ୍ଭ କଲେ ଏବଂ ରାଜନୀତିକ ପ୍ରକ୍ରିୟାରେ ସେମାନଙ୍କର ମଧ୍ୟ ଭାଗିଦାରୀ ରହିବା ଉଚିତ ବୋଲି ଦାବୀ କଲେ । ଗଣରାଜ୍ୟ ପ୍ରତିଷ୍ଠା ପରେ ଅଭିଜାତମାନଙ୍କ ଦ୍ୱାରା ଉଦ୍ଭୁତ ବ୍ୟବସ୍ଥା ଶାସନରେ ସାଧାରଣ ଜନତାଙ୍କ କୌଣସି ଭୂମିକାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରୁଥିଲା । କିନ୍ତୁ କୃଷକକୁଳକୁ ଅବଜ୍ଞା କରିବା କାହିଁକି ସହଜସାଧ୍ୟ ନ ଥିଲା କଳନା କରିବା ଆଦୌ ଆୟାସସାଧ୍ୟ ନୁହେ । ନଗରର ସୁରକ୍ଷା ଏବଂ ପରବର୍ତ୍ତୀ କାଳରେ ଇଟାଲୀରେ ବିସ୍ତାର ପାଇଁ ରୋମୀୟ ଅଭିଜାତ ବର୍ଗ କୃଷକକୁଳର ସହାୟତା ଲୋଡୁଥିଲେ । ରୋମୀୟ ସାମରିକ ସଂଗଠନ କୃଷକଙ୍କ ଉପରେ ଖୁବ୍ ନିର୍ଭରଶୀଳ ଥିଲା । କାରଣ ଏହାର ଯୋଦ୍ଧୃ ବାହିନୀ ପ୍ରଧାନତଃ କୃଷକଙ୍କୁ ନେଇ ଗଠିତ ହୋଇଥିଲା । ସେନାରେ ସମାବିଷ୍ଟ ଅବୈତନିକ ସୈନ୍ୟମାନେ ଥିଲେ ମୁଖ୍ୟତଃ କୃଷକ । ସୈନ୍ୟମାନଙ୍କୁ ନିଜ ଯୁଦ୍ଧୋପକରଣ ନିଜେ ଯୋଗାଡ଼ କରିବାକୁ ପଡୁଥିଲା । ସମସ୍ତ ସମର୍ଥ ବୟଃପ୍ରାପ୍ତ ପୁରୁଷ ସାମରିକ

ସେବା ପ୍ରଦାନ କରିବା ଅନିବାର୍ଯ୍ୟ ଥିଲା । ଆମେ ଦେଖିଛେ ଯେ ଗ୍ରୀସରେ ମଧ୍ୟ ସାମରିକ ସଂଗଠନର ଢାଞ୍ଚା ଏଇଭଳି ଥିଲା । ରୋମର ବିସ୍ତାର ଆରମ୍ଭ ହେବା ସହ କୃଷକସୈନିକଙ୍କ ସହାୟତା ଅଧିକ ଆବଶ୍ୟକ ବୋଲି ଅନୁଭୂତ ହେଲା । ପ୍ରାରମ୍ଭରେ କୃଷକକୁଳ ବିସ୍ତାରର କେତେକ ସାମାନ୍ୟ ଫାଇଦା ଲାଭ କଲେ । କିନ୍ତୁ ଅଭିଜାତମାନେ ଥିଲେ ସାମ୍ରାଜ୍ୟର ପ୍ରଧାନ ଲାଭାର୍ଥୀ । ସାମ୍ରାଜ୍ୟର ଅଭିବୃଦ୍ଧି ଅଭିଜାତଙ୍କୁ ଖୁବ୍ ସମ୍ପଦବାନ କଲା ଏବଂ ଧନୀ ଓ ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ଅଧିକ ପ୍ରଶସ୍ତ ହେଲା । ରୋମୀୟ ବିସ୍ତାରର ଆଦି ପର୍ଯ୍ୟାୟରେ କୃଷକକୁଳ ପ୍ରଧାନ ରାଜନୀତିକ ସୁବିଧା ହାସଲ କରିବାକୁ ସମର୍ଥ ହେଲେ । ଏଇ ସୁବିଧାଗୁଡ଼ିକ ମାଧ୍ୟମରେ ପ୍ଲେବିଅନଙ୍କ ଏକ କ୍ଷୁଦ୍ର ଗୋଷ୍ଠୀ – କୃଷିକମାନେ ଥିଲେ ନିତ୍ୟ ପ୍ଲେବିଅନ- ରାଜନୀତିକ କ୍ଷମତାରେ କିଛି ଅଂଶ ପ୍ରାପ୍ତ ହେଲେ ।

### ୧.୩.୪ ସମ୍ମେଳନ

ପ୍ଲେବିଅନମାନେ ରୋମୀୟ ସାମରିକ ସଂରଚନାରେ ନିର୍ବାହ କରୁଥିବା ଭୂମିକା ଦୃଷ୍ଟିରୁ ଦାବୀ ହାସଲ ପାଇଁ ସଂଗ୍ରାମ ନିମିତ୍ତ ନିଜକୁ ସଫଳ ଭାବେ ସଂଗଠିତ କରିବାରେ ସମର୍ଥ ହେଲେ । ରୋମ ନଗରୀର ରାଜନୀତିକ ବ୍ୟବସ୍ଥାରେ ରାଜତନ୍ତ୍ର କାଳରୁ ଏକ ଜନଜାତୀୟ ସମ୍ମେଳନ *(Assembly)* ଅନ୍ତର୍ଭୁକ୍ତ ଥିଲା । ଏ ସମ୍ମେଳନର ସଦସ୍ୟମାନେ ଥିଲେ ମୂଳତଃ ରୋମ ନିବାସୀ ଜନଜାତିମାନଙ୍କ ସମସ୍ତ ପ୍ରାପ୍ତବୟସ୍କ ପୁରୁଷ ।

#### ୧.୩.୪.୧ ଜନଗୋଷ୍ଠୀ ସମିତି

ରୋମୀୟ ସମ୍ମେଳନ ଅର୍ଥାତ୍ ସମସ୍ତ ନାଗରିକଙ୍କ ସମ୍ମେଳନକୁ ଜନଗୋଷ୍ଠୀ ସମିତି ବା କମିଟିଆ କ୍ୟୁରିଆଟା *(Comitia Curiata)* କୁହାଯାଉ ଥିଲା । ଅଭିଜାତମାନଙ୍କ କ୍ଷମତା ଅଧିକାର ଏବଂ ଏକ ଅଳ୍ପଜନତନ୍ତ୍ର ରାଷ୍ଟ୍ର ପ୍ରତିଷ୍ଠା ପରେ ଜନଗୋଷ୍ଠୀ ସମିତି କାର୍ଯ୍ୟ କରିବା ଊଣା ଅଧିକେ ବନ୍ଦ ହୋଇଯାଇ ଥିଲା । ଏହାର ଔପଚାରିକ ଅସ୍ତିତ୍ୱ ରହିଥିଲା; କିନ୍ତୁ ବାସ୍ତବ କ୍ଷମତା ନ ଥିଲା ।

ଜନଗୋଷ୍ଠୀ ସମିତି ମୂଳ ରୋମ ନିବାସୀ ବିଭକ୍ତ ହୋଇଥିବା ରକ୍ତସମ୍ବନ୍ଧ ଭିତ୍ତିକ ସାମାଜିକ ଏକକ କ୍ୟୁରିଆ ଆଧାରରେ ସଂଗଠିତ ହୋଇଥିଲା । କ୍ୟୁରିଆ ଥିଲା ସମ୍ପ୍ରସାରିତ କୁଟୁମ୍ବ । ଉଭୟ ଅଭିଜାତ ଓ

ସାଧାରଣ ଏହାର ଅନ୍ତର୍ଭୁକ୍ତ ଥିଲେ । ଆମ ପାଖରେ ଉପଲବ୍ଧ ସୂଚନା ଅନୁସାରେ ଆଦି ଗଣରାଜ୍ୟରେ କ୍ୟୁରିଆ ସଂଖ୍ୟା ଥିଲା ତିରିଶି । ତିନୋଟି ଜନଜାତିରେ ତିରିଶିଟି ଗୋଷ୍ଠୀ ରହିଥିଲା । ପ୍ରତ୍ୟେକ ଜନଜାତିର ଦଶଟି କ୍ୟୁରିଆ ରହିଥିଲା । ଉପଯୁକ୍ତ ଅଧକ୍ଷ ମନୋନୟନ କରି ଅଭିଜାତମାନେ ଜନଗୋଷ୍ଠୀ ସମିତିର କାର୍ଯ୍ୟକ୍ରମକୁ ନିୟନ୍ତ୍ରଣରେ ରଖିବାକୁ ସମର୍ଥ ହେଉଥିଲେ । ସମ୍ମେଳନରେ ମତଦାନର ଆଧାର 'ଜଣେ ସଦସ୍ୟ ଗୋଟିଏ ମତ' *('one man, one vote')* ନ ଥିଲା । ପ୍ରତ୍ୟେକ କ୍ୟୁରିଆ ସାମୂହିକ ମତଦାନ କରୁଥିଲା । ଅତଏବ ସାମଗ୍ରିକ ଭାବେ କ୍ୟୁରିଆର ମତାମତ ହିଁ ପ୍ରକାଶ ପାଉଥିଲା । ରକ୍ତସମ୍ବନ୍ଧ ବନ୍ଧନର ଉପଯୋଗରେ ଅଭିଜାତମାନେ ନିଜ ନିଜ କ୍ୟୁରିଆର ମତାମତକୁ ପ୍ରଭାବିତ କରିବାରେ ସମର୍ଥ ହେଉଥିଲେ । ସେମାନେ ସମଗ୍ର କ୍ୟୁରିଆ ତରଫରୁ କହିପାରୁ ଥିଲେ । ଏହିପରି ଅଧିକାଂଶ ନାଗରିକ କେବଳ ଦର୍ଶକ ହୋଇ ରହିଯାଉ ଥିଲେ । କ୍ରମଶଃ ବହୁ ସଂଖ୍ୟାରେ ସଦସ୍ୟଙ୍କ ଅଂଶଗ୍ରହଣ ଏତେ ଅପ୍ରାସଙ୍ଗିକ ହୋଇଗଲା ଯେ ପ୍ରତ୍ୟେକ କ୍ୟୁରିଆ ସମ୍ମେଳନର ଅଧିବେଶନରେ ଉପସ୍ଥିତ ରହି ମତଦାନ କରିବାକୁ ଜଣେ ଜଣେ ଆନୁଷ୍ଠାନିକ ପ୍ରତିନିଧି ପ୍ରେରଣ କରିବାକୁ ଲାଗିଲେ ।

ଜନଗୋଷ୍ଠୀ ସମିତିର ସମତାବାଦୀ ପ୍ରକୃତି ଦୃଷ୍ଟିରୁ ଏଥିରେ ପ୍ଲେବିଅନମାନଙ୍କ ସ୍ୱାର୍ଥ ପ୍ରତିଫଳିତ ହେବାର ପ୍ରତ୍ୟାଶା ଥିଲା କ୍ୱଚିତ୍ । ସେମାନଙ୍କ ବର୍ଦ୍ଧିଷ୍ଣୁ ଚାପର ଫଳ ସ୍ୱରୂପ ଏକ ନୂତନ ସମ୍ମେଳନ ଗଠନ ପାଇଁ ନାଗରିକ ଗୋଷ୍ଠୀକୁ ପୁନଃବର୍ଗୀକୃତ କରାଗଲା । ଏ ନୂତନ ସମ୍ମେଳନକୁ ଶତକ ସମିତି କୁହାଗଲା ।

### ୧.୩.୪.୨ ଶତକ ସମିତି

ଜନଗୋଷ୍ଠୀ ସମିତି ଭଳି ଶତକ ସମିତି ମଧ୍ୟ ସକଳ ରୋମ ନାଗରିକଙ୍କ ଏକ ସମ୍ମେଳନ ଥିଲା । ଏ ଦୁଇଟି ମଧ୍ୟରେ କିନ୍ତୁ ନାଗରିକ ଗୋଷ୍ଠୀ ଗଠନକୁ ନେଇ ପାର୍ଥକ୍ୟ ରହିଥିଲା । ଶତକ ସମିତିରେ ନାଗରିକମାନଙ୍କୁ 'ଶତକ' ଭିତ୍ତିରେ ବର୍ଗବଦ୍ଧ କରାଗଲା । ରୋମୀୟ ସେନାର କ୍ଷୁଦ୍ରତମ ଏକକ ଥିଲା ଶତକ । ବସ୍ତୁତଃ ସଂଖ୍ୟାରେ ଭିନ୍ନତା ସତ୍ତ୍ୱେ ଶବ୍ଦଟି ସୂଚାଉଥିବା ଭଳି ଏଥିରେ ଶହେ ଜଣ ସୈନିକ ରହିବା ଥିଲା ପ୍ରତ୍ୟାଶିତ । ପ୍ରାରମ୍ଭ କାଳରେ ଶତକ ସମିତିର ସାଦୃଶ୍ୟ ସେନାର ବିନ୍ୟାସ ସହ ରହିଥିଲା । ଶତକ ସଂଖ୍ୟା ଥିଲା ମୋଟରେ ୧୯୩ । ସମଗ୍ର ୧୯୩ଟି ଶତକକୁ ପାଞ୍ଚଟି ଶ୍ରେଣୀରେ

ବର୍ଗବଦ୍ଧ କରାଯାଇ ଥିଲା । ଶ୍ରେଣୀ ଗଠନର ଆଧାର ଥିଲା ସମ୍ପଦଗତ ଯୋଗ୍ୟତା । ପାଞ୍ଚଟି ଶ୍ରେଣୀରେ ୧୯୩ଟି ଶତକର ସମବଣ୍ଟନ କରାଯାଇ ନ ଥିଲା । ପ୍ରଥମ ତିନୋଟି ଶ୍ରେଣୀରେ ସର୍ବାଧିକ ସଂଖ୍ୟକ ଶତକ ଅବସ୍ଥାପିତ ହୋଇଥିଲା । ଏଗୁଡ଼ିକ ଥିଲା ଅଭିଜାତ ଏବଂ ବୃହତ୍ ଭୂସ୍ୱାମୀଙ୍କ ଶ୍ରେଣୀ । ଶତକ ଥିଲା ଏକ ଭାବବାଚକ ଏକକ । ପ୍ରତ୍ୟେକ ଶତକରେ ନାଗରିକ ସଂଖ୍ୟା ସମାନ ନ ଥିଲା । ପ୍ରଥମ ଦୁଇ ଶ୍ରେଣୀର ଶତକଗୁଡ଼ିକରେ ନାଗରିକ ସଂଖ୍ୟା ଥିଲା ଖୁବ୍ କମ୍ । ଅପର ପକ୍ଷରେ ଥିଲେ ଧନହୀନ ନାଗରିକ । ଏମାନଙ୍କୁ ଶ୍ରମଜୀବୀ ବା ପ୍ରୋଲିଟାରି *(Proletary)* କୁହାଯାଉ ଥିଲା । ପ୍ରୋଲିଟାରିମାନେ ସର୍ବନିମ୍ନ ଶ୍ରେଣୀରେ ଅବସ୍ଥାପିତ ହୋଇଥିଲେ । ସଂଖ୍ୟା ଦୃଷ୍ଟିରୁ ଅତ୍ୟନ୍ତ ବିଶାଳ ହୋଇଥିଲେ ସୁଦ୍ଧା ଏମାନଙ୍କୁ ମାତ୍ର ଗୋଟିଏ ଶତକ ଦିଆଯାଇ ଥିଲା । ଏ ଧରଣର ବର୍ଗୀକରଣରେ ଦରିଦ୍ରତର ନାଗରିକର ସମ୍ମେଳନରେ ଅଂଶଗ୍ରହଣ ଥିଲା ମୋଟାମୋଟି ଅର୍ଥଶୂନ୍ୟ । ଶତକ ସମିତିର ମତଦାନର ଏକକ ଥିଲା ଶତକ । ପ୍ରତ୍ୟେକ ଶତକର ଗୋଟିଏ ମତ ରହିଥିଲା । 'ଜଣେ ବ୍ୟକ୍ତି ଗୋଟିଏ ମତ' ନୀତି ଅନୁସୃତ ହେଉ ନ ଥିଲା । ସଂଖ୍ୟା ଦୃଷ୍ଟିରୁ ସଂଖ୍ୟାଲଘୁ ହୋଇଥିଲେ ସୁଦ୍ଧା ଅଭିଜାତ ଓ ବୃହତ୍ ଭୂସ୍ୱାମୀଙ୍କ ଭୋଟ ସଂଖ୍ୟା ଥିଲା ଅଧିକ । ସମ୍ମେଳନର କାର୍ଯ୍ୟକ୍ରମ ଓ କାର୍ଯ୍ୟପଦ୍ଧତି ମଧ୍ୟ ଅଭିଜାତମାନଙ୍କ କଠୋର ନିୟନ୍ତ୍ରଣରେ ରହିଥିଲା ।

ପ୍ରାୟ ଖ୍ରୀ.ପୂ. ୪୫୦ ବେଳକୁ ଶତକ ସମିତି ଗଠିତ ହେଲା ଅଥବା ମହତ୍ୱ ଲାଭ କଲା । ଗଣରାଜ୍ୟର ଅଧିକାଂଶ ଆୟୁଷ୍କାଳରେ ଏହା ଥିଲା ନାଗରିକଙ୍କ ପ୍ରଧାନ ସମ୍ମେଳନ । କନସଲ ଓ ନିୟନ୍ତ୍ରକମାନେ ଏହା ଦ୍ୱାରା ନିର୍ବାଚିତ ହେଉଥିଲେ । ସମସ୍ତ ବିଧାନ ଏହା ଦ୍ୱାରା ଅନୁମୋଦିତ ହେବା ଥିଲା ଅନିବାର୍ଯ୍ୟ । ଯୁଦ୍ଧ ଓ ଶାନ୍ତି ଥିଲା ଏ ସମ୍ମେଳନର ବିଶେଷାଧିକାର । ଏଣିକି ଅଳ୍ପ କେତୋଟି ସାମାଜିକ ଓ ଧାର୍ମିକ ବିଷୟର ତତ୍ତ୍ୱାବଧାନ ହିଁ ଜନଗୋଷ୍ଠୀ ସମିତିର ଦାୟିତ୍ୱରେ ପରିଣତ ହେଲା ।

### ୧.୩.୪.୩ ସାଧାରଣ ପରିଷଦ

ଜନଗୋଷ୍ଠୀ ସମିତି ଓ ଶତକ ସମିତି ରୋମର ସମସ୍ତ ନାଗରିକଙ୍କ ସମ୍ମେଳନ ହୋଇଥିବା ବେଳେ କେବଳ ପ୍ଲେବିଅନମାନଙ୍କୁ ନେଇ ଗଠିତ ଏକ ସମ୍ମେଳନ ମଧ୍ୟ ରହିଥିଲା । ଏହାକୁ ସାଧାରଣ ପରିଷଦ *(concilium plebis)* କୁହାଯାଉ ଥିଲା । ସାଧାରଣ ଜନତା ବା ପ୍ଲେବିଅନମାନଙ୍କ ପ୍ରାସଙ୍ଗିକ ବିଷୟମାନ ଏଠାରେ ଆଲୋଚିତ ହେଉଥିଲା । ଅଳ୍ପ କାଳ ମଧ୍ୟରେ ସାଧାରଣ ପରିଷଦ ଆନୁଷ୍ଠାନିକ

ରୂପ ନେଲା ଏବଂ ନିଜ ସଂରଚନାର ବିକାଶ ନିଜେ ଘଟାଇଲା । ଏହାର ସ୍ୱକୀୟ କାର୍ଯ୍ୟପଦ୍ଧତି ରହିଥିଲା; ନିଜର କର୍ମକର୍ତ୍ତା ନିର୍ବାଚନର ଅଧିକାର ମଧ୍ୟ ଥିଲା । ଖ୍ରୀ.ପୂ. ୪୯୪ରେ ପ୍ଲେବିଅନମାନଙ୍କ ମୁଖପାତ୍ର ରୂପେ ସାଧାରଣ ପରିଷଦ ନିର୍ବାଚନ କରିଥିବା ଦୁଇ ଅଧିକାରୀ ବା ଟ୍ରିବ୍ୟୁନଙ୍କୁ ଔପଚାରିକ ସ୍ୱୀକୃତି ଦେବାକୁ ପ୍ଲେବିଅନମାନେ ରୋମ ରାଷ୍ଟ୍ରକୁ ବାଧ କରିଥିଲେ । ସମୟକ୍ରମେ ଟ୍ରିବ୍ୟୁନମାନଙ୍କ ଦାୟିତ୍ୱ ବହୁଗୁଣିତ ହେଲା । ପରିଣାମ ସ୍ୱରୂପ ଏ ପଦବୀଧାରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟିଲା । ଖ୍ରୀ.ପୂ. ୪୪୮ ବେଳକୁ ଦଶ ଜଣ ଟ୍ରିବ୍ୟୁନ ରହିଥିଲେ । ଟ୍ରିବ୍ୟୁନମାନେ ବାର୍ଷିକ ଭିତ୍ତିରେ ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ହେଉଥିଲେ । ସମ୍ପଦଶାଳୀ ପ୍ଲେବିଅନମାନଙ୍କ ପାଇଁ ଏହା ଏକ ବହୁ ଆକାଙ୍‌କ୍ଷିତ ପଦବୀରେ ପରିଣତ ହେଲା । ଜଣେ ପ୍ଲେବିଅନଙ୍କ ପାଇଁ ଟ୍ରିବ୍ୟୁନ ନିର୍ବାଚିତ ହେବାର ଅର୍ଥ ଥିଲା ରାଜନୀତିକ କ୍ଷମତା ଅଳିନ୍ଦରେ କିଛି ଦୂର ପର୍ଯ୍ୟନ୍ତ ପ୍ରବେଶାନୁମତି ଯାହା ଗଣରାଜ୍ୟର ପ୍ରାରମ୍ଭରେ ଥିଲା ଅସମ୍ଭବ ବ୍ୟାପାର ।

### ୧.୩.୫ ଅନୁକ୍ରମ ମଧ୍ୟରେ ସଂଘର୍ଷ

ପ୍ରାଚୀନ ରୋମ ଇତିହାସର ପାରମ୍ପରିକ କାଳ ବିଭାଜନରେ ଖ୍ରୀ.ପୂ. ୫୧୦ରୁ ଖ୍ରୀ.ପୂ. ୨୮୭ ପର୍ଯ୍ୟନ୍ତ ପରିବ୍ୟାପ୍ତ ପାଖାପାଖି ଦୁଇ ଶତାବ୍ଦୀକୁ 'ଅନୁକ୍ରମ ମଧ୍ୟରେ ସଂଘର୍ଷ' *(conflict of the orders)* କାଳ ରୂପେ ଅଭିହିତ କରାଯାଏ । ଖ୍ରୀ.ପୂ. ୪୯୪ରେ ଟ୍ରିବ୍ୟୁନମାନଙ୍କୁ ଦିଆଯାଇ ଥିବା ସ୍ୱୀକୃତି ଏ ସଂଘର୍ଷରେ ଏକ ମହତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏ ଘଟଣା ପରେ ପ୍ଲେବିଅନମାନଙ୍କ ସଂଗ୍ରାମରେ ଆଉ ଚାରୋଟି ବିଶିଷ୍ଟ ଘଟଣା ଘଟିଥିଲା ।

୧. ପ୍ଲେବିଅନମାନଙ୍କ ଏକ ପ୍ରମୁଖ ଦାବୀ ଥିଲା ଯେ ନ୍ୟାୟିକ କ୍ଷମତାର ଯାଦୃଚ୍ଛିକ ପ୍ରୟୋଗରେ ଅଙ୍କୁଶ ନିମିତ୍ତ ଏକ ଲିଖିତ ଆଇନ ସଂହିତା ରହିବା ଉଚିତ । ଲିଖିତ ଆଇନ ଅଭାବରୁ ଅଭିଜାତମାନେ ସେମାନଙ୍କ ନ୍ୟାୟିକ କ୍ଷମତାର ଲଗାତାର ଦୁରୁପଯୋଗ କରୁଥିଲେ । ସିନେଟ ରୋମ ରାଷ୍ଟ୍ର ପାଇଁ ଯଥୋଚିତ ବିଧି ସଂରଚନା ପ୍ରଣୟନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ପ୍ଲେବିଅନମାନେ ସାମରିକ ସେବା କରିବେ ନାହିଁ ବୋଲି ଧମକ ଦେଲେ । ସିନେଟ ଅପ୍ପିୟସ କ୍ଲଡିୟସଙ୍କ ଅଧ୍ୟକ୍ଷତାରେ ଏକ ଦଶ ସଦସ୍ୟ ବିଶିଷ୍ଟ ଆୟୋଗ ଗଠନ କଲା ।

ଆୟୋଗ ରୋମୀୟମାନଙ୍କ ପାଇଁ ଏକ କିତା ଆଇନ ପ୍ରସ୍ତୁତ କଲେ । ଏ ଆଇନ ସମୁଚ୍ଚୟ ଦ୍ୱାଦଶ ସାରଣୀ ସଂହିତା *(Code of the Twelve Tables)* ନାମରେ ବିଦିତ । ଖ୍ରୀ.ପୂ. ୪୫୦ରେ ଶତକ ସମିତି ପ୍ରତିଷ୍ଠାର ପ୍ରାୟ ସମକାଳରେ ଏ ଆଇନ ପ୍ରବର୍ତ୍ତିତ ହେଲା । ଦ୍ୱାଦଶ ସାରଣୀ ଥିଲା ରୋମୀୟ ଆଇନର ଆଧାର । ଦୁର୍ଭାଗ୍ୟବଶତଃ ଦ୍ୱାଦଶ ସାରଣୀ ସମ୍ପୂର୍ଣ୍ଣ ରୂପରେ ଉପଲବ୍ଧ ନୁହେ । ଏ ସଂହିତା ପ୍ରଣୟନ ଫଳରେ ଅଭିଜାତମାନଙ୍କ ଦ୍ୱାରା ନ୍ୟାୟିକ କ୍ଷମତାର ଯାଦୃଚ୍ଛିକ ପ୍ରୟୋଗର ଅବକାଶ ହ୍ରାସ ପାଇଲା ।

୨. ଦ୍ୱିତୀୟ ବିଶିଷ୍ଟ ଘଟଣା ଥିଲା ଖ୍ରୀ.ପୂ. ୩୬୭ରେ ପ୍ଲେବିଅନମାନଙ୍କ ପାଇଁ ଗୋଟିଏ କନସଲର ବ୍ୟବସ୍ଥା । ତେବେ କନସଲ ପଦବୀକୁ ଜଣେ ପ୍ଲେବିଅନଙ୍କ ବାସ୍ତବ ନିର୍ବାଚନ ଏକ ବହୁ ପରବର୍ତ୍ତୀ ଘଟଣା । କାରଣ ସଂଖ୍ୟାଗରିଷ୍ଠ ଅଭିଜାତ ସଦସ୍ୟ ଥିବା ଶତକ ସମିତି ଦ୍ୱାରା କନସଲ ନିର୍ବାଚିତ ହେଉଥିଲେ ଏବଂ ପ୍ରାର୍ଥୀଙ୍କ ନାମ ସିନେଟ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତାବିତ ହେଉଥିଲା । ଅତଏବ ରୋମ ରାଷ୍ଟ୍ରର ସର୍ବୋଚ୍ଚ ପଦବୀକୁ ନିର୍ବାଚିତ ହେବା ଜଣେ ପ୍ଲେବିଅନଙ୍କ ପକ୍ଷେ ସହଜସାଧ ନ ଥିଲା । ଗଣରାଜ୍ୟର ଶେଷ ଶହେ ବର୍ଷରେ ହିଁ ନିୟମିତ ଭାବେ ପ୍ଲେବିଅନମାନେ କନସଲ ପଦବୀ ଅଧିକାର କରିବା ଆରମ୍ଭ କଲେ । କନସଲ ପଦବୀ ବଳରେ ପ୍ଲେବିଅନ ଜଣକ ସିନେଟର ସଦସ୍ୟ ହୋଇପାରିଲେ । ଏଇ ମାର୍ଗର ଉପଯୋଗ କରି ସିନେଟ ସଦସ୍ୟତା ଲାଭ କରିଥିବା ମୁଷ୍ଟିମେୟ ପ୍ଲେବିଅନ ପରିବାର ପରବର୍ତ୍ତୀ ଗଣରାଜ୍ୟରେ ଆଧିପତ୍ୟ ବିସ୍ତାର କଲେ; ଯଥା- ଗ୍ରଚ୍ଛସ ଭ୍ରାତୃବୃନ୍ଦ, ମାର୍କ ଆଣ୍ଟୋନି ।

୩. ଖ୍ରୀ.ପୂ. ୩୨୬ରେ ଅନ୍ୟ ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ସଂସ୍କାର ପ୍ରବର୍ତ୍ତିତ ହେଲା । ଔପଚାରିକ ଚୁକ୍ତିନାମା*(Nexum)*ର କଠୋର ପ୍ରବର୍ତ୍ତନ ସମ୍ବନ୍ଧିତ ରୋମୀୟ ଆଇନ ବ୍ୟବସ୍ଥା ଥିଲା ଭୟଙ୍କର । ବିଧିବତ୍ ଋଣଚୁକ୍ତି ସମ୍ପାଦନ ବେଳେ ଜଣେ ରୋମୀୟ ଋଣକର୍ତ୍ତା ପ୍ରତିଭୂ ସ୍ୱରୂପ ବ୍ୟକ୍ତିଗତ ବନ୍ଧକ ରହୁଥିଲେ । ଚୁକ୍ତି ଖିଲାପ କଲେ ଋଣ ଦାସତ୍ୱରେ ପରିଣତ ହେଉଥିଲା । ବାରଂବାର ଯୁଦ୍ଧରେ ଅଂଶଗ୍ରହଣ ଏବଂ ବିବିଧ ଆର୍ଥିକ ଆବଶ୍ୟକତା ପରିପୂରଣ ଲାଗି କରାଯାଉ ଥିବା ନିୟମିତ ଋଣ ଯୋଗୁଁ ଋଣଗ୍ରସ୍ତତା ଥିଲା କୃଷକକୁଳର ଏକ ଚିରନ୍ତନ

ସମସ୍ୟା । କୃଷକ ଏବଂ ଅପର ଦରିଦ୍ର ବ୍ୟକ୍ତି ଋଣ ସୁଝାଣରେ ଅସମର୍ଥ ହେଲେ ଦାସରେ ପରିଣତ ହେଉଥିଲେ । ଏହିପରି ଔପଚାରିକ ଚୁକ୍ତିପତ୍ର ବା ନେକ୍‌ସମ ମୁକ୍ତ କୃଷକକୁ ବନ୍ଧ ଶ୍ରମିକରେ ପରିଣତ କରିବା ଲାଗି ବୃହତ୍ ଭୂସ୍ୱାମୀଙ୍କ ହାତରେ ଏକ ସଂଯନ୍ତ୍ରରେ ପରିଣତ ହୋଇଥିଲା । ଅତଏବ ନେକ୍‌ସମ ଉଚ୍ଛେଦ ଥିଲା ପ୍ଲେବିଅନମାନଙ୍କ ପାଇଁ ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବିଷୟ । ଖ୍ରୀ.ପୂ. ୩୨୬ରେ ଋଣ ସୁଝିବାରେ ଅସମର୍ଥ ରୋମ ନାଗରିକଙ୍କ ଦାସତ୍ୱକୁ ନିଷିଦ୍ଧ କରି ଏକ ଆଇନ ପ୍ରଣୀତ ହେଲା ।

୪. ଅନୁକ୍ରମ ମଧ୍ୟରେ ସଂଘର୍ଷର ଚତୁର୍ଥ ବିଶିଷ୍ଟ ଏବଂ ଆଦି ଗଣରାଜ୍ୟରେ ରାଜନୀତିକ ଦୃଷ୍ଟିକୋଣରୁ ସର୍ବାଧିକ ମହତ୍ୱପୂର୍ଣ୍ଣ ଘଟଣା ଥିଲା ଖ୍ରୀ.ପୂ. ୨୮୭ରେ ନିଆଯାଇ ଥିବା ଏକ ପଦକ୍ଷେପ । ଏହା ଫଳରେ ପ୍ଲେବିଅନ ଟ୍ରିବ୍ୟୁନମାନଙ୍କୁ ପୂର୍ଣ୍ଣାଙ୍ଗ ଦଣ୍ଡଧର*(Magistrate)* କ୍ଷମତା ପ୍ରାପ୍ତ ହେଲା । ସମ୍ଭବତଃ ଏ ସମୟରେ ରୋମ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହୋଇଥିଲା । ଏହାର ଚରମ ବିନ୍ଦୁ ଥିଲା ସାମରିକ ସେବାରୁ ନିବୃତ୍ତି ପାଇଁ ପ୍ଲେବିଅନମାନଙ୍କ ଆଉ ଏକ ଧମକ । ଦକ୍ଷିଣ ଇଟାଲୀର ଗ୍ରୀକ ରାଜ୍ୟମାନଙ୍କୁ ପରାଭୂତ କରିବା ଯୋଜନାର ସମକାଳରେ ଏ ରାଜନୀତିକ ସଙ୍କଟ ଉପୁଜି ଥିଲା । ଖ୍ରୀ.ପୂ. ୨୮୭ର ଏକ ଆଇନ ବଳରେ ସାଧାରଣ ପରିଷଦ*(concilium plebis)*ର ନିଷ୍ପତ୍ତି ରୋମ ରାଷ୍ଟ୍ର ପାଇଁ ବାଧ୍ୟତାମୂଳକ କରାଗଲା । ଏଣିକି ରୋମ ରାଷ୍ଟ୍ରର ପୂର୍ଣ୍ଣ ଅନୁମୋଦନ ସହ ସାଧାରଣ ପରିଷଦର ନିଷ୍ପତ୍ତି ପ୍ରବର୍ତ୍ତନ ଏବଂ ବିରୋଧାଚରଣ ନିମିତ୍ତ ଦଣ୍ଡ ପ୍ରଦାନ ପାଇଁ ଟ୍ରିବ୍ୟୁନମାନେ ଅଧିକୃତ ହେଲେ । ଏ ବିଧାନ ଫଳରେ ସାଧାରଣ ପରିଷଦର ବାସ୍ତବ କ୍ଷମତା ଅତି ମାତ୍ରାରେ ବୃଦ୍ଧି ପ୍ରାପ୍ତ ହେଲା । ଏହାର ନିଷ୍ପତ୍ତି ପୂର୍ଣ୍ଣ ବୈଧାନିକ କର୍ତ୍ତୃତ୍ୱ ହାସଲ କଲା । ପରିଣାମ ସ୍ୱରୂପ ଟ୍ରିବ୍ୟୁନମାନେ ଶକ୍ତିଶାଳୀ ଦଣ୍ଡଧର*(Magistrate)*ରେ ପରିଣତ ହେଲେ । କୁହାଯାଏ ଯେ ଖ୍ରୀ.ପୂ. ୨୮୭ର ଘଟଣାବଳୀ ଅନୁକ୍ରମର ସଂଘର୍ଷରେ ଏକ ପୂର୍ଣ୍ଣଚ୍ଛେଦ ଅଙ୍କନ କଲା ।

ତେବେ ମହତ୍ୱପୂର୍ଣ୍ଣ ବିଷୟ ଏହି ଯେ ସଦସ୍ୟତାରେ ଅଭିଜାତମାନଙ୍କ ପ୍ରାଧାନ୍ୟ ରହିଥିବା ସିନେଟ କେବେ ମଧ୍ୟ ରୋମ ରାଷ୍ଟ୍ରରେ ଏହାର ଶ୍ରେଷ୍ଠ ସ୍ଥିତି ପରିତ୍ୟାଗ କରି ନ ଥିଲା । ରୋମର ରାଷ୍ଟ୍ରୀୟ

ବ୍ୟାପାରରେ ସ୍ୱୀୟ ମତ ଉପସ୍ଥାପନ ପାଇଁ ରୋମ ନାଗରିକମାନଙ୍କ ସମ୍ମେଳନ ସମୂହ ଏବଂ ସାଧାରଣ ପରିଷଦକୁ ଅନୁମତି ଦେଇ ଏହା ସେମାନଙ୍କୁ କେତେକ ସୁବିଧା ପ୍ରଦାନ କରିଥିଲା । କିନ୍ତୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଉପରେ ସିନେଟର ସାମଗ୍ରିକ ନିୟନ୍ତ୍ରଣ ବଜାୟ ରହିଥିଲା । ଏହା ଫଳରେ ନୂତନ ବିରୋଧାଭାସ ଉତ୍ପନ୍ନ ହେଲା ଯାହାର ଅନ୍ତିମ ପରିଣତି ଥିଲା ଗଣରାଜ୍ୟର ବିଲୟ ।

**୧.୩.୬ ସାଧାରଣଙ୍କ ମଧ୍ୟରେ ସାମାଜିକ ବିଭେଦ**

ଗଣରାଜ୍ୟର ପ୍ରାରମ୍ଭ କାଳରେ ପ୍ରାୟ ସମସ୍ତ ପ୍ଲେବିଅନ ଥିଲେ କୃଷକ । ପରବର୍ତ୍ତୀ ଗଣରାଜ୍ୟ ବେଳକୁ ପ୍ଲେବିଅନ ଅନୁକ୍ରମରେ ସାମାଜିକ ବିଭେଦ ପ୍ରବେଶ କରିସାରି ଥିଲା । ଗୋଟିଏ ପକ୍ଷରେ ସାଧାରଣଙ୍କ ମଧ୍ୟରେ କୁଳି ଶିଷ୍ଟଙ୍କର ଉଦ୍ଭବ ଘଟିଲା । ଏ ଶିଷ୍ଟମାନେ କ୍ଷମତା ଓ ସମ୍ପଦରେ ଅଭିଗମ୍ୟତା ଲାଭ ପାଇଁ ରାଜନୀତିକ ସୁବିଧାର ଉପଯୋଗ କଲେ । ସିନେଟର ସଦସ୍ୟତା ଲାଭ କରିଥିବା ମୁଷ୍ଟିମେୟ ପ୍ଲେବିଅନ ପରିବାର ଅସ୍ତିତ୍ୱକୁ ଆସିଲା । ଏମାନେ ଅଭିଜାତ ପାଟ୍ରିସିଅନମାନଙ୍କ ପ୍ରାୟ ସମାନ ମର୍ଯ୍ୟାଦା ଉପଭୋଗ କରୁଥିଲେ । ପରବର୍ତ୍ତୀ ଗଣରାଜ୍ୟ ବେଳକୁ ପ୍ଲେବିଅନମାନଙ୍କ ଏ କ୍ଷୁଦ୍ର ଗୋଷ୍ଠୀ ପୂରାପୂରି ରୋମର ଶାସକ ଅଳ୍ପଜନତନ୍ତ୍ରର ଏକ ଅଂଶରେ ପରିଣତ ହୋଇସାରି ଥିଲା । ପ୍ଲେବିଅନ ଶିଷ୍ଟଙ୍କର ଅବଶିଷ୍ଟ ପ୍ଲେବିଅନମାନଙ୍କ ସହ ସାଧାରଣତ୍ୱ ଥିଲା ଖୁବ୍ କମ୍ । ଏଣିକି କୃଷକମାନଙ୍କ ଅଧିକାର ପାଇଁ ସଂଗ୍ରାମ କରିବାକୁ ଏମାନଙ୍କର ଆଦୌ ଆଗ୍ରହ ନ ଥିଲା ।

ଅପର ପକ୍ଷରେ ରହିଥିଲେ ସମ୍ପଦହୀନ ନାଗରିକ । ଆଦି ଗଣରାଜ୍ୟରେ ପ୍ରାୟ ସମସ୍ତ ପ୍ଲେବିଅନଙ୍କର କିଛି ନା କିଛି ଜମି ରହିଥିଲା । କିନ୍ତୁ ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ବେଳକୁ ସେମାନଙ୍କ ମଧ୍ୟରୁ ଅନେକ ଭୂମିହୀନ ହୋଇ ସାରିଥିଲେ । ଶତକ ସମିତିରେ ସମ୍ପଦହୀନ ନାଗରିକମାନେ ଶ୍ରମଜୀବୀଙ୍କୁ ଆବଣ୍ଟିତ ଏକ ମାତ୍ର ଶତକରେ ଅବସ୍ଥାପିତ ହେଲେ । ପ୍ଲେବିଅନ ଶିଷ୍ଟ ଓ ଭୂମିହୀନ ଶ୍ରେଣୀ ମଧ୍ୟରେ ରହିଥିଲେ କୃଷକକୁଳ । ରୋମୀୟ ପଦାତିକ ବାହିନୀର ବୃହତ୍ ଅଂଶ ଥିଲେ କ୍ଷୁଦ୍ର କୃଷକ ବା ଅସ୍‌ସିଦୁଇ *(Assidui;* ଆକ୍ଷରିକ ଅର୍ଥ ପରିଶ୍ରମୀ, ଅନୁଗତ *)* । ଖ୍ରୀ.ପୂ. ୩୨୬ରେ ଋଣ ବନ୍ଧନ ଉଚ୍ଛେଦ ଫଳରେ ଋଣ ସୁଝାଣରେ ଅସାମର୍ଥ୍ୟ ଯୋଗୁଁ କୃଷକଙ୍କ ଦାସତ୍ୱ ଉପରେ ପ୍ରତିବନ୍ଧକ ଲାଗୁ ହେଲା । ତେବେ କୃଷକମାନେ ଜମି ହରାଇବା ଜାରି ରହିଲା । ବହୁ ଶତାବ୍ଦୀ ବ୍ୟାପୀ ବିସ୍ତାର ସମରରେ ସେମାନଙ୍କ

ଅଂଶଗ୍ରହଣ ହେତୁ ଏ ସ୍ଥିତି ଆହୁରି ଗୁରୁତର ହେଲା । ଖ୍ରୀ.ପୂ. ୧୪୬ ପରେ କୃଷକମାନଙ୍କ ସଂଗ୍ରାମର କେନ୍ଦ୍ରୀୟ ପ୍ରଶ୍ନ ଥିଲା ଭୂସଂସ୍କାର । କେବଳ କ୍ଷୁଦ୍ର କୃଷକମାନଙ୍କ ନିରାଶାଜନକ ସ୍ଥିତି ଯୋଗୁଁ ନୁହେ ଅଧିକନ୍ତୁ ଭୂମିହୀନତା କାରଣରୁ ସେମାନେ ସାମରିକ ସେବା ଲାଗି ସଂସାଧନ ଜୁଟାଇବାରେ ଅସମର୍ଥ ହେଉଥିବାରୁ ଭୂସଂସ୍କାର ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କଲା । ଭୂସଂସ୍କାର ଥିଲା ଅଭିଜାତମାନଙ୍କ ପାଇଁ ଅଗ୍ରହଣୀୟ । ସେମାନଙ୍କ ଉଗ୍ର ବିରୋଧ କାରଣରୁ ଜମିର ପୁନର୍ବଣ୍ଟନ ସମ୍ଭବ ହୋଇପାରି ନ ଥିଲା ।

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ପାଟ୍ରିସିଅନ ବା ଅଭିଜାତମାନେ କିଏ ଥିଲେ ? ରୋମୀୟ ସମାଜରେ ସେମାନେ ପ୍ଲେବିଅନ ବା ସାଧାରଣଙ୍କ ଉପରେ କିଭଳି ଆଧିପତ୍ୟ ବିସ୍ତାର କରୁଥିଲେ ? ଦଶ ଧାଡ଼ିରେ ଉତ୍ତର ଲେଖନ୍ତୁ ।

.................................................................................................

.................................................................................................

.................................................................................................

.................................................................................................

.................................................................................................

.................................................................................................

.................................................................................................

.................................................................................................

.................................................................................................

.................................................................................................

**ପ୍ରଶ୍ନ ୨.** ଶତକ ସମିତି ଜନଗୋଷ୍ଠୀ ସମିତି ଠାରୁ କିଭଳି ଭିନ୍ନ ଥିଲା ? ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

.................................................................................................

.................................................................................................

.................................................................................................

.................................................................................................

.................................................................................................

**ପ୍ରଶ୍ନ ୩.** 'ଅନୁକ୍ରମ ମଧ୍ୟରେ ସଂଘର୍ଷ'ର ଚାରୋଟି ପ୍ରମୁଖ ସଫଳତା ପାଞ୍ଚ ଧାଡ଼ିରେ ଆଲୋଚନା କରନ୍ତୁ ।

.................................................................................................

.................................................................................................

.................................................................................................

.................................................................................................

.................................................................................................

# ୧.୪ ସଂଘର୍ଷ ଓ ବିସ୍ତାର

ଅସ୍ତିତ୍ୱର ଶେଷ ଶହେ ବର୍ଷରେ ଗଣରାଜ୍ୟରେ ଅନନ୍ୟ ପରିବର୍ତ୍ତମାନ ଅନୁଭୂତ ହେଲା । ଏ ମଧ୍ୟରୁ ସର୍ବାଧିକ ମହତ୍ୱପୂର୍ଣ୍ଣ ଥିଲା ବ୍ୟକ୍ତିଗତ ସେନାନାୟକଙ୍କ ଅଧୀନରେ ପେସାଦାର ସେନା ଗଠନ । ଏ ସେନା ସବୁ ସେମାନଙ୍କ ସେନାନାୟକଙ୍କ ପ୍ରତି ଥିଲେ ପ୍ରଚଣ୍ଡ ଅନୁଗତ । ସେନାନାୟକମାନେ କ୍ଷମତା ଓ ସଂସାଧନ ବୃଦ୍ଧି ପାଇଁ ଅଭିଯାନର ନେତୃତ୍ୱ ନେଉଥିଲେ । କ୍ଷମତା ବୃଦ୍ଧି ସଙ୍ଗକୁ ଏ ସେନା-ନାୟକମାନେ ପରସ୍ପର ସହ ଏବଂ ଗଣରାଜ୍ୟର ନିୟନ୍ତ୍ରଣ ପାଇଁ ସିନେଟ ସହ ମଧ୍ୟ ସଂଘର୍ଷରେ ଲିପ୍ତ ହେଲେ । ଏ ଉପବିଭାଗରେ ଆମେ ଏସବୁ ମହତ୍ୱପୂର୍ଣ୍ଣ ଘଟଣାର ବିଶଦ ଆଲୋଚନା କରିବା ।

### ୧.୪.୧ ପେସାଦାର ସେନା ଓ ଯୁଦ୍ଧନାୟକ

ରୋମ ଗଣରାଜ୍ୟରେ ସେନାର ପ୍ରଧାନ ବଳ ଥିଲେ ସ୍ୱଳ୍ପ ଭୂମିର ମାଲିକ କ୍ଷୁଦ୍ର କୃଷକବୃନ୍ଦ । ଏ ସୈନିକମାନେ ନିଜ ନିଜର ଅସ୍ତ୍ର ଓ ଯୁଦ୍ଧସାଜ ଯୋଗାଡ଼ କରୁଥିଲେ । ପୂର୍ବ ଉପବିଭାଗରେ ଆଲୋଚିତ କୃଷକକୁଳଙ୍କ ନିରାଶାଜନକ ସ୍ଥିତିର ସମ୍ବନ୍ଧ ସେନା ସହ ମଧ୍ୟ ରହିଥିଲା ।

ଭୂମି ପୁନର୍ବଣ୍ଟନ ପ୍ରତି ବିରୋଧ ଏବଂ ଅସ୍‌ସିଡୁଇ ଶ୍ରେଣୀର ହ୍ରାସୋନ୍ମୁଖ ଆକାର ଦୃଷ୍ଟିରୁ ସେନାରେ ନିଯୁକ୍ତି ସମସ୍ୟାର ଏକ ତ୍ୱରିତ ସମାଧାନ ଆବଶ୍ୟକ ହୋଇପଡ଼ିଲା । ଭୂମିହୀନ ନାଗରିକଙ୍କୁ ନିଜ ସଂସାଧନରୁ ସାମରିକ ସେବା ପ୍ରଦାନ ପାଇଁ ବାଧ କରାଯାଇ ପାରୁ ନ ଥିଲା । ପୂର୍ବେ ବିଜିତ ଅଞ୍ଚଳରୁ ସହାୟକ ସେନାଦଳ ଚୟନ କରି ଏ ସମସ୍ୟାର ଆଂଶିକ ସମାଧାନ ବାହାର କରାଯାଇ ଥିଲା । ରାଷ୍ଟ୍ରୀୟ ଖର୍ଚ୍ଚରେ ଅଶ୍ୱାରୋହୀ ସେନାର ଏକ ଅଂଶ ମଧ୍ୟ ପରିଚାଳିତ ହେଉ ଥିଲା । ଖ୍ରୀ.ପୂ. ୧୦୦ରେ ବହୁବାର କନସଲ ପଦବୀ ମଣ୍ଡନ କରିଥିବା ଜଣେ ନେତୃସ୍ଥାନୀୟ ରାଜନୀତିକ ଓ ସାମରିକ ବ୍ୟକ୍ତି ମରିୟସ ଦରମାପ୍ରାପ୍ତ ସେନା ମୁତୟନ କରି ରୋମର ସାମରିକ ସଂଗଠନରେ ପରିବର୍ତ୍ତନର ଉପକ୍ରମ କଲେ । ଏଣିକି ରୋମୀୟ ସୈନିକମାନେ ରାଷ୍ଟ୍ରରୁ ଦରମା ପାଇବା ଆରମ୍ଭ ହେଲା । ଅଭିଜାତ ବର୍ଗରୁ ଆନୀତ ସାମରିକ ନେତୃତ୍ୱ ଅଧୀନରେ ଏକ ପେସାଦାର ସ୍ଥାୟୀ ସେନାର ନିର୍ମାଣ ରୋମର ରାଜନୀତିକ ସଂଘର୍ଷକୁ ନୂତନ ଆୟାମ ପ୍ରଦାନ କଲା । ପୂର୍ବରୁ ଅସ୍‌ସିଡୁଇ ସୈନିକ ଅଭିଯାନରୁ ଘରକୁ ଆସି ସେମାନଙ୍କ କୃଷିକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଦରମାପ୍ରାପ୍ତ ସୈନିକମାନେ ସ୍ଥାୟୀ ଭାବେ ଅଭିଯାନରେ ପ୍ରବୃତ୍ତ ହେଲେ ଏବଂ ଇଟାଲୀ ବାହାରେ ସାମ୍ରାଜ୍ୟର ଦୂରବର୍ତ୍ତୀ ଅଂଶରେ ଦୀର୍ଘ କାଳ ପାଇଁ ଅବସ୍ଥାନ କଲେ । ସେନା ଏକକଗୁଡ଼ିକରେ ପୂର୍ବରୁ ଅନୁପସ୍ଥିତ ଏକ ପରିଚିତି ଓ ସଂସକ୍ତି ସୃଷ୍ଟି ହେଲା । ଏକକଗୁଡ଼ିକ ସେମାନଙ୍କ ସେନାନାୟକଙ୍କ ପ୍ରତି ଥିଲେ ପ୍ରଚଣ୍ଡ ରୂପେ ଅନୁଗତ । ସେମାନେ ତାଙ୍କ ସଫଳତାର ଶ୍ରେୟ ସେନାନାୟକଙ୍କ ଯୋଜନା ଓ ରଣକୌଶଳରେ ଦେଖୁଥିଲେ । ଅଧିକ ସଫଳ ସେନାନାୟକଙ୍କ କ୍ଷେତ୍ରରେ ଏହା ବିଶେଷ ଭାବେ ଘଟୁଥିଲା । ଯୁଦ୍ଧରେ ବିଜୟ ସୈନିକମାନଙ୍କୁ ଲୁଟପାଟ ପାଇଁ ସୁଯୋଗ ପ୍ରଦାନ କରୁଥିଲା ।

ଉତ୍ତମ ତାଲିମ ପ୍ରାପ୍ତ ବିଶାଳ ସେନାର ଅଧିକାରୀ ଅଭିଜାତ ସେନାନାୟକମାନେ ରୋମୀୟ ସିନେଟର ନିୟନ୍ତ୍ରଣ ପାଇଁ ନିଜ ନିଜକୁ ବଳପୂର୍ବକ ଜାହିର କରୁଥିଲେ । ଖ୍ରୀ.ପୂ. ୧୦୦ରୁ ଖ୍ରୀ.ପୂ. ୨୭ ମଧ୍ୟରେ

ଏଭଳି ଅନେକ ସେନାନାୟକ ରହିଥିଲେ: ମରିୟସ, ସୁଲ୍ଲା, କ୍ରାସ୍‌ସସ, ପମ୍ପି, ଜୁଲିୟସ ସିଜର, ମାର୍କ ଆଣ୍ଟୋନି, ଅଗଷ୍ଟସ ।

ଅସନ୍ତୋଷ ବିଦଳନ ଓ ଅଭିଜାତଙ୍କ ସ୍ୱାର୍ଥର ଉନ୍ନୟନ ପାଇଁ ସେନାର କ୍ରମବର୍ଦ୍ଧିଷ୍ଣୁ ମୁତୟନ କରାଗଲା । ଅଭିଜାତମାନଙ୍କ ବ୍ୟକ୍ତିଗତ ଗୋଷ୍ଠୀ ସଂଘର୍ଷରେ ମଧ୍ୟ ଏହାର ଉପଯୋଗ ହେଲା । ସ୍ୱୟଂ ସେନା ରୋମ ରାଜନୀତିର ଏକ କାରକରେ ପରିଣତ ହୋଇଗଲା ।

ଏକ ଶ୍ରେଣୀ ଭାବେ ଅସ୍‌ସିଦୁଇର ଅଦର୍ଶନ ରୋମ ଗଣରାଜ୍ୟର ଚରିତ୍ରରେ ରୂପାନ୍ତରର କାରଣ ହେଲା । କେନ୍ଦ୍ରୀୟ ଇଟାଲୀର ରୋମୀୟ ନାଗରିକ ଏଣିକି ପ୍ରଧାନତଃ ସମ୍ପଦହୀନ ପ୍ଲେବିଅନରେ ପରିଣତ ହେଲେ । ଏଇ ଜୀବନ ନିର୍ବାହ ଉପାୟଶୂନ୍ୟମାନେ ଶସ୍ତା ଖୁରାକ ଉପଲବ୍ଧ ହେଉଥିବା ରୋମ ନଗରୀରେ ସମବେତ ହେଲେ । ରିହାତି ଶସ୍ୟ ପାଇଁ ମଧ୍ୟ ପ୍ରାୟ ସମସ୍ତ ଶ୍ରମଜୀବୀ ଅସମର୍ଥ ଥିବା ବିଚାର କରି ରୋମ ରାଷ୍ଟ୍ର ଅକିଞ୍ଚନ ନାଗରିକଙ୍କୁ ମାଗଣା ଶସ୍ୟ ବଣ୍ଟନ ଆରମ୍ଭ କଲା । ଏକ ଆକଳନ ଅନୁସାରେ ଖ୍ରୀ.ପୂ. ୫୦ ବେଳକୁ ପ୍ରାୟ ୩,୨୦,୦୦୦ ନାଗରିକ ମାଗଣା ଶସ୍ୟ ଗ୍ରହଣ କରୁଥିଲେ । ଏ ଦରିଦ୍ର ଶ୍ରମଜୀବୀଙ୍କୁ ଅଭିଜାତମାନେ ସେମାନଙ୍କ ରାଜନୀତିକ ସଂଘର୍ଷରେ କୁଶଳତା ପୂର୍ବକ ପ୍ରୟୋଗ କରିବା ସହଜସାଧ୍ୟ ହେଉଥିଲା ।

### ୧.୪.୨ ବିସ୍ତାର ପାଇଁ ସମର

ପଶ୍ଚିମ ଏସିଆରେ ପ୍ରମୁଖ ସାମରିକ ଅଭିଯାନ ଏବଂ ପରବର୍ତ୍ତୀ ରୋମ ଗଣରାଜ୍ୟରେ ସାମାଜିକ ଓ ରାଜନୀତିକ ଘଟଣାମାନ ଗୋଟିଏ ସମୟରେ ଘଟୁଥିଲା । ଏ ଅଞ୍ଚଳର ୟୁନାନୀ ରାଜ୍ୟମାନଙ୍କୁ ନିଜ ନିୟନ୍ତ୍ରଣକୁ ଆଣିବାର ଲକ୍ଷ୍ୟ ବଜାୟ ରଖି ରୋମ ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳ ଓ ପଶ୍ଚିମ ଏସିଆ ବ୍ୟାପାରରେ ନିରନ୍ତର ହସ୍ତକ୍ଷେପ କରୁଥିଲା । ମାସିଡୋନିଆ ଅଧିକୃତ ହେଲା, ଗ୍ରୀକ ରାଜ୍ୟମାନଙ୍କୁ ରୋମୀୟ ଆଧିପତ୍ୟ ଗ୍ରହଣ ପାଇଁ ବାଧ୍ୟ କରାଗଲା, ପଶ୍ଚିମ ଆନାତୋଲିଆ ଏସିଆ ପ୍ରଦେଶ ରୂପେ ସଂଗଠିତ ହେଲା, ତତ୍କାଳରେ କେବଳ ସିରିଆ ଉପରେ ରାଜତ୍ୱ କରୁଥିବା ସେଲ୍ୟୁକସଙ୍କ ବଂଶଧରମାନଙ୍କୁ ପରାସ୍ତ କରାଗଲା ଏବଂ ଇଜିପ୍ଟ ସଂରକ୍ଷିତ ରାଜ୍ୟରେ ପରିଣତ ହେଲା । ସ୍ଥିତି

ସୁଦୃଢ଼ୀକରଣ ତଥା ପ୍ରତିରୋଧ ଦମନ ପାଇଁ ପୂର୍ବରେ ଅତି ବିଶାଳ ସେନା ମୁତୟନ ଥିଲା ରୋମ ପାଇଁ ଅନିବାର୍ଯ୍ୟତା । ଏ ବିଶାଳ ସେନାର ନେତୃତ୍ୱ ରୋମର ରାଜନୀତିକ ଓ ସାମରିକ ନେତାଙ୍କ ମଧ୍ୟରେ ବିବାଦର ବିଷୟ ରୂପେ ଉଭା ହେଲା । କିଛି କାଳ ପାଇଁ ମରିୟସଙ୍କୁ ପୂର୍ବରେ ଅଭିଯାନର ଦାୟିତ୍ୱ ଅର୍ପଣ କରାଗଲା । ସେତେବେଳେ ପାଟ୍ରିସିଅନ ଅଭିଜାତଙ୍କ ସର୍ବାଧିକ କଠୋରପନ୍ଥୀ ଗୋଷ୍ଠୀର ନେତୃତ୍ୱ ନେଉଥିବା ସୁଲ୍ଲା ତାଙ୍କୁ ବିରୋଧ କଲେ । ପୂର୍ବରେ ଅବସ୍ଥାପିତ ସୁଲ୍ଲା ମରିୟସଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ପ୍ରତ୍ୟାଖ୍ୟାନ କଲେ । ଅଧିକନ୍ତୁ ରୋମକୁ ସୈନ୍ୟ ଚାଳନା କରି ବଳପୂର୍ବକ କ୍ଷମତା ଅକ୍ତିଆର ପାଇଁ ସେ ପ୍ରୟାସ କଲେ । ପରିଣାମରେ ସୁଲ୍ଲା ଓ ମରିୟସଙ୍କ ସମର୍ଥକଙ୍କ ମଧ୍ୟରେ ଏକ ଗୃହଯୁଦ୍ଧ ଆରମ୍ଭ ହେଲା ।

ଖ୍ରୀ.ପୂ. ୮୮ରୁ ଖ୍ରୀ.ପୂ. ୮୨ ପର୍ଯ୍ୟନ୍ତ ଚାଲିଥିବା ଏ ଗୃହଯୁଦ୍ଧରେ ଅଳ୍ପ କାଳ ମଧ୍ୟରେ ସୁଲ୍ଲା ମଜବୁତ ସ୍ଥିତିକୁ ଆସିଲେ । ଖ୍ରୀ.ପୂ. ୮୬ରେ ମରିୟସଙ୍କ ମୃତ୍ୟୁ ଦ୍ୱାରା ତାଙ୍କ କାର୍ଯ୍ୟ ସହଜତର ହୋଇଗଲା । ପରେ ପରେ ଆନାତୋଲିଆ ଓ ଗ୍ରୀସରେ ସାମରିକ ଅଭିଯାନ ଚଳାଇ ଏ ଅଞ୍ଚଳମାନଙ୍କରେ ରୋମୀୟ ଅଧିକାରର ପ୍ରତିରୋଧକୁ ଦମନ କରିବାରେ ସେ ସଫଳ ହେଲେ । ଏହା ଫଳରେ ତାଙ୍କର ଗୌରବ ଏବଂ ସେନା ଉପରେ କର୍ତ୍ତୃତ୍ୱ ବୃଦ୍ଧି ପାଇଲା । ରୋମ ସାମ୍ରାଜ୍ୟର ନିରଙ୍କୁଶ ଶାସକ ହେବା ପାଇଁ ସେ ନିଜ କ୍ଷମତାର ଉପଯୋଗ କଲେ । ଖ୍ରୀ.ପୂ.୮୨ରେ ରୋମକୁ ପ୍ରତ୍ୟାବର୍ତ୍ତନ କରି ସେନା ସହାୟତାରେ ସୁଲ୍ଲା ନିଜ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ କଠୋର ହସ୍ତରେ ଦମନ କଲେ । ଖ୍ରୀ.ପୂ.୮୧ରେ ସେ ନିଜେ ନିଜକୁ ଏକାଧିପତି *(Dictator)* ନିଯୁକ୍ତ କଲେ । ରୋମ ରାଷ୍ଟ୍ରରେ ଏହା ଥିଲା ଏକ ଆନୁଷ୍ଠାନିକ ସ୍ଥିତି । ଏକାଧିପତିଙ୍କ କର୍ତ୍ତୃତ୍ୱ ଥିଲା ନିରଙ୍କୁଶ । ଜରୁରୀ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଜଣେ ଏକାଧିପତି ନିଯୁକ୍ତ ହୋଇପାରିବାର ବ୍ୟବସ୍ଥା ରହିଥିଲା । ସେ ଛଅ ମାସରୁ ଅଧିକ କାଳ ଏ ପଦବୀରେ ରହିପାରୁ ନ ଥିଲେ । ସୁଲ୍ଲା କିନ୍ତୁ ରୋମୀୟ ଏକାଧିପତିଙ୍କ ପାଇଁ ରହିଥିବା ସର୍ବାଧିକ ଛଅ ମାସ କାର୍ଯ୍ୟକାଳ ନିୟମର ଅବଜ୍ଞା କଲେ । ସେ ନିଜ ଏକାଧିପତ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବୃଦ୍ଧି କଲେ । ଖ୍ରୀ.ପୂ.୭୯ରେ ବ୍ୟକ୍ତିଗତ କାରଣରୁ ସୁଲ୍ଲା ଅବସର ଗ୍ରହଣ କଲେ ଏବଂ ତତ୍ ପର ବର୍ଷ ତାଙ୍କର ମୃତ୍ୟୁ ହେଲା ।

ସୁଲ୍ଲାଙ୍କ ଏକାଧିପତ୍ୟ ଥିଲା ଗଣରାଜ୍ୟର ଇତିହାସରେ ଏକ ନୂତନ ମୋଡ଼ । ଏଣିକି କ୍ଷମତାଶାଳୀ ସେନାଧକ୍ଷ ବା 'ଯୁଦ୍ଧନାୟକ'ମାନେ ରୋମ ସାମ୍ରାଜ୍ୟକୁ ନିୟନ୍ତ୍ରଣ କଲେ । ଏ ଯୁଦ୍ଧନାୟକମାନଙ୍କ ହିଂସ୍ର ସଂଘର୍ଷ ଗଣରାଜ୍ୟର ପତନକୁ ତ୍ୱରାନ୍ୱିତ କଲା । ସୁଲ୍ଲାଙ୍କ ଅବସର ଗ୍ରହଣ ବେଳକୁ ସାମରିକ ସ୍ଥିତି ଥିଲା ସଙ୍କଟପୂର୍ଣ୍ଣ । ପୂର୍ବ ପୂରାପୂରି ଶାନ୍ତ ହୋଇ ନ ଥିଲା ଏବଂ ପଶ୍ଚିମରେ ରୋମ ଏକ ପ୍ରବଳ ବିଦ୍ରୋହର ସମ୍ମୁଖୀନ ହେଉଥିଲା । ମରିୟସଙ୍କ କିଛି ସମର୍ଥକ ସୁଲ୍ଲାଙ୍କ ଏକାଧିପତ୍ୟ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ । ସ୍ପେନ ପ୍ରଦେଶ ଥିଲା ଏ ବିଦ୍ରୋହର ପ୍ରମୁଖ କେନ୍ଦ୍ର । ସର୍ତୋରିୟସଙ୍କ ନେତୃତ୍ୱରେ ଏ ଆନ୍ଦୋଳନ ଏକ ଗରିଲା ଯୁଦ୍ଧରେ ପରିଣତ ହେଲା । ଖ୍ରୀ.ପୂ.୮୦ରୁ ଖ୍ରୀ.ପୂ.୭୨ ମଧ୍ୟରେ ବସ୍ତୁତଃ ପ୍ରଦେଶଟି ଥିଲା ସ୍ୱାଧୀନ । ଇଟାଲୀ ଭିତରେ ମଧ୍ୟ ଦାସମାନଙ୍କ ଏକ ପ୍ରଚଣ୍ଡ ବିଦ୍ରୋହ ଖ୍ରୀ.ପୂ.୭୩ରେ ଆରମ୍ଭ ହୋଇ ଖ୍ରୀ.ପୂ.୭୧ ପର୍ଯ୍ୟନ୍ତ ଚାଲିଥିଲା । ସ୍ପାର୍ଟାକସ ନାମକ ଜଣେ ଦାସଙ୍କ ନେତୃତ୍ୱରେ ଚାଲିଥିବା ଏ ବିଦ୍ରୋହ ଥିଲା ପ୍ରାଚୀନ ଗ୍ରୀସ-ରୋମର ବୃହତ୍ତମ ଦାସ ବିଦ୍ରୋହ । ସ୍ପାର୍ଟାକସ ବିଦ୍ରୋହ ରୂପେ ନାମିତ ଏ ଘଟଣା ଦକ୍ଷିଣ ଇଟାଲୀର ଏକ ବୃହତ୍ ଅଂଶକୁ ଗ୍ରାସ କରିଥିଲା । ଅତ୍ୟନ୍ତ ଭୟଙ୍କର ଲଢ଼େଇ ପରେ ହିଁ ଏହାର ଦମନ ସମ୍ଭବପର ହୋଇଥିଲା ।

ଏଭଳି ସ୍ଥିତିରେ ବିଶାଳ ସାମରିକ ସଂଘଟନ ଥିଲା ରୋମ ପାଇଁ ଅନିବାର୍ଯ୍ୟ । ଏ ସଙ୍କଟମୟ କାଳର ସାମରିକ ଅଭିଯାନ ଫଳରେ ରୋମ ରାଜନୀତିର ସମ୍ମୁଖ ଭାଗରେ ଚାରି ଜଣ ଯୁଦ୍ଧନାୟକ ଉଭା ହେଲେ: ଲ୍ୟୁକଲ୍ଲସ, କ୍ରାସ୍‌ସସ, ପମ୍ପି ଓ ଜୁଲିୟସ ସିଜର । ଗଣରାଜ୍ୟର ଅନ୍ତିମ ବର୍ଷଗୁଡ଼ିକରେ କ୍ଷମତା ପାଇଁ ସେମାନଙ୍କ ସଂଗ୍ରାମ ପ୍ରାଧାନ୍ୟ ବିସ୍ତାର କରିଥିଲା । ସମସ୍ତ ଚାରି ଜଣଙ୍କ ସାମର୍ଥ୍ୟର ଆଧାର ଥିଲା ନିଜ ନିଜ ଅଧୀନସ୍ଥ ସେନା ଏବଂ ବିଜୟ ଲବ୍‌ଧ ଗୌରବ । ସେମାନେ ମଧ୍ୟ ଥିଲେ ରୋମ ରାଜନୀତିର ପ୍ରମୁଖ ବ୍ୟକ୍ତି । ପମ୍ପି ଥିଲେ ସର୍ତୋରିୟସଙ୍କ ପରାଜୟର ହେତୁ; କ୍ରାସ୍‌ସସ ସ୍ପାର୍ଟାକସ ବିଦ୍ରୋହ ଦମନ କରିଥିଲେ ଏବଂ ଲ୍ୟୁକଲ୍ଲସ ପୂର୍ବରେ ଅନେକ ସଫଳ ଅଭିଯାନର ନେତୃତ୍ୱ ନେଇଥିଲେ । ଖ୍ରୀ.ପୂ.୭୦ରେ ସେଇ ବର୍ଷ ପାଇଁ କନସଲ ନିର୍ବାଚିତ ହୋଇ କ୍ରାସ୍‌ସସ ଓ ପମ୍ପି ସେମାନଙ୍କ ରାଜନୀତିକ ସ୍ଥିତି ଦୃଢ଼ କଲେ । ସର୍ତୋରିୟସଙ୍କ ଉପରେ ବିଜୟ ପରେ ପ୍ରଦେଶରେ ଶାନ୍ତି ପୁନଃପ୍ରତିଷ୍ଠା ପାଇଁ ଜୁଲିୟସ ସିଜର ସ୍ପେନକୁ ପ୍ରେରିତ ହେଲେ ।

ଖ୍ରୀ.ପୂ.୬୭ରେ ଲ୍ୟୁକଲ୍ଲସଙ୍କୁ ପୂର୍ବରୁ ଫେରାଇ ଅଣାଗଲା । ପରେ ସେ ସାର୍ବଜନିକ ଜୀବନରୁ ଅବସର ଗ୍ରହଣ କଲେ । ଆଉ ରହିଲେ ତିନି ଜଣ ଯୁଦ୍ଧନାୟକ: କ୍ରାସ୍‌ସସ, ପମ୍ପି ଓ ଜୁଲିୟସ ସିଜର । ପମ୍ପିଙ୍କୁ ଲ୍ୟୁକଲ୍ଲସଙ୍କ ସ୍ଥାନକୁ ପ୍ରେରଣ କରାଗଲା । ପୂର୍ବବର୍ତ୍ତୀ ଯେ କୌଣସି ରୋମୀୟ ସେନାନାୟକ ଅପେକ୍ଷା ତାଙ୍କୁ ବହୁ ଅଧିକ କ୍ଷମତା ପ୍ରଦାନ କରାଗଲା । ତାଙ୍କ ବିବେଚନାରେ ଯଥାର୍ଥ ଯେ କୌଣସି ଉପାୟରେ ପୂର୍ବକୁ ବ୍ୟବସ୍ଥିତ କରିବାର ପୂର୍ଣ୍ଣ କର୍ତ୍ତୃତ୍ୱ ପମ୍ପିଙ୍କର ରହିଥିଲା । ଖ୍ରୀ.ପୂ.୬୩ ସୁଦ୍ଧା ଆନାତୋଲିଆ ଉପରେ ରୋମୀୟ କର୍ତ୍ତୃତ୍ୱ ପୂର୍ଣ୍ଣ ପ୍ରତିଷ୍ଠିତ ହେଲା । ଏହା ପରେ ପମ୍ପି ସେଲ୍ୟୁକସଙ୍କ ବଂଶଧରଙ୍କ ଦ୍ୱାରା ଶାସିତ ସିରିଆ ଅଧିକାରରେ ସଫଳ ହେଲେ । ସିରିଆ ଆଣ୍ଟିଓକରେ ରାଜଧାନୀ ଥିବା ଏକ ରୋମୀୟ ପ୍ରଦେଶରେ ପରିଣତ ହେଲା । ଏ ଘଟଣାବଳୀ ରୋମକୁ ପଶ୍ଚିମ ଏସିଆରେ ଏକ ପ୍ରମୁଖ ରାଜନୀତିକ ଶକ୍ତିରେ ପରିଣତ କଲା ।

### ୧.୪.୩ ବ୍ୟବସ୍ଥାପିକା ସହ ଯୁଦ୍ଧନାୟକଙ୍କ ସଂଗ୍ରାମ

ପମ୍ପି ଏବଂ ଅପର ଦୁଇ ନେତୃସ୍ଥାନୀୟ ଯୁଦ୍ଧନାୟକ ଜୁଲିୟସ ସିଜର ଓ କ୍ରାସ୍‌ସସଙ୍କ କ୍ଷମତା ନିୟନ୍ତ୍ରଣ ପାଇଁ ରୋମ ସିନେଟ ପ୍ରୟାସ କଲା । କିନ୍ତୁ ପରିଶେଷରେ ଏ ଉଦ୍ୟମରେ ବିଫଳ ହେଲା । ଏହାର ପ୍ରଧାନ କାରଣ ଥିଲା ଏ ତିନି ଯୁଦ୍ଧନାୟକଙ୍କ ଅଧୀନସ୍ଥ ସେନା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ପ୍ରତିଷ୍ଠା କରିବାରେ ସିନେଟର ଅସାମର୍ଥ୍ୟ । ତଥାପି ସିନେଟ ଓ ଯୁଦ୍ଧନାୟକମାନଙ୍କ ମଧ୍ୟରେ ଏ ଲଢ଼ାଇ ଗମ୍ଭୀର ରାଜନୀତିକ ସଙ୍କଟ ସୃଷ୍ଟି କଲା । ଏ ସଙ୍କଟର ପୃଷ୍ଠଭୂମିରେ ରୋମ ରାଷ୍ଟ୍ରର ଅଧିଗ୍ରହଣ ପାଇଁ କ୍ରାସ୍‌ସସ, ପମ୍ପି ଓ ଜୁଲିୟସ ସିଜର ପରସ୍ପର ହାତ ମିଳାଇଲେ । ଖ୍ରୀ.ପୂ.୬୦ରେ ତିନି ଯୁଦ୍ଧନାୟକ ଏକ ମେଣ୍ଟ ଗଠନ କଲେ । ଏ ମେଣ୍ଟକୁ ପ୍ରଥମ ତ୍ରିମୂର୍ତ୍ତି ରାଜତ୍ୱ *(First Triumvirate)* କୁହାଯାଏ । 'ତ୍ରିମୂର୍ତ୍ତି ରାଜତ୍ୱ'ର ଅର୍ଥ କର୍ତ୍ତୃତ୍ୱ ତିନିଙ୍କ ମଧ୍ୟରେ ସମାନ ମାତ୍ରାରେ ବିଭାଜିତ । ଗଣରାଜ୍ୟରେ ଏ ସମୟରେ ସାମ୍ବିଧାନିକ ସଂଯନ୍ତ୍ର ତୁଟିଯାଇଥିବା ଏବଂ ରୋମରେ ପ୍ରଭାବଶାଳୀ ଶାସନ ବୋଲି କିଛି ନ ଥିବା ଅନୁଭବ କଲେ ଯାଇ ତ୍ରିମୂର୍ତ୍ତି ରାଜତ୍ୱର ଐତିହାସିକ ମହତ୍ୱ ବୁଝାଯାଇ ପାରିବ । ନିଜ ହାତରେ ସମସ୍ତ କ୍ଷମତା ଠୁଳ କରି କ୍ରାସ୍‌ସସ, ପମ୍ପି ଓ ଜୁଲିୟସ ସିଜର ଏକ ନୂତନ ପ୍ରୟୋଗ ପାଇଁ ପ୍ରୟାସ କଲେ । ରୋମ ରାଷ୍ଟ୍ରର ସକଳ କର୍ତ୍ତୃତ୍ୱ ଏ ତ୍ରିମୂର୍ତ୍ତିଙ୍କ ଉପରେ ନ୍ୟସ୍ତ ହେଲା । ଗଣରାଜ୍ୟର ଅପର ଅନୁଷ୍ଠାନମାନଙ୍କୁ ଉଚ୍ଛେଦ କରାଗଲା ନାହିଁ ସତ୍ୟ; କିନ୍ତୁ ପ୍ରଭାବହୀନ କରିଦିଆ ଗଲା ।

ଖ୍ରୀ.ପୂ.୫୬ରେ ଏ ତ୍ରିମୂର୍ତ୍ତି ରାଜତ୍ୱର ନବୀକରଣ କରାଗଲା । ତେବେ ଖ୍ରୀ.ପୂ.୫୬ର ଅଳ୍ପ ସମୟ ପରେ ଏ ବ୍ୟବସ୍ଥା ସମସ୍ୟାର ସମ୍ମୁଖୀନ ହେବା ଆରମ୍ଭ କଲା । ଖ୍ରୀ.ପୂ.୫୩ରେ ଉତ୍ତର ମେସୋପୋଟାମିଆରେ ଏକ ଯୁଦ୍ଧରେ କ୍ରାସ୍‌ସସ ନିହତ ହେଲେ । ତାହା ପରେ ପମ୍ପି ଓ ଜୁଲିୟସ ସିଜରଙ୍କ ସମ୍ବନ୍ଧରେ ଅବନତି ଦେଖାଦେଲା । କ୍ଷମତା ପାଇଁ ସେମାନଙ୍କ ମଧ୍ୟରେ ସଂଗ୍ରାମ ଏକ ପୂର୍ଣ୍ଣାଙ୍ଗ ଗୃହଯୁଦ୍ଧରେ ପରିଣତ ହେଲା । ଖ୍ରୀ.ପୂ.୪୮ରେ ପମ୍ପି ପରାସ୍ତ ହୋଇ ଇଜିପ୍ଟକୁ ପଳାୟନ କଲେ ଏବଂ ସେଠାରେ ତାଙ୍କୁ ହତ୍ୟା କରାଗଲା । ଏଣିକି ଜୁଲିୟସ ସିଜର ହେଲେ ରୋମର ସର୍ବୋଚ୍ଚ ଯୁଦ୍ଧନାୟକ । ଖ୍ରୀ.ପୂ.୪୮ରେ ବିସ୍ତୃତ କ୍ଷମତା ସହ ସେ ଏକାଧିପତି ହେଲେ । ଖ୍ରୀ.ପୂ.୪୭ରେ ତାଙ୍କୁ ଦଶ ବର୍ଷ ପାଇଁ ଏକାଧିପତି କରିଦିଆଗଲା । ନିରଙ୍କୁଶ ଶାସକ ହେବାକୁ ସିଜରଙ୍କ ପ୍ରୟାସ କେତେକ ଅଭିଜାତ ଗୋଷ୍ଠୀ ଦ୍ୱାରା ଆହ୍ୱାନର ସମ୍ମୁଖୀନ ହେଲା । ଖ୍ରୀ.ପୂ.୪୪ରେ ତାଙ୍କୁ ହତ୍ୟା କରାଗଲା । ଏ ହତ୍ୟା ଷଡ଼ଯନ୍ତ୍ରର ନାୟକମାନେ ଥିଲେ ରୋମ ଗଣରାଜ୍ୟକୁ ଏକ ରାଜତନ୍ତ୍ରରେ ପରିବର୍ତ୍ତନ କରିବା ପାଇଁ ସିଜରଙ୍କ ଉଦ୍ୟମର ପ୍ରତିହତ ଅଭିଳାଷୀ ଅଭିଜାତ ଗୋଷ୍ଠୀର ଅନ୍ତର୍ଭୁକ୍ତ । ଜୁଲିୟସ ସିଜରଙ୍କ ଚରମ ଲକ୍ଷ୍ୟ ଏହା ଥିଲା କି ନାହିଁ ଆଜି ମଧ୍ୟ ବିତର୍କିତ । ତେବେ ସେ ଗଣରାଜ୍ୟର ମୌଳିକ ସଂରଚନାରେ ପରିବର୍ତ୍ତନ ପାଇଁ ପ୍ରୟାସ କରୁଥିବା ଏବଂ ଏହାର ହିଂସ୍ର ପ୍ରତିରୋଧ କରାଯାଇ ଥିବା ନେଇ କୌଣସି ସନ୍ଦେହ ନାହିଁ ।

ଜୁଲିୟସ ସିଜରଙ୍କ ଅନୁଗାମୀମାନେ ଖୁବ୍ ଶୀଘ୍ର ନିଜକୁ ମାର୍କ ଆଣ୍ଟୋନି, ଲେପିଡସ ଓ ଅକ୍‌ଟାଭିୟନ ସିଜରଙ୍କ ନେତୃତ୍ୱରେ ପୁନଃସଂଗଠିତ କଲେ । ମାର୍କ ଆଣ୍ଟୋନି ଥିଲେ ଜୁଲିୟସ ସିଜରଙ୍କ ଘନିଷ୍ଠତମ ବନ୍ଧୁମାନଙ୍କ ମଧ୍ୟରୁ ଜଣେ । ଲେପିଡସ ଥିଲେ ସିଜରଙ୍କ ଏକାଧିପତ୍ୟ କାଳୀନ 'ଅଶ୍ୱ ଅଧୀକ୍ଷକ' *(Master of Horses)* । ଏହା ଥିଲା ଏକାଧିପତିଙ୍କ କାର୍ଯ୍ୟାଳୟ ସଂଲଗ୍ନ ଏକ ମହତ୍ୱପୂର୍ଣ୍ଣ ପଦବୀ । ଅକ୍‌ଟାଭିୟନ ଥିଲେ ସିଜରଙ୍କ ପୁତୁରାଙ୍କ ପୁଅ ଏବଂ ତାଙ୍କ ପାଳିତ ପୁତ୍ର ରୂପେ ସୁପରିଚିତ । ଖ୍ରୀ.ପୂ. ୪୩ରେ ମାର୍କ ଆଣ୍ଟୋନି, ଲେପିଡସ ଓ ଅକ୍‌ଟାଭିୟନ ଦ୍ୱିତୀୟ ତ୍ରିମୂର୍ତ୍ତି ରାଜତ୍ୱ ପ୍ରତିଷ୍ଠା କଲେ । ବର୍ଷକ ମଧ୍ୟରେ ଏ ତ୍ରିମୂର୍ତ୍ତି ସମସ୍ତ ବିରୋଧ ଦମନ କଲେ । ଖ୍ରୀ.ପୂ.୪୨ରେ ବ୍ରୁଟସ ଓ କସ୍‌ସିୟସଙ୍କୁ ଯୁଦ୍ଧରେ ପରାସ୍ତ କରାଗଲା । ଅଳ୍ପ କାଳ ମଧ୍ୟରେ ଲେପିଡସଙ୍କୁ ତ୍ରିମୂର୍ତ୍ତିରୁ ଅବସର ଗ୍ରହଣ ପାଇଁ ବାଧ କରାଗଲା । ମାର୍କ ଆଣ୍ଟୋନି ଓ ଅକ୍‌ଟାଭିୟନ ସମଗ୍ର ସାମ୍ରାଜ୍ୟର ମାଲିକ ହେଲେ । ପରେ ପରେ ଏ ଦୁଇ ଜଣଙ୍କ ମଧ୍ୟରେ ପାର୍ଥକ୍ୟ କ୍ଷମତା ଯୁଦ୍ଧରେ ପରିଣତ ହେଲା । ଏହାର ପରିଣତି ଥିଲା ଏକ

ଉନ୍ମୁକ୍ତ ରଣ । ଏ କ୍ଷମତା ଯୁଦ୍ଧ ଏବଂ ପୂର୍ବରେ ସାମ୍ରାଜ୍ୟର ଅଧିକ ବିସ୍ତାର ଅଭିଯାନ ଗୋଟିଏ ସମୟରେ ଘଟିଥିଲା । ମାର୍କ ଆଣ୍ଟୋନି ଇଜିପ୍ଟର ଟଲେମିବଂଶୀ ଶାସକ କ୍ଲିଓପେଟ୍ରାଙ୍କ ସମର୍ଥନ ଭିକ୍ଷା କଲେ । ଖ୍ରୀ.ପୂ.୩୧ରେ ଗ୍ରୀକ ମୂଳ ଭୂଖଣ୍ଡର ପଶ୍ଚିମ ତୀରସ୍ଥ ଆକ୍ଟିୟମରେ ଅକ୍ଟାଭିୟନଙ୍କ ଦ୍ୱାରା ମାର୍କ ଆଣ୍ଟୋନି ଓ କ୍ଲିଓପେଟ୍ରାଙ୍କ ମିଳିତ ବାହିନୀ ପରାସ୍ତ ହେଲେ । ଖ୍ରୀ.ପୂ.୩୦ ସୁଦ୍ଧା ମାର୍କ ଆଣ୍ଟୋନି ଓ କ୍ଲିଓପେଟ୍ରା ଦୁହେଁ ମୃତ୍ୟୁ ବରଣ କଲେ ଏବଂ ରୋମର ରାଜନୀତିକ କ୍ଷମତା ବସ୍ତୁତଃ ଅକ୍ଟାଭିୟନଙ୍କ ଏକାଧିକାରରେ ପରିଣତ ହେଲା । ଖ୍ରୀ.ପୂ. ୨୭ରେ ଅକ୍ଟାଭିୟନ ଅଗଷ୍ଟସ (ମୂଳ ଅର୍ଥ ଗୌରବାନ୍ୱିତ ବା ମହାନ) ପଦବୀ ଧାରଣ କଲେ । ଏଣିକି ସେ ଏହି ନାମରେ ପରିଚିତ ହେଲେ । ଏକା ସମୟରେ ସେ ନିଜକୁ ପ୍ରିନସେପ ଅର୍ଥାତ୍ ପ୍ରଥମ ଓ ଶ୍ରେଷ୍ଠ ନାଗରିକ ଘୋଷଣା କଲେ । ଖ୍ରୀ.ପୂ. ୨୭ରେ ଗଣରାଜ୍ୟର ଔପଚାରିକ ଅନ୍ତ ଏବଂ ପ୍ରିନସିପେଟର ଅୟମାରମ୍ଭ ଘଟିଲା ।

ଖ୍ରୀ.ପୂ. ୧୪ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ତିନି ଦଶନ୍ଧି ଧରି ଅଗଷ୍ଟସ ଥିଲେ ରୋମ ସାମ୍ରାଜ୍ୟର ସର୍ବୋଚ୍ଚ ଶାସକ । ଖ୍ର.ପୂ.୮୧ରେ ସୁଲ୍ଲାଙ୍କ ଏକାଧିପତ୍ୟ ବେଳୁ ଆରମ୍ଭ ହୋଇଥିବା ଗଣରାଜ୍ୟର ଚରିତ୍ର ରୂପାନ୍ତରଣ ପ୍ରକ୍ରିୟା ଅଗଷ୍ଟସଙ୍କ ଦ୍ୱାରା ସଫଳ ଭାବେ ପରିପୂର୍ଣ୍ଣାଙ୍ଗ ହୋଇଥିଲା । ରୋମ ଗଣରାଜ୍ୟର ପରମ୍ପରା ପ୍ରତି ଲୋକଙ୍କର ରହିଥିବା ଭାବାବେଗକୁ ଆହତ ନ କରିବା ପାଇଁ ଅଗଷ୍ଟସ ଥିଲେ ଯତ୍ନଶୀଳ । ଏ ପରମ୍ପରାର ଇତିହାସ ଥିଲା ବହୁ ଶତାବ୍ଦୀ ପୁରାତନ ଏବଂ ଏହାର ତୁରନ୍ତ ପରିତ୍ୟାଗ ସମ୍ଭବପର ନ ଥିଲା । ଅଗଷ୍ଟସ ନିଜେ କୌଣସି ରାଜକୀୟ ପଦବୀ ଧାରଣ କରି ନ ଥିଲେ । ପ୍ରିନସେପ କେବଳ ପ୍ରଥମ ନାଗରିକକୁ ସୂଚାଉ ଥିଲା । ବସ୍ତୁତଃ ତାଙ୍କ ସମକାଳୀନମାନଙ୍କୁ ଏକ ରାଜତନ୍ତ୍ର ଶାସନ ଅସ୍ତିତ୍ୱକୁ ଆସୁଥିବା ପ୍ରତୀତ ସୁଦ୍ଧା ହୋଇ ନ ଥିବ । ଅଗଷ୍ଟସଙ୍କ ଶାସନ କାଳକୁ ଐତିହାସିକ ପରିପ୍ରେକ୍ଷୀରେ ଅବସ୍ଥାପିତ କଲେ ହିଁ ତାଙ୍କ କାର୍ଯ୍ୟର ତାତ୍ପର୍ଯ୍ୟ ଏବଂ ସେ କିଭଳି ରାଜତନ୍ତ୍ର ଦ୍ୱାରା ଗଣରାଜ୍ୟର ପ୍ରତିସ୍ଥାପନ ସାଧନ କଲେ ତାହା ଆମେ ବୁଝି ପାରିବା ।

ଉଲ୍ଲେଖନୀୟ ଯେ ପ୍ରିନସିପେଟ ବା ଗଣରାଜ୍ୟାଭାସୀ ସର୍ବୋଚ୍ଚ ଶାସକତନ୍ତ୍ର ଅଧୀନରେ ଚାଲିଥିବା ରାଜତନ୍ତ୍ରର କେତେକ ବିଲକ୍ଷଣ ବୈଶିଷ୍ଟ୍ୟ ରହିଥିଲା ଯାହା ବସ୍ତୁତଃ ରୋମ ଗଣରାଜ୍ୟର ଦୀର୍ଘ ଅତୀତର ଉପଜ । ଅଗଷ୍ଟସ ଗଣରାଜ୍ୟର ମୌଳିକ ସ୍ୱଭାବରେ ପରିବର୍ତ୍ତନ ଆଣିବାରେ ସଫଳ ହୋଇଥିଲେ ମଧ ଆମର ସ୍ମରଣ ରହିବା ଉଚିତ ଯେ ରାଜତନ୍ତ୍ରୀ ଶାସନକୁ ଅନ୍ତିମ ଘଟାନ୍ତର ବହୁ

ପୀଢ଼ି ଧରି ପରିବ୍ୟାପ୍ତ ଏକ କାଳଖଣ୍ଡରେ ସମ୍ପନ୍ନ ହୋଇଥିଲା । ଖୁବ୍ ଦୀର୍ଘ କାଳ ପର୍ଯ୍ୟନ୍ତ ଅଗଷ୍ଟସ ଓ ତାଙ୍କ ଉତ୍ତରାଧିକାରୀ ବୃନ୍ଦ ଗଣରାଜ୍ୟର ଅନ୍ତ ଘଟି ନ ଥିବା କପୋଳ କଳ୍ପନାଟିକୁ ପ୍ରତିପାଳନ କରି ଆସିଥିଲେ । ତତ୍ତ୍ୱତଃ ପ୍ରିନସେପ ଅର୍ଥାତ୍ ସମ୍ରାଟଙ୍କ କର୍ତ୍ତୃତ୍ୱର ଆଧାର ଶାସନ ପାଇଁ କୌଣସି ଦିବ୍ୟ ଅଧିକାର ନୁହେ ନାଗରିକଙ୍କ ସହମତି ଥିଲା । ଶାସକଙ୍କୁ ଗଣରାଜ୍ୟର ସାକାର ସ୍ୱରୂପ ମାନି ନିଆ ଯାଉଥିଲା । ବ୍ୟାବହାରିକ ଦୃଷ୍ଟିରୁ ଏହାର ଅର୍ଥ ଥିଲା ଶାସକଙ୍କ ପାଇଁ ସିନେଟ ଓ ସେନାର ଅନୁମୋଦନ ଅପରିହାର୍ଯ୍ୟ । ଗଣରାଜ୍ୟର ଅପର ଅନୁଷ୍ଠାନମାନଙ୍କର ଅସ୍ତିତ୍ୱ ନାମକୁ ମାତ୍ର ଥିଲେ ମଧ୍ୟ ଖ୍ରୀ.ପୂ.୨୭ ପରେ ସିନେଟ କିଛି କ୍ଷମତା ଧାରଣ କରିଥିଲା । ସମ୍ରାଟ ମନୋନୟନ ପାଇଁ କୌଣସି ଔପଚାରିକ ବିଧି -ବଂଶଗତ ଉତ୍ତରାଧିକାର ନିୟମ ନ ଥାଇ ଥିଲା ନିପାତନ- ନ ଥିଲେ ସୁଦ୍ଧା ଉଭୟ ସିନେଟ ଓ ସେନାର ସ୍ୱୀକୃତି ସମ୍ରାଟଙ୍କୁ ବୈଧତାର ଛାପ ଏବଂ ତାଙ୍କ ଶାସନକୁ ଆପେକ୍ଷିକ ସ୍ଥିରତା ପ୍ରଦାନ କରୁଥିଲା । ନୂତନ ରାଜନୀତିକ ସଂରଚନାର ତିନି ପ୍ରଧାନ ଅବୟବ ଥିଲେ ସମ୍ରାଟ, ସିନେଟ ଓ ସେନା । ଏ ତିନି ଅବୟବ ମଧ୍ୟରେ ଯଥାର୍ଥ ସନ୍ତୁଳନ ସୁନିଶ୍ଚିତ କରିବା ଥିଲା ଅଗଷ୍ଟସଙ୍କ ସାଫଲ୍ୟର କାରଣ । ଏ ନୂତନ ଆୟୋଜନକୁ ସେ ପ୍ରଦାନ କରିଥିବା ସ୍ଥିରତା ଯୋଗୁଁ ପ୍ରିନସିପେଟ ବା ଗଣରାଜ୍ୟାଭାସୀ ସର୍ବୋଚ୍ଚ ଶାସକତନ୍ତ୍ର ପାଖାପାଖି ୨୫୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠିବା ସମ୍ଭବପର ହୋଇଥିଲା ।

ପ୍ରିନସିପେଟ ଅଧୀନରେ ଖ୍ରୀ.ପୂ.୧୧୭ ପର୍ଯ୍ୟନ୍ତ ରୋମ ସାମ୍ରାଜ୍ୟର ବିସ୍ତାର ଧାରା ବଜାୟ ରହିଥିଲା । ଏ ସମୟରେ ଏହା ସର୍ବୋଚ୍ଚ ଆଞ୍ଚଳିକ ବ୍ୟାପ୍ତି ଲାଭ କରିଥିଲା । ସାମ୍ପ୍ରତିକ ପର୍ତ୍ତୁଗାଲ ସମେତ ସ୍ପେନ, ଆଧୁନିକ ଫ୍ରାନସ ଓ ବେଲଜିୟମକୁ ନେଇ ଗଠିତ ଗଲ, ବ୍ରିଟେନ, ଇଟାଲୀ ଏବଂ ଦାନ୍ୟୁବ ନଦୀର ଦକ୍ଷିଣକୁ ଥିବା ସମଗ୍ର କେନ୍ଦ୍ର ଓ ପୂର୍ବ ଇଉରୋପ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଦାନ୍ୟୁବ ନଦୀର ପରପାରିର ରୋମାନିଆ ମଧ୍ୟ ଥିଲା ଏକ ରୋମୀୟ ଅଞ୍ଚଳ । ପୂର୍ବରେ ଆନାତୋଲିଆ, ସିରିଆ, ପାଲେଷ୍ଟାଇନ, ଉତ୍ତର ମେସୋପୋଟାମିଆର ଅଂଶ ବିଶେଷ ଏବଂ ଇଜିପ୍ଟ ଥିଲା ସାମ୍ରାଜ୍ୟର ଅଙ୍ଗ । ଉତ୍ତର ଆଫ୍ରିକାରେ ସାହାରା ମରୁଭୂମି ଓ ଭୂମଧ୍ୟସାଗର ଅନ୍ତର୍ବର୍ତ୍ତୀ ସମସ୍ତ ଅଞ୍ଚଳରେ ରୋମର ଶାସନ ପରିବ୍ୟାପ୍ତ ହୋଇଥିଲା । ରୋମ ଅଧୀନରେ ବହୁ ଶତାବ୍ଦୀ ଧରି ସମଗ୍ର ଭୂମଧ୍ୟସାଗରୀୟ ଅଞ୍ଚଳର ରାଜନୀତିକ ଏକୀକରଣ ଘଟିଥିଲା ଏବଂ ଅର୍ଥବ୍ୟବସ୍ଥାର ପୋଷଣ ପାଇଁ ଏହା ଥିଲା ଅତ୍ୟାବଶ୍ୟକ ।

ଭୂମଧ୍ୟସାଗରୀୟ ଅଞ୍ଚଳ ଉପରେ ନିୟନ୍ତ୍ରଣ ଫଳରେ ସୁଦୂର ବାଣିଜ୍ୟ ଓ ଯୋଗାଯୋଗ ସୁଗମ ହୋଇଥିଲା ।




*ରୋମ ସାମ୍ରାଜ୍ୟର ବ୍ୟାପ୍ତି*

## ୧.୫ ଦାସତ୍ୱ

ବହୁ ମାତ୍ରାରେ ଦାସତ୍ୱ ଥିଲା ଗ୍ରୀକ ସାମାଜିକ ବିନ୍ୟାସର ଏକ ମହତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ତେବେ ପ୍ରାଚୀନ ବିଶ୍ୱରେ ରୋମରେ ହିଁ ଦାସପ୍ରଥାର ସବୁଠାରୁ ବ୍ୟାପକ ବିକାଶ ଘଟିଥିଲା । ରୋମୀୟ ଅଭିଜାତମାନେ ସାମ୍ରାଜ୍ୟର ପଶ୍ଚିମ ଭାଗରେ ବିଶେଷତଃ ସ୍ପେନ, ଗଲ ଓ ଇଟାଲୀରେ ବିସ୍ତୃତ ଭୂସମ୍ପଦ ଅଧିଗ୍ରହଣ କରିଥିଲେ । ଏ ଅଞ୍ଚଳଗୁଡ଼ିକର ବିଜୟ ଦାସତ୍ୱର ସମ୍ପ୍ରସାରଣ ପାଇଁ ନୂତନ ସମ୍ଭାବନା ଉନ୍ମୁକ୍ତ କଲା । ପଶ୍ଚିମ ଇଉରୋପର କୃଷି ଅର୍ଥବ୍ୟବସ୍ଥାରେ *ଲାଟିଫଣ୍ଡିଆ* ରୂପେ କଥିତ

ବିଶାଳ ଭୂଜାଗିରର ପ୍ରାଧାନ୍ୟ ରହିଥିଲା । ପ୍ରାଚୀନ ଗ୍ରୀସର ବୃହତ୍ ଭୂସ୍ୱାମୀମାନଙ୍କ ଜାଗିର ଆକାର ଦୃଷ୍ଟିରୁ *ଲାଟିଫଣ୍ଡିଆ* ସହ ଆଦୌ ତୁଳନୀୟ ହିଁ ନ ଥିଲା । ଗ୍ରୀସରେ ବୃହତ୍ ଭୂଧାରଣର ଆକାର ଥିଲା ୭୫ରୁ ୧୦୦ ଏକର । ୧୦୦ ଏକରରୁ ଅଧିକ ଜାଗିର ଥିଲା ଅସାଧାରଣ । କିନ୍ତୁ ରୋମୀୟ ଅଭିଜାତମାନଙ୍କ *ଲାଟିଫଣ୍ଡିଆ*ର ଆକାର ସାଧାରଣତଃ ଥିଲା ବହୁ ହଜାର ଏକର । ବହୁ ଲକ୍ଷ ଏକର ପରିବ୍ୟାପ୍ତ *ଲାଟିଫଣ୍ଡିଆଧାରୀ* ମଧ୍ୟ ରହିଥିଲେ ।

*ଲାଟିଫଣ୍ଡିଆ*ରେ ଦାସମାନେ କୃଷିଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ । ଭୂଧାରଣର କ୍ଷୁଦ୍ର ଆକାର ଦୃଷ୍ଟିରୁ ଗ୍ରୀସରେ ଦାସତ୍ୱ ସମ୍ପ୍ରସାରଣର ସମ୍ଭାବନା ଥିଲା ନିତାନ୍ତ ସୀମିତ । କିନ୍ତୁ *ଲାଟିଫଣ୍ଡିଆ*ରେ ଅବଶୋଷିତ ଦାସ ସଂଖ୍ୟା ଥିଲା ଚିର ପ୍ରବର୍ଦ୍ଧମାନ । ଯୁଦ୍ଧ ଏବଂ ଚୋରୀ ଯୋଗୁଁ ଜାଗିରମାନଙ୍କୁ ଦାସ ଯୋଗାଣର ନିରନ୍ତରତା ବଜାୟ ରହିଥିଲା । ଏକ ଆକଳନ ଅନୁସାରେ କେବଳ ଇଟାଲୀ ଉପଦ୍ୱୀପରେ ଖ୍ରୀ.ପୂ. ୨୨୫ରୁ ଖ୍ରୀ.ପୂ.୪୩ ମଧ୍ୟରେ ଦାସ ସଂଖ୍ୟା ୬ଲକ୍ଷରୁ ୩୦ଲକ୍ଷକୁ ବୃଦ୍ଧି ପାଇଥିଲା । ଅଗଷ୍ଟସ ଓ ତାଙ୍କ ଆସନ୍ନ ଉତ୍ତରାଧିକାରୀମାନଙ୍କ ଅଧୀନରେ ପଶ୍ଚିମ ପ୍ରଦେଶମାନଙ୍କରେ ରୋମୀୟ ଶାସନର ଦୃଢ଼ୀକରଣ ହେତୁ କୃଷି କ୍ଷେତ୍ର ଏବଂ ସ୍ପେନ ଓ ଗଲରେ ଦାସତ୍ୱର ସମ୍ପ୍ରସାରଣ ଘଟିଲା । ଅଗଷ୍ଟସ ଯୁଗ ଦ୍ୱାରା ସଞ୍ଚାଳିତ ଶାନ୍ତି ଓ ସ୍ଥିରତା ରୋମର ଶାସକ ଶ୍ରେଣୀଙ୍କୁ ବିଶାଳ ଐଶ୍ୱର୍ଯ୍ୟ ଏକତ୍ର କରିବାରେ ସହାୟକ ହେଲା ।

ରୋମର ବିଧାନ ସମ୍ପଦର ଏକ ସ୍ୱରୂପ ଭାବେ ଦାସମାନଙ୍କୁ ସ୍ୱୀକୃତି ଦେଉଥିଲା । ଦାସମାନଙ୍କ ପାଇଁ ବ୍ୟବହୃତ ସାଧାରଣ ଶବ୍ଦ ଥିଲା ସର୍ଭୁସ *(servus)* ବା ସେବକ । ଦାସମାନେ ଥିଲେ ପଣ୍ୟ । ବଜାରରେ ଗୋରୁଗାଈ ଭଳି ସେମାନଙ୍କର କିଣାବିକା ଚାଲୁଥିଲା । ରୋମ ଅର୍ଥବ୍ୟବସ୍ଥାର ପ୍ରତ୍ୟେକ କ୍ଷେତ୍ରରେ ଦାସ ଶ୍ରମ ଦେଖିବାକୁ ମିଳୁଥିଲା । କୃଷି, ଖଣି ଏବଂ ହସ୍ତଶିଳ୍ପ ଉତ୍ପାଦନ କ୍ଷେତ୍ରରେ ଏମାନଙ୍କ ସଂଖ୍ୟା ଥିଲା ସର୍ବାଧିକ । ନବେ ପ୍ରତିଶତ ହସ୍ତଶିଳ୍ପ ଉତ୍ପାଦନ ଦାସମାନେ କରୁଥିଲେ । ସରକାରୀ କାର୍ଯ୍ୟାଳୟରେ ମଧ୍ୟ ସେମାନଙ୍କୁ କିରାଣି ରୂପେ ନିଯୁକ୍ତି ଦିଆଯାଉ ଥିଲା । ସଂଖ୍ୟାଗରିଷ୍ଠ ଦାସ *ଲାଟିଫଣ୍ଡିଆ*ରେ କାମ କରୁଥିଲେ । କୃଷି ଏବଂ ଖଣିରେ ନିୟୋଜିତ ଦାସମାନଙ୍କୁ ଅଧିକାଂଶ କ୍ଷେତ୍ରରେ ଶୃଙ୍ଖଳବଦ୍ଧ କରି ରଖାଯାଉ ଥିଲା । ଦାସମାନଙ୍କ ଉପରେ କଠୋର ନିୟନ୍ତ୍ରଣ ପାଇଁ ରୋମ ରାଷ୍ଟ୍ର ବଳ ପ୍ରୟୋଗ କରୁଥିଲା । ସେମାନଙ୍କୁ ଛିନ୍ନଭିନ୍ନ କରି ରଖିବାକୁ ଏବଂ ଦାସମାନଙ୍କ ମଧ୍ୟରେ

କୌଣସି ଐକ୍ୟଭାବ ସୃଷ୍ଟିକୁ ପ୍ରତିହତ କରିବାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ ଥିଲା । ସେମାନେ ଭିନ୍ନ ଭାଷା କହୁଥିଲେ । ସେମାନଙ୍କର କୌଣସି ରକ୍ତଗତ ବନ୍ଧନ ନ ଥିଲା । ରାଷ୍ଟ୍ରର କଠୋର ନିୟନ୍ତ୍ରଣ ସତ୍ତ୍ୱେ ଦାସମାନେ ଅନେକ ବିଦ୍ରୋହ କରିଥିବା ଜଣାଯାଏ । ଦାସମାନଙ୍କ ତିନୋଟି ପ୍ରମୁଖ ବିଦ୍ରୋହର ସାକ୍ଷ୍ୟ ଆମକୁ ମିଳେ । ପ୍ରଥମଟି ସିସିଲିରେ ଖ୍ରୀ.ପୂ.୧୩୬ରୁ ଖ୍ରୀ.ପୂ.୧୩୨ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟଟି ମଧ୍ୟ ସିସିଲି ଦ୍ୱୀପରେ ଖ୍ରୀ.ପୂ.୧୦୪ରୁ ଖ୍ରୀ.ପୂ.୧୦୦ରେ ଘଟିଥିଲା । ଖ୍ରୀ.ପୂ.୭୩ରୁ ଖ୍ରୀ.ପୂ.୭୧ ମଧ୍ୟରେ ଆଧୁନିକ ନେପଲସ ସମୀପବର୍ତ୍ତୀ କପୁଆରେ ସ୍ପାର୍ଟାକସଙ୍କ ନେତୃତ୍ୱରେ ସଂଗଠିତ ଦାସମାନଙ୍କ ବିଦ୍ରୋହ ଥିଲା ସବୁଠାରୁ ଗମ୍ଭୀର । ଏ ସମସ୍ତ ବିଦ୍ରୋହକୁ କଠୋର ହସ୍ତରେ ଦମନ କରାଯାଇ ଥିଲା । ମାନବ ଜାତିର ସମଗ୍ର ଇତିହାସରେ ଆଉ କୌଣସି ସମାଜରେ ପ୍ରାଚୀନ ରୋମ ଭଳି ଦାସମାନଙ୍କ ଉପଯୋଗ ଏତେ ମାତ୍ରାରେ କରାଯାଇ ନାହିଁ । ଗ୍ରୀସ ଓ ରୋମର ସମାଜରେ ଦାସମାନେ ନ ଥିଲେ; ଏଗୁଡ଼ିକ ଗୋଟିଏ ଗୋଟିଏ ଦାସ ସମାଜ ହିଁ ଥିଲା । ଉତ୍ପାଦନ ପାଇଁ ବିପୁଳ ମାତ୍ରାରେ ଦାସମାନଙ୍କ ଶ୍ରମ ନିୟୋଜନ ହେତୁ ପ୍ରାଚୀନ ଗ୍ରୀସ-ରୋମ ସମାଜ ଦାସ ସମାଜ ବିବେଚିତ ହୁଏ ।

**ପ୍ରଗତି ପରୀକ୍ଷଣ-୩**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଏକ ପେସାଦାର ସେନାର ଅଭ୍ୟୁଦୟ ପ୍ରକ୍ରିୟା ଆଲୋଚନା କରନ୍ତୁ । ଏହା ରୋମ ଗଣରାଜ୍ୟକୁ କିଭଳି ପ୍ରଭାବିତ କଲା ?

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

.......................................................................................................

.......................................................................................................

.......................................................................................................

**ପ୍ରଶ୍ନ ୨.** ରୋମ ଗଣରାଜ୍ୟରେ ପ୍ରଚଳିତ ଦାସତ୍ୱ ଉପରେ ଏକ ସଂକ୍ଷିପ୍ତ ଟିପ୍‌ପଣୀ ଲେଖନ୍ତୁ ।

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

## ୧.୬ ସାରାଂଶ

ଏଇ ଏକକରେ ଆପଣ ରୋମ ଗଣରାଜ୍ୟର ପାଞ୍ଚ ଶହ ବର୍ଷର ଇତିହାସ ସମ୍ବନ୍ଧରେ ଅବଗତ ହେଲେ । ଗୋଟିଏ ଏକକରେ ଏ କାଳର ସମସ୍ତ ଦିଗର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ ଖୁବ୍ ଆୟାସସାଧ୍ୟ । ଆମେ ତେଣୁ ନିର୍ବାଚିତ ବୈଶିଷ୍ଟ୍ୟ ଏବଂ ପ୍ରମୁଖ ଘଟଣାର ଆଲୋଚନାରେ ନିଜକୁ ସୀମିତ ରଖିଲୁ । ଦୀର୍ଘ କାଳ ଧରି ରୋମ ସାମ୍ରାଜ୍ୟର ବିଶେଷ ବିସ୍ତାର ଜାରି ରହିଥିଲା । ବିସ୍ତାରର ପ୍ରଥମ ପର୍ଯ୍ୟାୟ ଖ୍ରୀ.ପୂ. ୨୮୦ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏ ଏକକରେ ରୋମ ସାମ୍ରାଜ୍ୟର ରାଜନୀତିକ ସଂରଚନା ଓ ସାମାଜିକ ସଂଗଠନ ଉପରେ ବିଶେଷ ଜୋର୍ ଦିଆଗଲା । ସାମାଜିକ ଅନୁକ୍ରମ, ବ୍ୟବସ୍ଥାପିକା ଓ ସମ୍ମେଳନର ବିଶ୍ଲେଷଣ କରାଗଲା । ସାମାଜିକ ଅନୁକ୍ରମ ମଧ୍ୟରେ ସଂଘର୍ଷ ରୋମୀୟ ସମାଜରେ ପ୍ଲେବିଅନମାନଙ୍କ ସଶକ୍ତୀକରଣ ଘଟାଇଲା । ଏକ ପେସାଦାର ସେନାର ଅଭ୍ୟୁଦୟ ଶେଷ ଶତାବ୍ଦୀରେ ଇତିହାସର ଗତିପଥକୁ ପ୍ରଭାବିତ କଲା । ରୋମ ଗଣରାଜ୍ୟର ଅନ୍ୟତମ ମହତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ଥିଲା ଅର୍ଥବ୍ୟବସ୍ଥାର ସକଳ କ୍ଷେତ୍ରରେ ବିପୁଳ ମାତ୍ରାରେ ଦାସମାନଙ୍କ ଉପଯୋଗ । ରୋମ ସଭ୍ୟତା ଦାସମାନଙ୍କ ଶ୍ରମ ଉପରେ

ଏତେ ନିର୍ଭରଶୀଳ ଥିଲା ଯେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ଶେଷ ବେଳକୁ ଦାସ ଯୋଗାଣରେ ହ୍ରାସ ହେତୁ ଅର୍ଥବ୍ୟବସ୍ଥା ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଲା । ଏ ଆର୍ଥିକ ସମସ୍ୟା ସହ ଏକା ସମୟରେ ରାଜନୀତିକ ସଙ୍କଟ ହେତୁ ପରିଶେଷରେ ରୋମ ସାମ୍ରାଜ୍ୟର ପତନ ଘଟିଲା ।

## ୧.୭ ସୂଚକ ଶବ୍ଦାବଳୀ

**ଅଭିଜାତବର୍ଗ:** ନିର୍ଦ୍ଦିଷ୍ଟ ସମାଜର ସର୍ବୋଚ୍ଚ ଶ୍ରେଣୀ । ଆନୁବଂଶିକ ସୂତ୍ରରେ ଉପାଧି ଓ ପଦବୀ ଧାରଣ କରିଥିବା ମହତ୍ ଜନ୍ମାଙ୍କୁ ନେଇ ଏହା ଗଠିତ ।

**ଅଭିଜାତ:** ଅଭିଜାତବର୍ଗର ସଦସ୍ୟ; ଜଣେ ମହତ୍ ଜନ୍ମା । *Patrician*ର ପର୍ଯ୍ୟାୟବାଚୀ ପ୍ରୟୋଗ ।

**ଅଳ୍ପଜନତନ୍ତ୍ର:** ଦେଶ ଅଥବା ସଂଗଠନକୁ ନିୟନ୍ତ୍ରଣରେ ରଖିଥିବା କ୍ଷୁଦ୍ର ଗୋଷ୍ଠୀ । *Oligarchy*ର ପର୍ଯ୍ୟାୟବାଚୀ ପ୍ରୟୋଗ ।

**ପ୍ଲେବିଅନ:** ପ୍ରାଚୀନ ରୋମର ସାଧାରଣ ଜନତା ।

**ପ୍ରିନସିପେଟ:** ଆଦି ରୋମ ସମ୍ରାଟମାନଙ୍କ ଶାସନ । ଏତିକିବେଳେ ଗଣରାଜ୍ୟର କେତେକ ବୈଶିଷ୍ଟ୍ୟ ବଜାୟ ରହିଥିଲା ।

**ଗଣରାଜ୍ୟ:** ଜନତା ଓ ସେମାନଙ୍କ ନିର୍ବାଚିତ ପ୍ରତିନିଧିଙ୍କ ଠାରେ ସର୍ବୋଚ୍ଚ କ୍ଷମତା ନ୍ୟସ୍ତ ଥିବା ରାଷ୍ଟ୍ର । ଜଣେ ରାଜାଙ୍କ ପରିବର୍ତ୍ତେ ନିର୍ବାଚିତ ଅଥବା ମନୋନୀତ ପ୍ରଧାନ ଏଠାରେ ଶାସନ କରନ୍ତି ।

**ବ୍ୟବସ୍ଥାପିକା:** *Senate*ର ପର୍ଯ୍ୟାୟବାଚୀ ପ୍ରୟୋଗ । ପ୍ରାଚୀନ ରୋମ ଗଣରାଜ୍ୟ ଓ ସାମ୍ରାଜ୍ୟର ରାଷ୍ଟ୍ରୀୟ ପରିଷଦ । ଏହା ଗଣସମ୍ମେଳନମାନଙ୍କ ସହ ବିଧିନିର୍ମାଣ, ଦଣ୍ଡଧରମାନଙ୍କ ସହ ପ୍ରଶାସନ ଏବଂ ନାଇଟ(*Knight*)ମାନଙ୍କ ସହ ନ୍ୟାୟିକ କ୍ଷମତା ଭାଗ କରୁଥିଲା ।

## ୧.୮ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧.୨ ଦେଖନ୍ତୁ ।

**ପ୍ରଗତି ପରୀକ୍ଷଣ-୨**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧.୩.୩ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୧.୩.୪ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** ଉପବିଭାଗ ୧.୩.୫ ଦେଖନ୍ତୁ ।

**ପ୍ରଗତି ପରୀକ୍ଷଣ-୩**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧.୪.୧ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୧.୫ ଦେଖନ୍ତୁ ।

## ୧.୯ ପରବର୍ତ୍ତୀ ପଠନ

Anderson, P. 2013. *Passages from Antiquity to Feudalism*. Verso World History Series.

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

# ଦ୍ୱିତୀୟ ଏକକ: ରୋମ ସାମ୍ରାଜ୍ୟରେ ସଙ୍କଟ: ଜୁଲିୟସ ସିଜରଙ୍କ ଉତ୍ଥାନ ଓ ପତନ

**ବିଷୟ ଗଠନ:**


୨.୦ ପଠନର ଉଦ୍ଦେଶ୍ୟ

୨.୧ ଉପକ୍ରମ

୨.୨ ଜୁଲିୟସ ସିଜରଙ୍କ ଆଦ୍ୟ ଜୀବନ ଓ ଚଳନ

୨.୩ କନସଲ ପଦବୀ ଓ ସାମରିକ ଅଭିଯାନ

୨.୩.୧ ଗଲ ବିଜୟ

୨.୩.୨ ଗୃହଯୁଦ୍ଧ

୨.୪. ଏକାଧିପତ୍ୟ ଓ ହତ୍ୟା

୨.୪.୧ ଏକାଧିପତ୍ୟ

୨.୪.୧.୧ ରାଜନୀତିକ ସଂସ୍କାର

୨.୪.୨ ହତ୍ୟା

୨.୪.୩ ହତ୍ୟାର ପରିଣାମ

୨.୪.୪ ଦେବତ୍ୱ ଆରୋପଣ

୨.୫ ସାରାଂଶ

୨.୬ ସୂଚକ ଶବ୍ଦାବଳୀ

୨.୭ ପ୍ରଗତି ପରିମାପକ ଉତ୍ତର

୨.୮ ପରବର୍ତ୍ତୀ ପଠନ


## ୨.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ଜୁଲିୟସ ସିଜରଙ୍କ ଜୀବନ ଓ ଚଳନ
- ଜୁଲିୟସ ସିଜରଙ୍କ ପୂର୍ବରୁ ରୋମ ସାମ୍ରାଜ୍ୟର ରାଜନୀତିକ ସ୍ଥିତି ଏବଂ ତାଙ୍କ ସଂସ୍କାର
- ରୋମ ସାମ୍ରାଜ୍ୟର ବିକାଶରେ ଜୁଲିୟସ ସିଜରଙ୍କ ଭୂମିକା

## ୨.୧ ଉପକ୍ରମ

ଜୁଲିୟସ ସିଜର ନାମ ଓ ଉପନାମରେ ପରିଚିତ ଗୈୟସ ଜୁଲିୟସ ସିଜର (ଖ୍ରୀ.ପୂ.୧୦୦-ଖ୍ରୀ.ପୂ. ୪୪) ଥିଲେ ଜଣେ ଜନରଞ୍ଜକ ରୋମୀୟ ଏକାଧିପତି, ରାଜନୀତିଜ୍ଞ ଓ ସେନାଧ୍ୟକ୍ଷ । ରୋମ ଗଣରାଜ୍ୟର ବିଲୟ ଏବଂ ରୋମ ସାମ୍ରାଜ୍ୟର ଉଦୟ ପାଇଁ ଦାୟୀ ଘଟଣାବଳୀ ପଛରେ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ଶାସନର ନିୟନ୍ତ୍ରଣ ହାସଲ ପରେ ସିଜର ଜୁଲୀୟ ପଞ୍ଜିକା ପ୍ରଚଳନ ସମେତ ସାମାଜିକ ଓ ଶାସନଗତ ସଂସ୍କାର ଆରମ୍ଭ କଲେ । ରୋମ ଗଣରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳର ଅନେକ ଅଧିବାସୀଙ୍କୁ ସେ ନାଗରିକତ୍ୱ ପ୍ରଦାନ କଲେ; ଭୂସଂସ୍କାର ଓ ନିବୃତ୍ତ ସୈନିକମାନଙ୍କୁ ସହାୟତା ଆରମ୍ଭ କଲେ; ଅମଲାତନ୍ତ୍ରର କେନ୍ଦ୍ରୀକରଣ କଲେ; ପରିଶେଷରେ ନିଜକୁ ଅତିରିକ୍ତ କର୍ତ୍ତୃତ୍ୱ ପ୍ରଦାନ କରି 'ଆଜୀବନ ଏକାଧିପତି' ଘୋଷଣା କଲେ । ତାଙ୍କର ଜନରଞ୍ଜକ ଓ ଏକଛତ୍ର ସଂସ୍କାର ଶିଷ୍ଟମାନଙ୍କୁ କ୍ରୁଦ୍ଧ କଲା । ସେମାନେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କଲେ । ଖ୍ରୀ.ପୂ.୪୪ ମାର୍ଚ୍ଚ ୧୫ ତାରିଖରେ ଗୈୟସ କସ୍‌ସିୟସ ଲଞ୍ଜିନସ୍, ମାର୍କସ ଜୁନିୟସ ବ୍ରୁଟସ ଓ ଡେସିମସ ଜୁନିୟସ ବ୍ରୁଟସଙ୍କ ନେତୃତ୍ୱରେ ବିଦ୍ରୋହୀ ସିନେଟ ସଦସ୍ୟମାନେ ସିଜରଙ୍କୁ ଛୁରୀ ଭୁସି ହତ୍ୟା କଲେ । ଗୃହଯୁଦ୍ଧର ନୂତନ ଶୃଙ୍ଖଳା ଆରମ୍ଭ ହେଲା ଏବଂ ଗଣରାଜ୍ୟର ସାମ୍ବିଧାନିକ ଶାସନ ଆଉ କେବେ ମଧ୍ୟ ପୂର୍ଣ୍ଣ ମାତ୍ରାରେ ପୁନଃସ୍ଥାପିତ ହୋଇପାରିଲା ନାହିଁ । ଗୃହଯୁଦ୍ଧରେ ବିରୋଧୀଙ୍କୁ ପରାସ୍ତ କରି ସିଜରଙ୍କ ଦତ୍ତକ ଉତ୍ତରାଧିକାରୀ ଅକ୍‌ଟାଭିୟନ- ପରେ ଅଗଷ୍ଟସ ନାମରେ ପରିଚିତ- ଏକଛତ୍ର କ୍ଷମତାରେ ଅଧିରୂଢ଼ ହେଲେ । ଅକ୍‌ଟାଭିୟନ ତାଙ୍କ କ୍ଷମତା ସୁଦୃଢ଼ କରିବା ଆରମ୍ଭ କଲେ ଏବଂ ରୋମ ସାମ୍ରାଜ୍ୟର ଯୁଗ ଆରବ୍ଧ ହେଲା ।

## ୨.୨ ଜୁଲିୟସ ସିଜରଙ୍କ ଆଦ୍ୟ ଜୀବନ ଓ ଚଳନ

ଗୈୟସ ଜୁଲିୟସ ସିଜରଙ୍କ ଜନ୍ମ ଆଲବାନ ମୂଳ ଅଭିଜାତ ଜୁଲିଆ ପରିବାରରେ । ଏ ପରିବାର ଦେବୀ ଭେନସଙ୍କ ପୁତ୍ର କୁହାଯାଉ ଥିବା ପୌରାଣିକ ଟ୍ରୋଜାନ ରାଜକୁମାର ଆୟନିଜଙ୍କ ପୁତ୍ର ୟୁଲସଙ୍କ ବଂଶଧର ବୋଲି ଦାବୀ କରୁଥିଲେ । ଆଲବା ଲୋଙ୍ଗା ଧ୍ୱଂସ ହେବା ପରେ ପ୍ରାୟ ଖ୍ରୀ.ପୂ. ୭ମ ଶତାବ୍ଦୀର ମଧ୍ୟଭାଗରୁ ରୋମରେ ନିବାସ ସ୍ଥାପନ କରିଥିବା ଏକ ଅଗ୍ରଣୀ ଆଲବାନ ପରିବାର ରୂପେ ଜୁଲିଆମାନଙ୍କର ଉଲ୍ଲେଖ ରହିଛି । ଅନ୍ୟ ଅଭିଜାତ ଆଲବାନ ପରିବାର ସହ ସେମାନଙ୍କୁ ପାଟ୍ରିସିଅନ ମର୍ଯ୍ୟାଦା ଦିଆଯାଇ ଥିଲା । ପ୍ରାଚୀନ କାଳରେ ବୋଭିଲେରେ ଜୁଲିଆମାନଙ୍କ ଅସ୍ତିତ୍ୱ ନେଇ ସାକ୍ଷ୍ୟ ମିଳିଛି । ଏ ସହରର ନାଟ୍ୟଶାଳାର ବେଦିକା ଉପରିସ୍ଥ ଏକ ଅତ୍ୟନ୍ତ ପ୍ରାଚୀନ ଅଭିଲେଖରେ ଆଲବାନ ରୀତିରେ ସେମାନଙ୍କ ବଳି ପ୍ରଦାନ ସମ୍ବନ୍ଧରେ ଉଲ୍ଲେଖ ଅଛି । ପ୍ଲିନି ବରିଷ୍ଠଙ୍କ ମତରେ ଗର୍ଭାଶୟ କର୍ତ୍ତନ ପରେ ଜନ୍ମ ନେଇଥିବା ଜଣେ ପୂର୍ବଜଙ୍କ ଅନୁସାରେ ସିଜର ଉପନାମଟି ଉତ୍ପନ୍ନ । ଅଗଷ୍ଟସ ଇତିହାସ ବା *ହିଷ୍ଟରିଆ ଅଗଷ୍ଟା* *(Historia Augusta)* ଏ ନେଇ ତିନୋଟି ବିକଳ୍ପ ସ୍ପଷ୍ଟୀକରଣ ପ୍ରଦାନ କରିଛି: ୧. ସିଜର ବଂଶର ପ୍ରଥମ ପୁରୁଷଙ୍କ ମସ୍ତକରେ ଘଞ୍ଚ କେଶ (ଲାଟିନ ସିଜାରିସ) ରହିଥିଲା; ୨. ତାଙ୍କର ଉଜ୍ଜଳ ଧୂସର ଚକ୍ଷୁ ଥିଲା; ୩. ସେ ଯୁଦ୍ଧରେ ଏକ ହସ୍ତୀକୁ ହତ୍ୟା କରିଥିଲେ । ସିଜରଙ୍କ ଦ୍ୱାରା ହସ୍ତୀ ଚିତ୍ର ଥିବା ମୁଦ୍ରା ପ୍ରଚଳନରୁ ସେ ତାଙ୍କ ନାମର ଏ ବ୍ୟାଖ୍ୟା ସପକ୍ଷରେ ଥିବା ପ୍ରମାଣିତ ହୁଏ ।

ପ୍ରାଚୀନ ବଂଶ ପରମ୍ପରା ସତ୍ତ୍ୱେ ଜୁଲିଆ ସିଜରମାନେ ରାଜନୀତିକ ଦୃଷ୍ଟିରୁ ବିଶେଷ ପ୍ରଭାବଶାଳୀ ନ ଥିଲେ । ତେବେ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ଆଦ୍ୟ ଭାଗରେ ସେମାନଙ୍କ ରାଜନୀତିକ ଭାଗ୍ୟର ପୁନରୁତ୍‌ଥାନ ଘଟିଥିଲା । ସିଜରଙ୍କ ପିତା- ତାଙ୍କ ନାମ ମଧ୍ୟ ଗୈୟସ ଜୁଲିୟସ ସିଜର- ଏସିଆ ପ୍ରଦେଶ ଶାସନ କରୁଥିଲେ; ପିଉସୀ ଜୁଲିଆ ଗଣରାଜ୍ୟର ଅତି ବିଶିଷ୍ଟ ବ୍ୟକ୍ତି ଗୈୟସ ମରିୟସଙ୍କୁ ବିବାହ କରିଥିଲେ ଏବଂ ମାତା ଅରେଲିଆ କୋଟ୍ଟା ଏକ ପ୍ରଭାବଶାଳୀ ପରିବାରର କନ୍ୟା ଥିଲେ । ସିଜରଙ୍କ ଶୈଶବ ସମ୍ବନ୍ଧରେ ଖୁବ୍ କମ୍ ଜଣାଯାଏ । ଖ୍ରୀ.ପୂ. ୮୫ରେ ତାଙ୍କ ପିତାଙ୍କର ଆକସ୍ମିକ ଦେହାନ୍ତ ହେଲା । ସିଜର ତେଣୁ ୧୬ ବର୍ଷ ବୟସରେ ପରିବାରର ମୁଖ୍ୟ ହେଲେ । ସେ ପ୍ରାପ୍ତ

ବୟସ୍କ ହେବା ବେଳକୁ ତାଙ୍କ ପିଉସା ଗୈୟସ ମରିୟସ ଏବଂ ପ୍ରତିଦ୍ୱନ୍ଦ୍ୱୀ ଲୁସିୟସ କର୍ନେଲିୟସ ସୁଲ୍ଲାଙ୍କ ମଧ୍ୟରେ ଗୃହଯୁଦ୍ଧ ଚାଲିଥିଲା । ଉଭୟ ପକ୍ଷ ନିଜ ନିଜ ପ୍ରାଧାନ୍ୟ ଥିବା ଅଞ୍ଚଳରେ ରାଜନୀତିକ ବିରୋଧୀଙ୍କ ଉପରେ ରକ୍ତାକ୍ତ ପ୍ରତିଶୋଧ ଗ୍ରହଣ କରୁଥିଲେ । ସିଜର ନୂତନ ପୁରୋହିତ *(Flamen Dialis/high priest of Jupiter)* ମନୋନୀତ ହେବା ବେଳକୁ ନଗରୀଟି ମରିୟସ ଓ ତାଙ୍କ ମିତ୍ର ଲୁସିୟସ କର୍ନେଲିୟସ ସିନ୍ନାଙ୍କ ନିୟନ୍ତ୍ରଣରେ ରହିଥିଲା ଏବଂ ସେ ସିନ୍ନାଙ୍କ କନ୍ୟା କର୍ନେଲିଆଙ୍କୁ ବିବାହ କଲେ ।

ସୁଲ୍ଲାଙ୍କ ଅନ୍ତିମ ବିଜୟ ପରେ ପୁରୁଣା ଶାସନ ସହ ସମ୍ବନ୍ଧ ହେତୁ ସିଜର ନୂତନ ଶାସନର ଶରବ୍ୟ ହେଲେ । ତାଙ୍କୁ ଉତ୍ତରାଧିକାର, ପୌରୋହିତ୍ୟ ଏବଂ ପତ୍ନୀଙ୍କ ଯୌତୁକରୁ ବଞ୍ଚିତ କରାଗଲା । ସେ କିନ୍ତୁ କର୍ନେଲିଆଙ୍କୁ ଛାଡ଼ପତ୍ର ଦେବାକୁ ପ୍ରତ୍ୟାଖ୍ୟାନ କଲେ ଏବଂ ଗୋପନବାସରେ ରହିବାକୁ ବାଧ୍ୟ ହେଲେ । ସୁଲ୍ଲାଙ୍କ ସମର୍ଥକ ଅନ୍ତର୍ଭୁକ୍ତ ଥିବା ତାଙ୍କ ମାତୃ ପରିବାର ଓ ପବିତ୍ର କୁମାରୀଗଣ*(Vestal Virgins)*ଙ୍କ ହସ୍ତକ୍ଷେପ ଫଳରେ ସିଜରଙ୍କ ଉପରୁ ବିପଦ ହଟିଲା । ସୁଲ୍ଲା କୁଣ୍ଠିତ ଭାବେ ପଛଘୁଞ୍ଚା ଦେଲେ । କୁହାଯାଏ ଯେ ସିଜରଙ୍କ ଭିତରେ ଅନେକ ମରିୟସଙ୍କୁ ଦେଖୁଥିବା ସୁଲ୍ଲା ଘୋଷଣା କରିଥିଲେ । ପୌରୋହିତ୍ୟ ହାନି ଯୋଗୁଁ ତାଙ୍କୁ ସାମରିକ ପେସା ଆପଣାଇବା ସୁବିଧାଜନକ ହେଲା । କାରଣ ଉଚ୍ଚ ପଦାସୀନ ପୁରୋହିତଙ୍କୁ ଅଶ୍ୱ ସ୍ପର୍ଶ, ନିଜ ଖଟିଆ ଛାଡ଼ି ଅନ୍ୟତ୍ର ତିନି ରାତ୍ରି ଶୟନ, ରୋମ ବାହାରେ ଗୋଟିଏ ବି ରାତ୍ରିଯାପନ ଅଥବା ସେନାର ତତ୍ତ୍ୱାବଧାନ କରିବା ଧର୍ମାନୁମୋଦିତ ନ ଥିଲା ।

ସିଜର ଅନୁଭବ କଲେ ଯେ ଏକାଧିପତି କେତେବେଳେ ବି ମନ ବଦଳାଇ ଦେଇ ପାରନ୍ତି; ଅତଏବ ସୁଲ୍ଲାଙ୍କ ଠାରୁ ଦୂରରେ ରହିବା ହିଁ ନିରାପଦ । ସେ ତେଣୁ ରୋମ ପରିତ୍ୟାଗ କରି ସେନାରେ ଯୋଗ ଦେଲେ । ଏସିଆରେ ମାର୍କସ ମିନସିୟସ ଥର୍ମସ ଏବଂ ସିଲିସିଆରେ ସର୍ଭିଲିୟସ ଇସୌରିୟସଙ୍କ ଅଧୀନରେ କାର୍ଯ୍ୟ କରି ମିଟିଲିନ ଅବରୋଧରେ ନିଜର ଗୌରବପୂର୍ଣ୍ଣ ଯୋଗଦାନ ହେତୁ ସେ ନାଗରିକ ମୁକୁଟ *(Civic Crown)* ହାସଲ କଲେ । ରାଜା ନିକୋମେଡସଙ୍କ ନୌବାହିନୀର ସହାୟତା ହାସଲ ପାଇଁ ତାଙ୍କୁ ବିଥିନିଆ ପ୍ରେରଣ କରାଗଲା । ତେବେ ନିକୋମେଡସଙ୍କ ଦରବାରରେ ସେ

ଏତେ ଦୀର୍ଘ କାଳ ଅବସ୍ଥାନ କଲେ ଯେ ସେ ଦୁହିଁଙ୍କ ମଧ୍ୟରେ ଯୌନ ସମ୍ବନ୍ଧ ରହିଥିବା ନେଇ ଗୁଜବ ସୃଷ୍ଟି ହେଲା । ସିଜର କିନ୍ତୁ ଅବଶିଷ୍ଟ ଜୀବନ କାଳରେ ଏହାକୁ ଦୃଢ଼ ପ୍ରତ୍ୟାଖ୍ୟାନ କରୁଥିଲେ ।

ଖ୍ରୀ.ପୂ.୭୮ରେ ସୁଲ୍ଲାଙ୍କ ମୃତ୍ୟୁ ଖବର ଶୁଣି ସିଜର ରୋମ ପ୍ରତ୍ୟାବର୍ତ୍ତନ କରିବା ନିରାପଦ ମନେ କଲେ । ତାଙ୍କ ପାଖରେ ସାଧନର ଅଭାବ ରହିଥିଲା । କାରଣ ସିଜରଙ୍କ ଉତ୍ତରାଧିକାର ଛିନ୍ନ କରାଯାଇ ଥିଲା । ତଥାପି ସେ ରୋମର ନିମ୍ନ ଶ୍ରେଣୀର ପଡ଼ୋଶୀ ସବରାରେ ଏକ ସାଦାସିଧା ବାସଗୃହ କ୍ରୟ କରି ଓକିଲାତି ଆରମ୍ଭ କଲେ । ଭାବାବିଷ୍ଟ ମୁଦ୍ରା ଓ ଉଚ୍ଚସ୍ୱର ସମନ୍ୱିତ ଅସାଧାରଣ ବାଗ୍ମିତା ସଙ୍ଗକୁ ଦୁର୍ନୀତି ଓ ବଳପୂର୍ବକ ଧନାପହରଣ ପାଇଁ କୁଖ୍ୟାତ ପୂର୍ବତନ ପ୍ରାଦେଶିକ ଶାସକମାନଙ୍କ ବିରୋଧରେ ନିର୍ଦ୍ଦୟ ଅଭିଯୋଜନ ସିଜରଙ୍କୁ ପ୍ରବଳ ଖ୍ୟାତି ଆଣିଦେଲା । ଏଜିନ ସାଗରରେ ଯାତ୍ରା କାଳରେ ସେ ଜଳଦସ୍ୟୁମାନଙ୍କ ଦ୍ୱାରା ଅପହୃତ ଓ ବନ୍ଦୀ ହେଲେ । ସମଗ୍ର ବନ୍ଦୀ ଜୀବନରେ ସିଜର ଉଚ୍ଚମନ୍ୟତା ପ୍ରଦର୍ଶନ କରୁଥିଲେ । ଜଳଦସ୍ୟୁମାନେ ନିଷ୍କୃତିପଣ ଭାବେ ୨୦ ଟାଲେଣ୍ଟ ରୂପା ଦାବୀ କରୁଥିଲେ; ସେ କିନ୍ତୁ ୫୦ ଟାଲେଣ୍ଟ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇଲେ । ନିଷ୍କୃତି ଧନ ପ୍ରଦାନ ପରେ ସିଜର ଏକ ନୌସେନା ଗଠନ କରି ଜଳଦସ୍ୟୁମାନଙ୍କର ପଶ୍ଚାଦ୍ଧାବନ କଲେ; ସେମାନଙ୍କୁ ଧରି ବନ୍ଦୀ ବନାଇଲେ ଏବଂ ବନ୍ଦୀ ଜୀବନରେ କରିଥିବା ପ୍ରତିଜ୍ଞା ମତେ ନିଜ କର୍ତ୍ତୃତ୍ୱରେ ଫାଶିଦଣ୍ଡ ଦେଲେ । ଜଳଦସ୍ୟୁମାନେ ତାଙ୍କ ପ୍ରତିଜ୍ଞାକୁ ଅବଶ୍ୟ ପରିହାସ ମନେ କରିଥିଲେ । ଉଦାରତାର ନିଦର୍ଶନ ସ୍ୱରୂପ ସିଜର ପ୍ରଥମେ ସେମାନଙ୍କ ଗଳା କାଟିଥିଲେ । ଅଳ୍ପ କାଳ ମଧ୍ୟରେ ପ୍ରାଚ୍ୟରୁ ଏକ ଅଚାନକ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏକ ସହାୟତା ସେନା ଗଠନ ପୂର୍ବକ ଏସିଆରେ ସାମରିକ ଅଭିଯାନ ଚଳାଇବା ଲାଗି ତାଙ୍କୁ ଫେରାଇ ଅଣାଗଲା ।

ରୋମ ପ୍ରତ୍ୟାବର୍ତ୍ତନ ପରେ ରାଜନୀତିକ ଜୀବନର ପ୍ରଥମ ପଦକ୍ଷେପ ସ୍ୱରୂପ ସେ ସାମରିକ ଟ୍ରିବ୍ୟୁନ ନିର୍ବାଚିତ ହେଲେ । ଖ୍ରୀ.ପୂ. ୬୯ ପାଇଁ ସିଜର କୋଷାଧ୍ୟକ୍ଷ *(Quaestor)* ନିର୍ବାଚିତ ହେଲେ । ସେଇ ବର୍ଷ ପିଉସୀ ଜୁଲିଆଙ୍କ ପାଇଁ ସେ ଅନ୍ତ୍ୟେଷ୍ଟି ବକ୍ତବ୍ୟ ପ୍ରଦାନ କଲେ ଏବଂ ଅନ୍ତ୍ୟେଷ୍ଟି ଶୋଭାଯାତ୍ରାରେ ସୁଲ୍ଲାଙ୍କ କାଳରୁ ଅଦୃଶ୍ୟ ତାଙ୍କ ପତି ମରିୟସଙ୍କ ଛବି ସାମିଲ କଲେ । ସେଇ ବର୍ଷ ସିଜରଙ୍କ ପତ୍ନୀ କର୍ନେଲିଆ ମଧ୍ୟ ପରଲୋକ ଗମନ କଲେ । ତାଙ୍କ ଅନ୍ତ୍ୟେଷ୍ଟି ପରେ ସିଜର ଖ୍ରୀ.ପୂ.୬୯ର ବସନ୍ତ ଅଥବା ଆଦ୍ୟ ଗ୍ରୀଷ୍ମରେ କୋଷାଧ୍ୟକ୍ଷ ଦାୟିତ୍ୱ ନିର୍ବାହ ପାଇଁ ହିସ୍ପାନିଆ ଯାତ୍ରା କଲେ । କୁହାଯାଏ

ସେଠାରେ ଥିବା ବେଳେ ଆଲେକଜାଣ୍ଡରଙ୍କ ଏକ ପ୍ରତିମୂର୍ତ୍ତି ସହ ତାଙ୍କର ଆକସ୍ମିକ ଭେଟ ହେଲା । ସମଗ୍ର ବିଶ୍ୱକୁ ପଦ ଦଳିତ କରିଥିବା ଆଲେକଜାଣ୍ଡରଙ୍କ ତୁଳନାରେ ତାଙ୍କ ସଫଳତା ନିହାତି ତୁଚ୍ଛ ଥିବା ଅନୁଭବ କରି ସିଜର ଅସନ୍ତୋଷ ପ୍ରକାଶ କଲେ । ଖ୍ରୀ.ପୂ. ୬୭ରେ ରୋମ ପ୍ରତ୍ୟାବର୍ତ୍ତନ ପରେ ସେ ସୁଲ୍ଲାଙ୍କ ନାତୁଣୀ ପମ୍ପିଆଙ୍କୁ ବିବାହ କଲେ । ଅବଶ୍ୟ ବୋନାଡିଆ ଦୁର୍ନୀତିରେ ପମ୍ପିଆଙ୍କ ସଂପୃକ୍ତି ଅଭିଯୋଗ ପରେ ଖ୍ରୀ.ପୂ.୬୧ରେ ଛାଡ଼ପତ୍ର ହୋଇଯାଇ ଥିଲା । ଖ୍ରୀ.ପୂ.୬୫ରେ ବିକଳ୍ପ ପୂର୍ତ୍ତାଧ୍ୟକ୍ଷ *(Curule Aedile)* ନିର୍ବାଚିତ ସିଜର ଜାକଜମକରେ କ୍ରୀଡ଼ାନୁଷ୍ଠାନ କରାଇ ଜନତାଙ୍କର ଅଧିକ ଦୃଷ୍ଟି ଆକର୍ଷଣ କଲେ ଓ ସମର୍ଥନ ପ୍ରାପ୍ତ ହେଲେ ।

ଖ୍ରୀ.ପୂ.୬୩ରେ ସେ ରୋମ ରାଷ୍ଟ୍ର ଧର୍ମର ପ୍ରଧାନ ପୁରୋହିତ *(Pontifex Maximus)* ପଦବୀ ପାଇଁ ନିର୍ବାଚନ ଲଢ଼ିଲେ । ଦୁଇ ଶକ୍ତିଶାଳୀ ସିନେଟ ସଦସ୍ୟ ଥିଲେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ । ସମସ୍ତ ପକ୍ଷରୁ ଲାଞ୍ଚ ଅଭିଯୋଗ ଆସିଲା । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଦୀର୍ଘତର ଅନୁଭବ ଓ ବୃହତ୍ତର ପ୍ରତିଷ୍ଠା ସତ୍ତ୍ୱେ ସିଜର ସହଜରେ ଜୟଯୁକ୍ତ ହେଲେ । ସେଇ ବର୍ଷ କନସଲ ଥିଲେ ସିସେରୋ । ଗଣରାଜ୍ୟର ନିୟନ୍ତ୍ରଣ ହାସଲ ନିମିତ୍ତ କାଟିଲିନଙ୍କ ଷଡ଼ଯନ୍ତ୍ର ତାଙ୍କ ଦ୍ୱାରା ଅନାବୃତ ହେଲା । ଅନେକ ସିନେଟ ସଦସ୍ୟ ଏଇ ଷଡ଼ଯନ୍ତ୍ରରେ ସିଜର ସଂପୃକ୍ତ ଥିବା ଅଭିଯୋଗ କଲେ ।

ପ୍ରାନ୍ତପତି *(praetor)* ରୂପେ କାର୍ଯ୍ୟ କରିବା ପରେ ଖ୍ରୀ.ପୂ.୬୨ରେ ସିଜର ସମପ୍ରାନ୍ତପତି *(propraetor)* ଭାବେ ଆଇବେରୀୟ ଉପଦ୍ୱୀପର ପଶ୍ଚିମ ଭାଗ ବାହ୍ୟ ହିସ୍ପାନିଆ*(Hispania Ulterior)*ର ଶାସକ ନିଯୁକ୍ତ ହେଲେ । ତେବେ କେତେକ ଉତ୍ସରେ ତାଙ୍କର ସମକନସଲ *(proconsul)* କ୍ଷମତା ରହିଥିବା ଉଲ୍ଲିଖିତ ହୋଇଛି । ଏ ପର୍ଯ୍ୟନ୍ତ ସେ ଥିଲେ ଗଭୀର ଋଣଗ୍ରସ୍ତ । ରୋମ ପରିତ୍ୟାଗ ପୂର୍ବରୁ ଋଣଦାତାଙ୍କୁ ସନ୍ତୁଷ୍ଟ କରିବାର ଆବଶ୍ୟକତା ରହିଥିଲା । ସେ ଏଥି ପାଇଁ ରୋମର ସର୍ବାଧିକ ସମ୍ପଦଶାଳୀ ବ୍ୟକ୍ତି ମାର୍କସ ଲିସିନିୟସ କ୍ରାସ୍‌ସସଙ୍କ ଦ୍ୱାରସ୍ଥ ହେଲେ । ପମ୍ପିଙ୍କ ବିରୋଧରେ ରାଜନୀତିକ ସମର୍ଥନ ପ୍ରତିବଦଳରେ କ୍ରାସ୍‌ସସ ସିଜରଙ୍କ କେତେକ ଋଣ ପରିଶୋଧ କଲେ ଏବଂ ଅନ୍ୟ ଋଣ ପାଇଁ ପ୍ରତିଭୂ ରହିଲେ । ତଥାପି ଜଣେ ବେସରକାରୀ ନାଗରିକରେ ପରିଣତ ହୋଇ ଋଣ ଲାଗି ଅଭିଯୋଜନ ନିମିତ୍ତ ଉନ୍ମୁକ୍ତ ହେବା ଏଡ଼ାଇବାକୁ ସେ ପ୍ରାନ୍ତପତି କାର୍ଯ୍ୟକାଳ ସମାପ୍ତି ପୂର୍ବରୁ ତାଙ୍କ ପ୍ରଦେଶ ଅଭିମୁଖେ ଯାତ୍ରା କଲେ । ସ୍ପେନରେ ଦୁଇଟି ଜନଜାତି ଉପରେ ସେ

ବିଜୟ ହାସଲ କଲେ । ସେନାନାୟକ ଓ ସମ୍ରାଟ ବା ଇମ୍ପରେଟର *(imperator)* ଭାବେ ସେନା ତାଙ୍କର ଅଭିବାଦନ କଲା । ସେ ଋଣ ସମ୍ବନ୍ଧିତ ବିଧାନରେ ସଂସ୍କାର ଆଣିଲେ ଏବଂ ଉଚ୍ଚ ମର୍ଯ୍ୟାଦାର ସହ ଶାସକକାଳ ସମାପ୍ତ କଲେ ।

ସିଜର ପ୍ରଥମେ ଖ୍ରୀ.ପୂ.୬୦ରେ ଏବଂ ପୁଣି ଥରେ ଖ୍ରୀ.ପୂ.୪୫ରେ ଇମ୍ପରେଟର ରୂପେ ଅଭିନନ୍ଦିତ ହୋଇଥିଲେ । ଗଣରାଜ୍ୟରେ ଏହା ଥିଲା ବିଶିଷ୍ଟ ସେନାନାୟକମାନେ ଧାରଣ କରିଥିବା ଏକ ସମ୍ମାନଜନକ ଉପାଧି । ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବିଜୟ ପରେ ରଣକ୍ଷେତ୍ରରେ ସେନା ତାଙ୍କ ସେନାପତିଙ୍କୁ ଇମ୍ପରେଟର ଘୋଷଣା କରୁଥିଲେ । ବିଜୟୋଲ୍ଲାସ ପାଇଁ ସିନେଟରେ ଆବେଦନ ଲାଗି ଜଣେ ସେନାପତିଙ୍କ ନିମିତ୍ତ ଏହାର ଆବଶ୍ୟକତା ଥିଲା । ତେବେ ଗଣରାଜ୍ୟର ସର୍ବୋଚ୍ଚ ପଦବୀ କନସଲ ପାଇଁ ନିର୍ବାଚନ ଲଢ଼ିବାର ଅଭିଳାଷ ମଧ୍ୟ ସିଜରଙ୍କର ରହିଥିଲା । ବିଜୟୋତ୍ସବ ପାଳନ କରିବାକୁ ହେଲେ ତାଙ୍କୁ ଉତ୍ସବ ପାଳନ ପର୍ଯ୍ୟନ୍ତ ନଗରୀ ବାହାରେ ଜଣେ ସୈନିକ ଭାବେ ଅବସ୍ଥାନ କରିବାର ଆବଶ୍ୟକତା ଥିଲା । ଅପର ପକ୍ଷରେ ନିର୍ବାଚନ ଲଢ଼ିବାକୁ ହେଲେ ସେନାପତି ପଦବୀ ଛାଡ଼ି ଜଣେ ବେସରକାରୀ ନାଗରିକ ରୂପେ ରୋମରେ ପ୍ରବେଶ ଥିଲା ଅନିବାର୍ଯ୍ୟ । ସମୟ ଯେତିକି ରହିଥିଲା ସେଥିରେ ସେ ଉଭୟ କରିପାରି ନ ଥାନ୍ତେ । ଅନୁପସ୍ଥିତିରେ ନିର୍ବାଚନ ଲଢ଼ିବାକୁ ସେ ସିନେଟର ଅନୁମତି ଭିକ୍ଷା କଲେ । କିନ୍ତୁ କାଟୋ ପ୍ରସ୍ତାବଟିକୁ ଅଟକାଇ ଦେଲେ । ବିଜୟୋତ୍ସବ ଓ କନସଲ ପଦବୀରୁ ଗୋଟିକୁ ବାଛିବା ପ୍ରଶ୍ନର ସମ୍ମୁଖୀନ ହୋଇ ସିଜର କନସଲ ପଦବୀକୁ ପସନ୍ଦ କଲେ ।

## ୨.୩ କନସଲ ପଦବୀ ଓ ସାମରିକ ଅଭିଯାନ

ଖ୍ରୀ.ପୂ.୬୦ରେ ସିଜର ଖ୍ରୀ.ପୂ.୫୯ର କନସଲ ପଦବୀ ପାଇଁ ଅନ୍ୟ ଦୁଇ ପ୍ରାର୍ଥୀଙ୍କ ସହ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ । ଏ ନିର୍ବାଚନ ଥିଲା ଅନୈତିକ । ଏପରିକି ଦୁର୍ନୀତିଶୂନ୍ୟ ବୋଲି ଖ୍ୟାତି ଥିବା କାଟୋ ସିଜରଙ୍କ ଜଣେ ପ୍ରତିଦ୍ୱନ୍ଦ୍ୱୀଙ୍କ ସପକ୍ଷରେ ଉତ୍କୋଚର ଆଶ୍ରୟ ଗ୍ରହଣ କରିଥିବା କୁହାଯାଏ । କଠୋରପନ୍ଥୀ ମାର୍କସ ବିବଲସଙ୍କ ସହ ସିଜର ନିର୍ବାଚନରେ ଜୟଯୁକ୍ତ ହେଲେ ।

ସିଜର ଥିଲେ ମାର୍କସ ଲିସିନିୟସ କ୍ରାସ୍‌ସସଙ୍କ ରାଜନୀତିକ ଋଣୀ । ତେବେ ସେ ପମ୍ପିଙ୍କ ସହ ମଧ୍ୟ ସମ୍ବନ୍ଧ ବୃଦ୍ଧିର ଇଙ୍ଗିତ ପ୍ରଦାନ କଲେ । ଗୋଟିଏ ଦଶନ୍ଧି ଧରି ପମ୍ପି ଓ କ୍ରାସ୍‌ସସଙ୍କ ସମ୍ବନ୍ଧ ଭଲ ନ ଥିଲା । ସିଜର ସେମାନଙ୍କ ସମ୍ବନ୍ଧ ସୁଧାରିବାକୁ ଉଦ୍ୟମ କଲେ । ସାର୍ବଜନୀନ ବ୍ୟାପାର ନିୟନ୍ତ୍ରଣ ପାଇଁ ଏ ତିନି ଜଣଙ୍କ ପାଖରେ ଅର୍ଥ ଓ ରାଜନୀତିକ ପ୍ରଭାବ ଥିଲା ଯଥେଷ୍ଟ । ସିଜରଙ୍କ କନ୍ୟା ଜୁଲିଆ ସହ ପମ୍ପିଙ୍କ ବିବାହ ଫଳରେ ପ୍ରଥମ ତ୍ରିମୂର୍ତ୍ତି ରାଜତ୍ୱ *(First Triumvirate)* ନାମରେ ସୁବିଦିତ ଏ ଅଣଆନୁଷ୍ଠାନିକ ମୈତ୍ରୀ ଆହୁରି ଦୃଢ଼ ହେଲା । ସିଜର ମଧ୍ୟ ଆଉ ଜଣେ ଶକ୍ତିଶାଳୀ ସିନେଟ ସଦସ୍ୟଙ୍କ କନ୍ୟା କଲପୁର୍ନିଆଙ୍କୁ ବିବାହ କଲେ ।

ଦରିଦ୍ରଙ୍କ ମଧ୍ୟରେ ସାର୍ବଜନୀନ ଭୂମିର ପୁନର୍ବଣ୍ଟନ ପାଇଁ ଏକ ଆଇନ ପ୍ରଣୟନ ନିମିତ୍ତ ସିଜର ପ୍ରସ୍ତାବ ଉପସ୍ଥାପନ କଲେ । ଆବଶ୍ୟକ ହେଲେ ବଳ ପ୍ରୟୋଗ ପାଇଁ ଏଥିରେ ବ୍ୟବସ୍ଥା ରହିଥିଲା । ପମ୍ପି ଓ କ୍ରାସ୍‌ସସ ଏ ପ୍ରସ୍ତାବକୁ ସମର୍ଥନ ଦେଲେ । ଫଳରେ ତ୍ରିମୂର୍ତ୍ତି ରାଜତ୍ୱ ସାର୍ବଜନୀନ ହେଲା । ପମ୍ପି ସୈନ୍ୟ ଆଣି ନଗରୀକୁ ପୂର୍ଣ୍ଣ କରିଦେଲେ । ଏହା ତ୍ରିମୂର୍ତ୍ତି ରାଜତ୍ୱର ବିରୋଧୀମାନଙ୍କୁ ତ୍ରସ୍ତ କଲା । ବିବଲସ ଏହାକୁ ଅପଶକୁନ କହି ନୂତନ ଆଇନକୁ ଅବୈଧାନିକ ଘୋଷଣା କରିବାକୁ ପ୍ରୟାସ କଲେ । କିନ୍ତୁ ସିଜରଙ୍କ ସଶସ୍ତ୍ର ସମର୍ଥକମାନଙ୍କ ଦ୍ୱାରା ସେ ମଞ୍ଚରୁ ବିତାଡ଼ିତ ହେଲେ । ତାଙ୍କ ପରିଚର*(lictor)*ମାନଙ୍କ ଲାଂଛନ ଭାଙ୍ଗିଦିଆ ଗଲା । ବିବଲସଙ୍କ ସହଗାମୀ ଦୁଇ ଦଣ୍ଡଧର *(Magistrate)* ଆହତ ହେଲେ । ତାଙ୍କ ଉପରେ ବାଲଟିଏ ମଳ ଅଜାଡ଼ି ଦିଆଗଲା । ଜୀବନ ଭୟରେ ବର୍ଷର ଅବଶିଷ୍ଟ କାଳ ସେ ଗୃହ ମଧ୍ୟରେ ଆବଦ୍ଧ ରହିଲେ; ବେଳେବେଳେ ଅପଶକୁନର ଉଦ୍‌ଘୋଷଣ ଜାରି କରୁଥିଲେ । ଏ ପ୍ରୟାସ ସିଜରଙ୍କ ବିଧି ନିର୍ମାଣକୁ ଅଟକାଇବାରେ ପ୍ରଭାବଶୂନ୍ୟ ପ୍ରମାଣିତ ହେଲା । ରୋମର ପରବର୍ତ୍ତୀ ବ୍ୟଙ୍ଗକାରମାନେ ଚିରକାଳ ଏଇ ବର୍ଷଟିକୁ 'ଜୁଲିୟସ ଓ ସିଜରଙ୍କ କନସଲ ପଦବୀ' ରୂପେ ଉଲ୍ଲେଖ କରିଆସିଛନ୍ତି ।

ସିଜର ପ୍ରଥମେ ନିର୍ବାଚିତ ହେବା ପରେ ଅଭିଜାତମାନେ ତାଙ୍କ ଭାବୀ କ୍ଷମତା ଉପରେ ଅଙ୍କୁଶ ପ୍ରୟୋଗ କରିବାକୁ ପ୍ରୟାସ କରିଥିଲେ । ତାଙ୍କ କାର୍ଯ୍ୟକାଳ ସମାପ୍ତି ପରେ ସେନାନାୟକ ଭାବେ ସିଜରଙ୍କୁ କୌଣସି ପ୍ରଦେଶର ନୁହେ ଇଟାଲୀର ଜଙ୍ଗଲ ଓ ଗୋଚରର ଶାସକ ନିଯୁକ୍ତ କରାଯାଇ ଥିଲା । ପରବର୍ତ୍ତୀ କାଳରେ ରାଜନୀତିକ ମିତ୍ରମାନଙ୍କ ସହାୟତାରେ ସେ ଏହାକୁ ଓଲଟାଇ ଦେଇ

ସିଜଆଲପାଇନ ଗଲ ବା ଉତ୍ତର ଇଟାଲୀ, ଟ୍ରାନସଆଲପାଇନ ଗଲ ବା ଦକ୍ଷିଣ ଫ୍ରାନସ ଓ ଇଲ୍ଲିରିକମ ବା ଦକ୍ଷିଣପୂର୍ବ ଇଉରୋପ ଆଦି ଚାରୋଟି ଜନସମୂହ*(legion)*ର ଶାସକ ନିଯୁକ୍ତ ହେଲେ । ସାଧାରଣତଃ ବର୍ଷକ ପାଇଁ ଉଦ୍ଦିଷ୍ଟ ଥିବା ଶାସକ ପଦବୀର କାର୍ଯ୍ୟକାଳକୁ ତାଙ୍କ ନିମିତ୍ତ ପାଞ୍ଚ ବର୍ଷ କରିଦିଆଗଲା । ଏହା ଫଳରେ ସେ ଅଭିଯୋଜନରୁ ପାଞ୍ଚ ବର୍ଷ ପାଇଁ ଉନ୍ମୁକ୍ତି ପ୍ରାପ୍ତ ହେଲେ । କନସଲ ପଦବୀର କାର୍ଯ୍ୟକାଳ ସମାପ୍ତି ପରେ ସେଇ ବର୍ଷ କରିଥିବା ଅନିୟମିତତା ସଂକ୍ରାନ୍ତ ଅଭିଯୋଜନରୁ ଅଳ୍ପକେ ବର୍ତ୍ତିଯାଇ ସିଜର ନିଜ ପ୍ରଦେଶକୁ ଚାଲିଗଲେ ।

## ୨.୩.୧ ଗଲ ବିଜୟ

ସିଜର ତଥାପି ଥିଲେ ଗଭୀର ଋଣଗ୍ରସ୍ତ । କିନ୍ତୁ ଶାସକ ଭାବେ ବଳପୂର୍ବକ ହେଉ କି ସାହସିକ ସାମରିକ ଅଭିଯାନ ଦ୍ୱାରା ହେଉ ଅର୍ଥ ଉପାର୍ଜନର ସମ୍ଭାବନା ଥିଲା ପ୍ରଚୁର । ତାଙ୍କ ଅଧୀନରେ ଚାରୋଟି ଜନସମୂହ ରହିଥିଲା । ସେଥିରୁ ଦୁଇଟି ପ୍ରଦେଶ ଅଣବିଜିତ ଅଞ୍ଚଳର ସନ୍ନିହିତ ଥିଲା । ଗଲର ଗୋଟିଏ ଅଂଶ ଅସ୍ଥିରତା ପାଇଁ ଥିଲା ବିଦିତ । ରୋମର କେତେକ ଫରାସୀ ମିତ୍ର ମାଗେତବ୍ରିଗା ଯୁଦ୍ଧରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ଏଥିରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କେତେକ ଜର୍ମାନୀ ଉପଜାତିଙ୍କ ସହାୟତା ପ୍ରାପ୍ତ ହୋଇଥିଲା । ଯୁଦ୍ଧଖୋର ଏ ଜନଜାତିମାନେ କାଳେ ଦକ୍ଷିଣକୁ ଇଟାଲୀ ଆଡ଼କୁ ମାଡ଼ି ଆସିବେ ଏ ଭୟ ରୋମବାସୀଙ୍କର ରହିଥିଲା । ସିଜର ଦୁଇଟି ନୂଆ ଫୌଜ ଗଠନ କରି ଏ ଜନଜାତିମାନଙ୍କୁ ପରାସ୍ତ କଲେ ।

ସିଜରଙ୍କ ପ୍ରାରମ୍ଭିକ କ୍ରିୟାକଳାପର ପ୍ରତ୍ୟୁତ୍ତର ସ୍ୱରୂପ ଉତ୍ତରପୂର୍ବର ଜନଜାତିମାନେ ନିଜକୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରିବା ଆରମ୍ଭ କଲେ । ସିଜର ଏହାକୁ ଆକ୍ରମଣ ବିବେଚନା କଲେ । ମିଳିତ ଜନଜାତିଙ୍କ ବିରୋଧରେ ଏକ ଅସଫଳ ସଂଗ୍ରାମ ପରେ ସିଜର ସେମାନଙ୍କୁ ଗୋଟି ଗୋଟି କରି ପରାସ୍ତ କଲେ । ଏତିକିବେଳେ ତାଙ୍କର ଏକ ଫୌଜ ସୁଦୂର ଉତ୍ତରରେ ବ୍ରିଟେନ ସମକ୍ଷରେ ଥିବା ଏକ ଜନଜାତି ବିରୋଧରେ ଅଭିଯାନ ଆରମ୍ଭ କଲେ । ରୋମରେ ବିପ୍ଳବ ଏବଂ ସିଜରଙ୍କ ରାଜନୀତିକ ମେଣ୍ଟ ବରବାଦ ହୋଇ ଆସୁଥିବା ପରିପ୍ରେକ୍ଷୀରେ ଖ୍ରୀ.ପୂ.୫୬ ବସନ୍ତ ଋତୁରେ ତ୍ରିମୂର୍ତ୍ତିଙ୍କ ଏକ ସମ୍ମେଳନ ଅନୁଷ୍ଠିତ ହେଲା । ଲୁକ୍କା ସମ୍ମେଳନରେ ପ୍ରଥମ ତ୍ରିମୂର୍ତ୍ତି ରାଜତ୍ୱର

ନବୀକରଣ ଏବଂ ସିଜରଙ୍କ ଶାସକ ପଦବୀର ଆଉ ପାଞ୍ଚ ବର୍ଷ ପାଇଁ ସମ୍ପ୍ରସାରଣ କରାଗଲା । କୌଣସି କୌଣସି କ୍ଷେତ୍ରରେ ପ୍ରତିରୋଧ ଜାରି ରହିଥିଲେ ମଧ୍ୟ ଉତ୍ତର ଅଭିଯାନ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହେଲା । ବ୍ରିଟେନ ଆକ୍ରମଣ ପାଇଁ ସିଜରଙ୍କୁ ଏକ ନିରାପଦ ଆଧାର ପ୍ରାପ୍ତ ହେଲା ।

ଖ୍ରୀ.ପୂ.୫୫ରେ ସିଜର ଦୁଇ ଜର୍ମାନୀ ଜନଜାତିର ଗଲ ଆକ୍ରମଣକୁ ପ୍ରତିହତ କଲେ । ପରେ ରାଇନ ନଦୀରେ ଏକ ସେତୁ ନିର୍ମାଣ କରି ଜର୍ମାନୀ ଅଞ୍ଚଳରେ ସେ ନିଜର ଶକ୍ତି ପ୍ରଦର୍ଶନ କଲେ । ପ୍ରତ୍ୟାବର୍ତ୍ତନ କାଳରେ ସେତୁଟିକୁ ଭାଙ୍ଗି ଦିଆଗଲା । ସେଇ ବର୍ଷ ଗ୍ରୀଷ୍ମ ଋତୁରେ ସେ ଅନ୍ୟ ଦୁଇ ଜନଜାତିଙ୍କୁ ପରାସ୍ତ କଲେ ଏବଂ ବ୍ରିଟେନବାସୀ ପୂର୍ବ ବର୍ଷ ତାଙ୍କର ଶତ୍ରୁ-ସମ୍ଭବତଃ ବ୍ରିଟାନୀର ଓ୍ୱେନେଟି-ଙ୍କୁ ସାହାଯ୍ୟ କରିଥିବା ଅଭିଯୋଗ କରି ବ୍ରିଟେନରେ ପ୍ରବେଶ କଲେ । ସିଜରଙ୍କ ଗୁପ୍ତଚର ସୂଚନା ଥିଲା ଦୁର୍ବଳ । ଉପକୂଳରେ ଏକ ଚୌକୀ ଅଧିକାର ସତ୍ତ୍ୱେ ସେ ଅଧିକ ଅଗ୍ରସର ହୋଇ ପାରିଲେ ନାହିଁ । ଶୀତ ଯୋଗୁଁ ଗଲକୁ ପ୍ରତ୍ୟାବର୍ତ୍ତନ କଲେ । ପର ବର୍ଷ ଉତ୍ତମ ପ୍ରସ୍ତୁତି ଓ ଅଧିକ ସୈନ୍ୟ ସହ ଆସି ସେ ଅଧିକ ସଫଳତା ଲାଭ କଲେ; ସ୍ଥଳ ଭାଗରେ ସୈନ୍ୟ ଚାଳନା କରି କେତେକ ମେଣ୍ଟ ପ୍ରତିଷ୍ଠା କଲେ । ତେବେ ଖରାପ ଫସଲ ଯୋଗୁଁ ଗଲରେ ବ୍ୟାପକ ବିଦ୍ରୋହ ଦେଖା ଦେଲା । ସିଜର ବ୍ରିଟେନ ପରିତ୍ୟାଗ କରିବାକୁ ବାଧ୍ୟ ହେଲେ । ଏହାପରେ ସେ ଆଉ ବ୍ରିଟେନ ଅଭିଯାନ କରି ନାହାନ୍ତି ।

ସିଜର ବ୍ରିଟେନରେ ଥିବା ବେଳେ ତାଙ୍କ କନ୍ୟା ତଥା ପମ୍ପିଙ୍କ ପତ୍ନୀ ଜୁଲିଆ ପ୍ରସବ ଯନ୍ତ୍ରଣାରେ ପ୍ରାଣ ତ୍ୟାଗ କଲେ । ପମ୍ପିଙ୍କୁ ନିସ୍ତାର ଦାନ ପାଇଁ ସିଜର ତାଙ୍କ ଝିଆରୀର ଝିଅ ସହ ପମ୍ପିଙ୍କ ବିବାହ ପ୍ରସ୍ତାବ ଉତ୍‌ଥାପନ କଲେ । ପମ୍ପିଙ୍କ ଦ୍ୱାରା ପ୍ରସ୍ତାବଟି ପ୍ରତ୍ୟାଖ୍ୟାତ ହେଲା । ଖ୍ରୀ.ପୂ.୫୩ରେ ଅସଫଳ ପୂର୍ବ ଅଭିଯାନର ନେତୃତ୍ୱ ବେଳେ କ୍ରାସ୍‌ସସ ମୃତ୍ୟୁ ବରଣ କଲେ । ରୋମ ଗୃହଯୁଦ୍ଧ ଆଡ଼କୁ ମୁହାଁଇ ଥିଲା । ଜରୁରୀ ପଦକ୍ଷେପ ସ୍ୱରୂପ ପମ୍ପି ଏକମେବ କନସଲ ନିଯୁକ୍ତ ହେଲେ । ସେ ସିଜରଙ୍କ ଜଣେ ରାଜନୀତିକ ବିରୋଧୀଙ୍କ କନ୍ୟାଙ୍କୁ ବିବାହ କଲେ । ତ୍ରିମୂର୍ତ୍ତି ରାଜତ୍ୱ ଲୋପ ପାଇଲା ।

ଗଲୀୟ ଜନଜାତି ସମୂହ ଓ ରୋମର ସାମରିକ ବାହିନୀ ସମବଳ ଥିଲେ ସୁଦ୍ଧା ଗଲମାନଙ୍କ ଆଭ୍ୟନ୍ତରୀଣ ବିଭାଜନ ସିଜରଙ୍କ ସହଜ ବିଜୟକୁ ସୁନିଶ୍ଚିତ କରିଥିଲା । ଖ୍ରୀ.ପୂ.୫୨ରେ ରୋମୀୟ

ଆକ୍ରମଣ ବିରୋଧରେ ସେମାନଙ୍କୁ ଏକଜୁଟ କରିବା ପାଇଁ ଓ୍ୱର୍ସିଂଟରିକ୍ସଙ୍କ ପ୍ରୟାସ ଥିଲା ଖୁବ୍ ବିଳମ୍ବିତ । ଜର୍ଜୋଭ୍ୱିଆ ଯୁଦ୍ଧରେ ସିଜରଙ୍କୁ ପରାସ୍ତ କରି ସେ ନିଜକୁ ଜଣେ ଦକ୍ଷ ସେନାନାୟକ ରୂପେ ପ୍ରତିପାଦନ କରିଥିଲେ । କିନ୍ତୁ ଅଲେସିଆ ଯୁଦ୍ଧରେ ସିଜରଙ୍କ ବ୍ୟାପକ ଅବରୋଧ କାର୍ଯ୍ୟକଳାପ ଯୋଗୁଁ ପରିଶେଷରେ ସେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ । ପରବର୍ତ୍ତୀ ବର୍ଷ ବିଭିନ୍ନ ଖଣ୍ଡଯୁଦ୍ଧ ସତ୍ତ୍ୱେ ଗଲ ବିଜୟ ସଫଳତାର ସହ ସମ୍ପନ୍ନ ହେଲା । ପ୍ଲୁଟାର୍କଙ୍କ ଦାବୀ ମତେ ଗଲ ଯୁଦ୍ଧରେ ସେନା ୩୦୦ ଜନଜାତିଙ୍କୁ ପରାସ୍ତ କରିଥିଲା, ୮୦୦ ନଗର ଧ୍ୱଂସ କରିଥିଲା ଏବଂ ତିରିଶି ଲକ୍ଷ ପୁରୁଷଙ୍କ ବିରୋଧରେ ଲଢ଼ିଥିଲା । ଏ ମଧ୍ୟରୁ ଦଶ ଲକ୍ଷ ମୃତ୍ୟୁ ବରଣ କଲେ ଏବଂ ଦଶ ଲକ୍ଷଙ୍କୁ କ୍ରୀତଦାସ କରାଗଲା ।

**୨.୩.୨ ଗୃହଯୁଦ୍ଧ**

ଖ୍ରୀ.ପୂ.୫୦ରେ ଶାସକ ଭାବେ କାର୍ଯ୍ୟକାଳ ସମାପ୍ତ ହୋଇଥିବାରୁ ସେନା ଭଙ୍ଗ କରି ସିଜର ରୋମ ପ୍ରତ୍ୟାବର୍ତ୍ତନ କରିବାକୁ ପମ୍ପିଙ୍କ ନେତୃତ୍ୱରେ ସିନେଟ ଆଦେଶ ଜାରି କଲା । ଜଣେ ଦଣ୍ଡଧର ଭୋଗ କରୁଥିବା ଉନ୍ମୁକ୍ତି ବିନା ରୋମରେ ପ୍ରବେଶ କଲେ ସିଜର ଅଭିଯୋଜିତ ହେବା ଆଶଙ୍କା କରୁଥିଲେ । ପମ୍ପି ସିଜରଙ୍କ ବିରୋଧରେ ଅବଜ୍ଞା ଓ ରାଜଦ୍ରୋହ ଅଭିଯୋଗ ଆଣିଲେ । ଖ୍ରୀ.ପୂ.୪୯ ଜାନୁଆରୀ ୧୦ ତାରିଖରେ କେବଳ ଗୋଟିଏ ଫୌଜ-ଫୌଜ ୧୩ଶ ଜେମିନା- ସହ ସିଜର ଇଟାଲୀର ସୀମାରେଖା ରୁବିକନ ନଦୀ ପାରହୋଇ ଗୃହଯୁଦ୍ଧର ଅଗ୍ନି ପ୍ରଜ୍ୱଳନ କଲେ । ରୁବିକନ ନଦୀ ପାର ହେବା ପରେ ସିଜର ଆଥେନୀୟ ନାଟ୍ୟକାର ମେନାନ୍ଦେରଙ୍କୁ ଉଦ୍ଧାର କରି ଗ୍ରୀକ ଭାଷାରେ 'ପଶା ଗଡ଼ିଲା' କହିଥିବା ପ୍ଲୁଟାର୍କ ଓ ସ୍ୟୁଟୋନିୟସ ଉଲ୍ଲେଖ କରିଛନ୍ତି । ତେବେ ଏରାସମସ ଆଜ୍ଞାବାଚକ ଚିତ୍ତବୃତ୍ତି ସୂଚକ ଗ୍ରୀକ ଉଚ୍ଚାରଣଟିର ଅଧିକ ଯଥାର୍ଥ ଲାଟିନ ଅନୁବାଦ 'ପଶା ଗଡୁ' *(alea iacta esto)* ବୋଲି କହିଛନ୍ତି । ପମ୍ପିଙ୍କ ନବଗଠିତ ସେନା ଉପରେ ଆସ୍ଥା ପ୍ରକଟ କରି ନ ପାରି ପମ୍ପିଙ୍କ ସମେତ ଅନେକ ସିନେଟ ସଦସ୍ୟ ଦକ୍ଷିଣକୁ ପଳାୟନ କଲେ । ସିଜରଙ୍କ ସହ ମାତ୍ର ଗୋଟିଏ ଫୌଜ ଥିଲା । ପମ୍ପିଙ୍କ ସୈନ୍ୟ ସଂଖ୍ୟା ଥିଲା ଢେର୍ ଅଧିକ । ତଥାପି ଲଢ଼ିବାର ଅଭିପ୍ରାୟ ତାଙ୍କର ନ ଥିଲା । ପଳାୟନ ପୂର୍ବରୁ ଧରିବା ଆଶାରେ ସିଜର ପମ୍ପିଙ୍କର ପଶ୍ଚାଦ୍ଧାବନ କଲେ ।

ସିଜରଙ୍କ ହାତରେ ଧରା ପଡ଼ିବା ପୂର୍ବରୁ ପମ୍ପି ପଳାୟନ କରିବାରେ ସଫଳକାମ ହେଲେ । ମାର୍କ ଆଣ୍ଟୋନିଙ୍କ ନିୟନ୍ତ୍ରଣରେ ଇଟାଲୀକୁ ପରିତ୍ୟାଗ କରି ସିଜର ସ୍ପେନ ଆଡ଼କୁ ଅଗ୍ରସର ହେଲେ । ଏକ ବିସ୍ମୟକାରୀ ସପ୍ତବିଂଶ ଦିବସ ବ୍ୟାପୀ ସୈନ୍ୟ ପ୍ରୟାଣ ପରେ ସେ ପମ୍ପିଙ୍କ ଉପସେନାପତିମାନଙ୍କୁ ପରାସ୍ତ କରି ଇଲ୍ଲିରିଆରେ ଥିବା ପମ୍ପିଙ୍କର ସମ୍ମୁଖୀନ ହେବାକୁ ପୂର୍ବକୁ ପ୍ରତ୍ୟାବର୍ତ୍ତନ କଲେ । ଖ୍ରୀ.ପୂ. ୪୮ ଜୁଲାଇ ୧୦ ତାରିଖରେ ଡିର୍ରହାକିୟମ ଯୁଦ୍ଧକ୍ଷେତ୍ରରେ ଏକ ବିନାଶକାରୀ ପରାଜୟରୁ ସିଜର ଅଳ୍ପକେ ବର୍ତ୍ତିଗଲେ । ତେବେ ସେଇ ବର୍ଷ ଅଗଷ୍ଟ ୯ ତାରିଖରେ ଏକ ଅତ୍ୟନ୍ତ କ୍ଷୁଦ୍ର ସଂଗ୍ରାମରେ ଗ୍ରୀସର ଫର୍ସାଲସରେ ପମ୍ପିଙ୍କର ନିଷ୍ପତ୍ତିମୂଳକ ପରାଜୟ ଘଟିଲା । ରୋମରେ ସିଜର ଏକାଧିପତି ଏବଂ ମାର୍କ ଆଣ୍ଟୋନି ତାଙ୍କର ଅଶ୍ୱ ନିରୀକ୍ଷକ ବା ଦ୍ୱିତୀୟ ପଦ ପ୍ରଯୁକ୍ତ ଅଧିକାରୀ *(Master of the Horse/second in command)* ନିଯୁକ୍ତ ହେଲେ । ଦ୍ୱିତୀୟ ଥର ଲାଗି କନସଲ ପଦବୀ ନିମିତ୍ତ ନିଜ ନିର୍ବାଚନର ଅଧ୍ୟକ୍ଷତା ନିଜେ ସିଜର କଲେ । ୧୧ ଦିନ ପରେ ଏକାଧିପତି ପଦବୀରୁ ସେ ଇସ୍ତଫା ପ୍ରଦାନ କଲେ । ଏହା ପରେ ପମ୍ପିଙ୍କର ପଶ୍ଚାଦ୍ଧାବନ କରି ସିଜର ଇଜିପ୍ଟରେ ପହଞ୍ଚିବା ବେଳକୁ ତାଙ୍କର ହତ୍ୟା ହୋଇ ସାରିଥିଲା । ସେଠାରେ ସେ ଅଶ୍ରୁଳ ବଦନରେ ପମ୍ପିଙ୍କର କଟାମୁଣ୍ଡ ଓ ସନ୍ତକମୁଦ୍ରିକା ଗ୍ରହଣ କଲେ । ପରେ ସେ ପମ୍ପିଙ୍କ ହତ୍ୟାକାରୀମାନଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ ।

ସିଜର ଇଜିପ୍ଟର ବାଳକ ଫାରୋ ଓ ତାଙ୍କ ଭଗିନୀ, ପତ୍ନୀ ତଥା ସହରାଜପ ରାଣୀ କ୍ଲିଓପେଟ୍ରାଙ୍କ ମଧ୍ୟରେ ଚାଲିଥିବା ଗୃହଯୁଦ୍ଧରେ ସଂପୃକ୍ତ ହୋଇଗଲେ । ସମ୍ଭବତଃ ପମ୍ପିଙ୍କ ହତ୍ୟାରେ ଫାରୋଙ୍କ ଭୂମିକା ହେତୁ ସେ କ୍ଲିଓପେଟ୍ରାଙ୍କ ପକ୍ଷରେ ରହିଥିଲେ । ଆଲେକଜାଣ୍ଡ୍ରିଆରେ ସିଜର ଅବରୋଧର ସମ୍ମୁଖୀନ ହେଲେ ସତ୍ୟ କିନ୍ତୁ ଖ୍ରୀ.ପୂ.୪୭ରେ ଫାରୋଙ୍କ ସେନାକୁ ନୀଳ ଯୁଦ୍ଧରେ ପରାସ୍ତ କରି କ୍ଲିଓପେଟ୍ରାଙ୍କୁ ସିଂହାସନରେ ଅଭିଷିକ୍ତ କଲେ । ଖ୍ରୀ.ପୂ.୪୭ ବସନ୍ତ ଋତୁରେ ସିଜର ଓ କ୍ଲିଓପେଟ୍ରା ନୀଳନଦୀରେ ବିଜୟୋଲ୍ଲାସ ଶୋଭାଯାତ୍ରା ପୂର୍ବକ ସେମାନଙ୍କ ବିଜୟ ପାଳନ କଲେ । ୪୦୦ ନୌକା ରାଜପୋତର ସହଗମନ କରୁଥିଲା ଏବଂ ଇଜିପ୍ଟୀୟ ଫାରୋଙ୍କ ବିଳାସମୟ ଜୀବନଶୈଳୀ ସହ ସିଜରଙ୍କର ପରିଚୟ ଘଟିଲା ।

ସିଜର ଓ କ୍ଲିଓପେଟ୍ରା ବିବାହ କରି ନ ଥିଲେ । କିନ୍ତୁ ଶେଷ ପର୍ଯ୍ୟନ୍ତ ସେମାନଙ୍କ ସମ୍ବନ୍ଧ ଅତୁଟ ରହିଥିଲା- ରୋମୀୟ ଦୃଷ୍ଟିରେ ଏହା ଦୋଷଦୁଷ୍ଟ ବା ବ୍ୟଭିଚାର ନ ଥିଲା – ଏବଂ ସମ୍ଭବତଃ

ସେମାନଙ୍କର ଗୋଟିଏ ପୁତ୍ର ସିଜରିଅନ ଜନ୍ମ ନେଇଥିଲା । ଏକାଧିକ ଅବସରରେ ରୋମ ପରିଦର୍ଶନ କରି କ୍ଲିଓପେଟ୍ରା ଟିବର ସେପାରି ନଗରୀ ସନ୍ନିହିତ ସିଜରଙ୍କ ପ୍ରାସାଦରେ ଅବସ୍ଥାନ କରିଥିଲେ ।

ଖ୍ରୀ.ପୂ.୪୮ ଶେଷ ବେଳକୁ ସିଜର ପୁଣି ବର୍ଷକ ପାଇଁ ଏକାଧିପତି ନିଯୁକ୍ତ ହେଲେ । ଖ୍ରୀ.ପୂ.୪୭ର ପ୍ରଥମ କେତେ ମାସ ଇଜିପ୍ଟରେ ଅତିବାହିତ କରି ସେ ମଧ୍ୟପ୍ରାଚ୍ୟ ଆଡ଼କୁ ଅଗ୍ରସର ହେଲେ । ସେଠାରେ ସିଜର ପଣ୍ଟସର ରାଜାଙ୍କୁ ଧ୍ୱସ୍ତ କଲେ । ତାଙ୍କ ବିଜୟ ଏତେ ଦ୍ରୁତ ଓ ସୁସମ୍ପନ୍ନ ଥିଲା ଯେ ଏଭଳି ଦୁର୍ବଳ ଶତ୍ରୁ ଉପରେ ପମ୍ପିଙ୍କ ପୂର୍ବବର୍ତ୍ତୀ ବିଜୟଗୁଡ଼ିକୁ ସେ ଉପହାସ କଲେ । ପଣ୍ଟସ ମାର୍ଗରେ ସିଜର ଖ୍ରୀ.ପୂ.୪୭ ମେ ୨୭ରୁ ୨୯ (୨୫-୨୭ମେଗ୍ରେଗ.) ପର୍ଯ୍ୟନ୍ତ ଟର୍ସସରେ ଅବସ୍ଥାନ କରି ଉତ୍ସାହପୂର୍ଣ୍ଣ ସମର୍ଥନ ପ୍ରାପ୍ତ ହେଲେ । କିନ୍ତୁ ସିସେରୋଙ୍କ ମତରେ କସ୍‌ସିୟସ ଏଠାରେ ତାଙ୍କ ହତ୍ୟା ଯୋଜନା କରୁଥିଲେ । ଏହା ପରେ ପମ୍ପିଙ୍କ ଅବଶିଷ୍ଟ ସିନେଟ ସମର୍ଥକଙ୍କ ମୁକାବିଲା ପାଇଁ ସିଜର ଆଫ୍ରିକା ଗଲେ । ଖ୍ରୀ.ପୂ.୪୬ ଜାନୁଆରୀ ୪ ତାରିଖରେ ରସ୍ପିନାରେ ଟିଟସ ଲାବିଏନସ ତାଙ୍କୁ ପରାସ୍ତ କଲେ । କିନ୍ତୁ ସେଇ ବର୍ଷ ଏପ୍ରିଲ ୪ ତାରିଖରେ ଥପସସ ଯୁଦ୍ଧକ୍ଷେତ୍ରରେ କାଟୋଙ୍କ ବିରୋଧରେ ତାଙ୍କୁ ମହତ୍ୱପୂର୍ଣ୍ଣ ବିଜୟ ହାସଲ ହେଲା ଏବଂ କାଟୋ ଆତ୍ମହତ୍ୟା କଲେ । ଏ ବିଜୟ ପରେ ସେ ଦଶ ବର୍ଷ ପାଇଁ ଏକାଧିପତି ନିଯୁକ୍ତ ହେଲେ । ପମ୍ପିଙ୍କ ପୁତ୍ରମାନେ ସ୍ପେନକୁ ପଳାୟନ କଲେ । ସିଜର ପଶ୍ଚାଦ୍ଧାବନ କରି ଅବଶିଷ୍ଟ ବିରୋଧୀଙ୍କୁ ମୁଣ୍ଡା ଯୁଦ୍ଧରେ ଖ୍ରୀ.ପୂ.୪୫ ମାର୍ଚ୍ଚରେ ପରାସ୍ତ କଲେ । ଏ ସମୟରେ ସେ ତୃତୀୟ ଓ ଚତୁର୍ଥ ଥର ପାଇଁ କନସଲ ଭାବେ ଖ୍ରୀ.ପୂ.୪୬ ଓ ଖ୍ରୀ.ପୂ.୪୫ରେ ନିର୍ବାଚିତ ହେଲେ । ଶେଷ ଥର ସେ ଥିଲେ ଏକ ମାତ୍ର କନସଲ ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଜୁଲିୟସ ସିଜରଙ୍କ ଆଦ୍ୟ ଜୀବନ ଓ ଚଳନ ଦଶ ଧାଡ଼ିରେ ଆଲୋଚନା କରନ୍ତୁ ।

..........................................................................................................

..........................................................................................................

..........................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

**ପ୍ରଶ୍ନ ୨.** ଜୁଲିୟସ ସିଜରଙ୍କ ସାମରିକ ଅଭିଯାନର ବିବରଣ ଦଶ ଧାଡ଼ିରେ ପ୍ରଦାନ କରନ୍ତୁ ।

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

.....................................................................................................

## ୨.୪ ଏକାଧିପତ୍ୟ ଓ ହତ୍ୟା

ସ୍ପେନରେ ଅଭିଯାନ ଚାଲୁଥିବା ସମୟରେ ହିଁ ସିନେଟ ସିଜରଙ୍କ ଉପରେ ସମ୍ମାନ ଅର୍ପଣ କରିବା ଆରମ୍ଭ କଲା । ସିଜର ତାଙ୍କ ଶତ୍ରୁମାନଙ୍କୁ ଦଣ୍ଡିତ କରି ନ ଥିଲେ; ପ୍ରାୟ ସମସ୍ତଙ୍କୁ କ୍ଷମା କରିଥିଲେ । ତାଙ୍କ ପ୍ରତି ସାଧାରଣରେ ଗମ୍ଭୀର ଆକ୍ରୋଶ ମଧ୍ୟ ନ ଥିଲା । ମୁଣ୍ଡାରେ ସିଜରଙ୍କ ବିଜୟକୁ ସମ୍ମାନ

ଜ୍ଞାପନ ପୂର୍ବକ ଖ୍ରୀ.ପୂ.୪୫ ଏପ୍ରିଲ ମାସରେ କ୍ରୀଡ଼ା ଓ ଉତ୍ସବର ବିଶେଷ ଆୟୋଜନ କରାଗଲା । ଏହା ଅନେକ ରୋମବାସୀଙ୍କ ପାଇଁ ବିଶେଷ ଉତ୍ସାହପୂର୍ଣ୍ଣ ନ ଥିବା ପ୍ଲୁଟାର୍କ ଉଲ୍ଲେଖ କରିଛନ୍ତି । କାରଣ ଗୃହଯୁଦ୍ଧର ପରାଜିତ ପକ୍ଷ କୌଣସି ବିଦେଶୀ ନ ଥିଲେ; ଥିଲେ ରୋମର ସହନାଗରିକ । ଇଟାଲୀ ପ୍ରତ୍ୟାବର୍ତ୍ତନ ପରେ ଖ୍ରୀ.ପୂ.୪୫ ସେପ୍‌ଟେମ୍ବରରେ ସିଜର ନିଜର ଇଚ୍ଛାପତ୍ର ଦାୟର କଲେ । ଏଥିରେ ତାଙ୍କ ପୁତୁରାଙ୍କ ପୁଅ ଗାୟସ ଅକ୍‌ଟାଭ୍ୟିୟସ- ଅକ୍‌ଟାଭ୍ୟିୟନ, ପରବର୍ତ୍ତୀ କାଳରେ ଅଗଷ୍ଟସ ସିଜର ରୂପେ ବିଦିତ- ବିସ୍ତର ଭୂସମ୍ପତ୍ତି ସମେତ ବିପୁଳ ସମ୍ପଦ ଓ ନାମର ପ୍ରଧାନ ଉତ୍ତରାଧିକାରୀ ଘୋଷିତ ହୋଇଥିଲେ । ଇଚ୍ଛାପତ୍ରରେ ଏହା ମଧ୍ୟ ଉଲ୍ଲିଖିତ ଥିଲା ଯେ ଯଦି ଅକ୍‌ଟାଭ୍ୟିୟନ ସିଜରଙ୍କ ପୂର୍ବରୁ ମୃତ୍ୟୁ ବରଣ କରନ୍ତି ତେବେ ଡେସିମସ ଜୁନିୟସ ବ୍ରୁଟସ ଅଲବିନସ ପରବର୍ତ୍ତୀ ଉତ୍ତରାଧିକାରୀ ହେବେ । ଏଥିରେ ରୋମ ନାଗରିକଙ୍କ ପାଇଁ ସୁଦ୍ଧା ପର୍ଯ୍ୟାପ୍ତ ଉପହାର ରହିଥିଲା ।

ଖ୍ରୀ.ପୂ.୪୯ରେ ରୁବିକନ ଅତିକ୍ରମଣ ଏବଂ ଖ୍ରୀ.ପୂ.୪୪ରେ ହତ୍ୟା ମଧ୍ୟବର୍ତ୍ତୀ କାଳରେ ସିଜର ଏକ ନୂତନ ସମ୍ବିଧାନ ପ୍ରତିଷ୍ଠା କରିଥିଲେ । ତିନୋଟି ଭିନ୍ନ ଭିନ୍ନ ଲକ୍ଷ୍ୟ ସାଧନ ଥିଲା ଏହାର ଅଭିପ୍ରେତ । ପ୍ରଦେଶମାନଙ୍କରେ ସଶସ୍ତ୍ର ପ୍ରତିରୋଧ ଦମନ କରି ଗଣରାଜ୍ୟରେ ଶୃଙ୍ଖଳାର ପୁନଃପ୍ରବର୍ତ୍ତନ ଥିଲା ତାଙ୍କର ପ୍ରଥମ ଅଭିଳାଷ । ଦ୍ୱିତୀୟତଃ ରୋମରେ ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ଗଠନ ଥିଲା ତାଙ୍କର ଉଦ୍ଦେଶ୍ୟ । ପରିଶେଷରେ ଗୋଟିଏ ସଂସକ୍ତ ଏକକ ରୂପେ ସମସ୍ତ ପ୍ରଦେଶର ଗ୍ରଥନ ସେ ଇଚ୍ଛା କରୁଥିଲେ । ପମ୍ପି ଓ ତାଙ୍କ ସମର୍ଥକମାନେ ସିଜରଙ୍କ ଦ୍ୱାରା ପରାଜିତ ହେବା ଫଳରେ ପ୍ରଥମ ଲକ୍ଷ୍ୟଟି ସୁସମ୍ପନ୍ନ ହୋଇଥିଲା । ଅନ୍ୟ ଦୁଇଟି ଲକ୍ଷ୍ୟ ପୂରଣ ପାଇଁ ଶାସନ ଉପରେ ତାଙ୍କର ନିର୍ବିବାଦୀୟ ନିୟନ୍ତ୍ରଣ ସୁନିଶ୍ଚିତ ହେବାର ଆବଶ୍ୟକତା ରହିଥିଲା । ତେଣୁ ନିଜର କର୍ତ୍ତୃତ୍ୱ ବୃଦ୍ଧି ଏବଂ ଅପର ରୋମୀୟ ରାଜନୀତିକ ଅନୁଷ୍ଠାନର କର୍ତ୍ତୃତ୍ୱ ହ୍ରାସ କରି ସେ ଏ କ୍ଷମତା ଅଧିକାର କଲେ । ପରିଶେଷରେ ଦୀର୍ଘକାଳରୁ ପ୍ରଲମ୍ବିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ସିଜର ଅନେକ ସଂସ୍କାର ସମ୍ପାଦନ କଲେ । ଏ ମଧ୍ୟରେ ସବୁଠାରୁ ମହତ୍ୱପୂର୍ଣ୍ଣ ଥିଲା ପଞ୍ଜିକାର ସଂସ୍କାର ।

### ୨.୪.୧ ଏକାଧିପତ୍ୟ

ସିଜରଙ୍କ ରୋମ ପ୍ରତ୍ୟାବର୍ତ୍ତନ ପରେ ସିନେଟ ରୋମୀୟ ପ୍ରତିପକ୍ଷ ନୁହେ ପ୍ରକୃଷ୍ଟ ଭାବେ ଗଲ, ଇଜିପ୍ଟ, ଫର୍ନାସେସ ଓ ଜୁବା ଉପରେ ତାଙ୍କର ବିଜୟ ପାଇଁ ବିଜୟୋଲ୍ଲାସକୁ ଅନୁମୋଦନ ପ୍ରଦାନ କଲା । ତାଙ୍କ ଇଚ୍ଛା ମତେ ସବୁ ଘଟିଲା ନାହିଁ । ଇଜିପ୍ଟର ପୂର୍ବତନ ରାଣୀ ଅର୍ସିନୋ ୪ର୍ଥଙ୍କୁ ଶୃଙ୍ଖଳବଦ୍ଧ କରି ଚଲେଇ ଚଲେଇ ନେବା ବେଳେ ଦର୍ଶକମାନେ ତାଙ୍କର ଗରିମାମୟ ଧୈର୍ଯ୍ୟର ପ୍ରଶଂସାରେ ଶତମୁଖ ଏବଂ କରୁଣା ବିଗଳିତ ହେଲେ । ୪୦୦ ସିଂହଙ୍କୁ ନେଇ ଶ୍ୱାପଦ ଶିକାର, ଅସୀଚାଳନା ପ୍ରତିଯୋଗିତା ଆଦି ବିଜୟକ୍ରୀଡ଼ା ଅନୁଷ୍ଠିତ ହେଲା । ମଙ୍ଗଳ କ୍ଷେତ୍ର*(Field of Mars)*ର ଏକ ବନ୍ୟାପ୍ଲାବିତ ଅବବାହିକାରେ ନୌଯୁଦ୍ଧ ଅନୁଷ୍ଠାନ କରାଗଲା । ପରମ ରଙ୍ଗଭୂମି*(Circus Maximus)*ରେ ୨୦୦୦ ଯୁଦ୍ଧବନ୍ଦୀ, ୨୦୦ ଅଶ୍ୱ ଏବଂ ୨୦ ଲେଖାଏଁ ହସ୍ତୀଙ୍କୁ ନେଇ ଗଠିତ ଦୁଇ ସେନା ମଧ୍ୟରେ ଆମରଣ ଲଢ଼େଇ ଅନୁଷ୍ଠିତ ହେଲା । ଏଥର କେତେକ ଦର୍ଶକ ସିଜରଙ୍କ ଅକାରଣ ଅପବ୍ୟୟ ନେଇ ଅଭିଯୋଗ କଲେ । ବିଦ୍ରୋହାଗ୍ନି ପ୍ରଜ୍ଜ୍ୱଳିତ ହେଲା । ପୁରୋହିତମାନଙ୍କ ଦ୍ୱାରା ମଙ୍ଗଳକ୍ଷେତ୍ରରେ ଦୁଇ ବିଦ୍ରୋହୀଙ୍କୁ ବଳି ଦିଆଯିବା ପରେ ଏହା ଶାନ୍ତ ହେଲା ।

ବିଜୟୋଲ୍ଲାସ ପରେ ସିଜର ଏକ ଉଚ୍ଚାଭିଳାଷୀ ବୈଧାନିକ କାର୍ଯ୍ୟକ୍ରମ ଆରମ୍ଭ କଲେ । ସେ ଜନଗଣନା ପାଇଁ ଆଦେଶ ଦେଲେ । ଏହା ଫଳରେ ଶସ୍ୟବଣ୍ଟନ ହ୍ରାସ ପାଇଲା । ଅନ୍ୟ ଏକ ଆଦେଶ ବଳରେ କେବଳ ସିନେଟ ଅଥବା ଅଶ୍ୱାରୋହୀ ଅନୁକ୍ରମରୁ ହିଁ ଜୁରୀ ସଦସ୍ୟ ମନୋନୀତ ହୋଇପାରିଲେ । ଅପବ୍ୟୟରୋଧୀ ଆଇନ ଆଣି ନିର୍ଦ୍ଦିଷ୍ଟ ବିଳାସ ସାମଗ୍ରୀ କ୍ରୟ ଉପରେ କଟକଣା ଜାରି କରାଗଲା । ଏହା ପରେ ଇଟାଲୀର ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ପାଇଁ ବହୁ ସନ୍ତାନ ଥିବା ପରିବାରକୁ ପୁରସ୍କୃତ କରିବା ନିମିତ୍ତ ସେ ଏକ ଆଇନ ପ୍ରଣୟନ କଲେ । ପରେ ପ୍ରାଚୀନ ପେସାଦାର ସଂଘଗୁଡ଼ିକୁ ବାଦ୍ ଦେଇ ଅପର ପେସାଦାର ସଂଘମାନଙ୍କୁ ସିଜର ବେଆଇନ ଘୋଷଣା କଲେ । କାରଣ ଏ ମଧ୍ୟରୁ ଅନେକ ଥିଲେ ବିଧ୍ୱଂସକାରୀ ରାଜନୀତିକ ଆଖଡ଼ା । ଏହା ପରେ ସେ ଶାସକମାନଙ୍କ ମିଆଦ ପରିସୀମନ ଆଇନ ପ୍ରଣୟନ କଲେ । ଋଣ-ପୁନର୍ଗଠନ ଆଇନ ପ୍ରଣୟନ ଫଳରେ ସମଗ୍ର ଋଣର ଏକଚତୁର୍ଥାଂଶ ଛାଡ଼ ହୋଇଗଲା ।

ଏହା ପରେ ସିଜର ପ୍ରାଙ୍ଗଣ *(Forum of Caesar)*, ତନ୍ମଧ୍ୟସ୍ଥ ମା ଭେନସ ମନ୍ଦିର *(Temple of Venus Genetrix)* ସମେତ ଅନେକ ପୂର୍ତ୍ତ କର୍ମ କରାଗଲା । ସିଜର ରାଷ୍ଟ୍ରୀୟ ସହାୟତା ପ୍ରାପ୍ତ ଶସ୍ୟ

କ୍ରୟରେ ମଧ୍ୟ କଠୋର ନିୟନ୍ତ୍ରଣ ଜାରି କଲେ । ଗ୍ରହୀତା ସଂଖ୍ୟାରେ ହ୍ରାସ ଘଟାଇ ଏହାକୁ ସ୍ଥିର କରିଦେଲେ । ସ୍ୱତନ୍ତ୍ର ପୁସ୍ତିକାରେ ସେ ସମସ୍ତଙ୍କ ନାମ ଉଲ୍ଲେଖ କରାଗଲା । ଖ୍ରୀ.ପୂ.୪୭ରୁ ଖ୍ରୀ.ପୂ. ୪୪ ପର୍ଯ୍ୟନ୍ତ ପ୍ରାୟ ୧୫୦୦୦ ସୈନିକଙ୍କ ମଧ୍ୟରେ ଭୂମି ଆବଣ୍ଟନ ଯୋଜନା ସେ କରିଥିଲେ ।

ତେବେ ସେ କରିଥିବା ସବୁଠାରୁ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଥିଲା ପଞ୍ଜିକା ସଂସ୍କାର । ତତ୍କାଳରେ ଚାନ୍ଦ୍ରମାନକୁ ନେଇ ରୋମୀୟ ପଞ୍ଜିକା ପ୍ରସ୍ତୁତ ହେଉଥିଲା । ସିଜର ସୌରମାନ ଭିତ୍ତିରେ ପ୍ରସ୍ତୁତ ଇଜିପ୍ଟୀୟ ପଞ୍ଜିକା ଦ୍ୱାରା ଏହାକୁ ପ୍ରତିସ୍ଥାପନ କଲେ । ଫଳରେ ବର୍ଷକୁ ବର୍ଷ ଋତୁଚକ୍ରରେ ସଙ୍ଗତି ଆସିଲା । ରୋମୀୟ କୃଷକମାନେ ଏହା ଆଧାରରେ ଋତୁକାଳୀନ ଫସଲ ପାଇଁ ପ୍ରସ୍ତୁତ ହେବା ସୁସାଧ୍ୟ ହୋଇପାରିଲା । ସିଜର ବର୍ଷର ଦିନ ସଂଖ୍ୟା ୩୬୫.୨୫ କଲେ । ପ୍ରତି ଚାରି ବର୍ଷରେ ଫେବୃଆରୀ ଶେଷରେ ଗୋଟିଏ ଅଧିଦିବସ ଯୋଡ଼ାଗଲା ।

ଋତୁ ସହ ପଞ୍ଜିକାର ସାମଞ୍ଜସ୍ୟ ବିଧାନ ନିମିତ୍ତ ଖ୍ରୀ.ପୂ.୪୬ରେ ତିନୋଟି ଅତିରିକ୍ତ ମାସ- ଫେବୃଆରୀ ଶେଷରେ ସାଧାରଣ ଅଧିମାସ ଏବଂ ନଭେମ୍ବର ପରେ ଦୁଇଟି ଅତିରିକ୍ତ ମାସ- ସନ୍ନିବେଶ ପାଇଁ ସିଜର ଆଦେଶ ଜାରି କଲେ । ଏହିପରି ଜୁଲୀୟ ପଞ୍ଜିକା ଖ୍ରୀ.ପୂ.୪୫ ଜାନୁଆରୀ ୧ ତାରିଖରୁ ଆରମ୍ଭ ହେଲା । ବର୍ତ୍ତମାନ ପ୍ରଚଳିତ ପାଶ୍ଚାତ୍ୟ ପଞ୍ଜିକା ସହ ଏହା ପ୍ରାୟ ସମାନ ।

ହତ୍ୟାର କିଛି କାଳ ପୂର୍ବରୁ ସିଜର ଆଉ କେତେକ ସଂସ୍କାର ପ୍ରବର୍ତ୍ତନ କରିଥିଲେ । ସେ ଏକ ଆରକ୍ଷୀ ବଳ ପ୍ରତିଷ୍ଠା କରିଥିଲେ, ଭୂସଂସ୍କାର କାର୍ଯ୍ୟକାରୀ କରିବାକୁ ଅଧିକାରୀ ନିଯୁକ୍ତ କରିଥିଲେ ଏବଂ କାର୍ଥେଜ ଓ କରିନ୍ଥର ପୁନର୍ନିର୍ମାଣ ପାଇଁ ଆଦେଶ ପ୍ରଦାନ କରିଥିଲେ । ସେ ମଧ୍ୟ ସମଗ୍ର ରୋମୀୟ ଜଗତରେ ଲାଟିନ ଅଧିକାରକୁ ସମ୍ପ୍ରସାରିତ କରିଥିଲେ । ଏହା ପରେ ପ୍ରଚଳିତ କର ବ୍ୟବସ୍ଥା ଉଚ୍ଛେଦ କରି ପ୍ରାଚୀନ ବ୍ୟବସ୍ଥାର ପୁନଃପ୍ରଚଳନ କରାଇ ଥିଲେ । ଫଳରେ ନଗରୀମାନେ ରୋମୀୟ ମଧ୍ୟସ୍ଥଙ୍କ ବିନା ନିଜ ଇଚ୍ଛାନୁରୂପ କର ଆଦାୟ କରିପାରିଲେ । ତାଙ୍କ ହତ୍ୟା ଫଳରେ ଅଧିକ ସଂସ୍କାର ଏବଂ ବୃହତ୍ ପରିଯୋଜନାମାନ ବାଧା ପ୍ରାପ୍ତ ହେଲା । ମଙ୍ଗଳଙ୍କ ଏକ ଅଦ୍ୱିତୀୟ ମନ୍ଦିର, ଗୋଟିଏ ବିଶାଳ ରଙ୍ଗଶାଳା ଏବଂ ଆଲେକଜାଣ୍ଡ୍ରିଆ ସଦୃଶ ଏକ ପାଠାଗାର ନିର୍ମାଣ ଥିଲା ଏହାର ଅନ୍ତର୍ଭୁକ୍ତ ।

ଅଷ୍ଟିଆକୁ ଏକ ବୃହତ୍ ବନ୍ଦରରେ ପରିଣତ କରିବା, କରିନ୍ଥ ଯୋଜକ ଦେଇ କେନାଲଟିଏ ନିର୍ମାଣ କରାଇବା, ଡାସୀୟ ଓ ପର୍ଥୀୟମାନଙ୍କ ଉପରେ ବିଜୟ ହାସଲ କରିବା ଏବଂ କାର୍ହେରେ ପରାଜୟର ପ୍ରତିଶୋଧ ନେବା ଅଭିଳାଷ ସିଜରଙ୍କର ରହିଥିଲା । ଏଥିପାଇଁ ବିଶାଳ ସାଧନ ସେ ସଂଗ୍ରହ କରିଥିଲେ । ହତ୍ୟାର ସ୍ୱଳ୍ପ କାଳ ପୂର୍ବରୁ ସିନେଟ ତାଙ୍କୁ ଆଜୀବନ ନିୟନ୍ତ୍ରକ, ପିତୃଭୂମିର ପିତା ନାମିତ କରିବା ସଙ୍ଗେ ସଙ୍ଗେ ତାଙ୍କ ସମ୍ମାନରେ କ୍ୱିଣ୍ଟିଲିସ ମାସକୁ ଜୁଲାଇ ରୂପେ ପୁନଃନାମିତ କରିଥିଲେ ।

ତାଙ୍କୁ ଆହୁରି ଅଧିକ ସମ୍ମାନ ପ୍ରାପ୍ତ ହୋଇଥିଲା । ତାଙ୍କ ଛବି ଥାଇ ମୁଦ୍ରା ପ୍ରଚଳିତ ହୋଇଥିଲା । ରାଜାମାନଙ୍କ ପାର୍ଶ୍ୱରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାନିତ ହୋଇଥିଲା । ସିନେଟରେ ତାଙ୍କୁ ସୁବର୍ଣ୍ଣ ଆସନ ପ୍ରଦାନ କରାଯାଇ ଥିଲା । ଯେତେବେଳେ ଇଚ୍ଛା ବିଜୟ ପୋଷାକ ପରିଧାନର ଅନୁମତି ତାଙ୍କୁ ଦିଆଯାଇ ଥିଲା । ମାର୍କ ଆଣ୍ଟୋନିଙ୍କୁ ମୁଖ୍ୟ ପୁରୋହିତ ରୂପେ ନିଯୁକ୍ତି ଦେଇ ସିଜରଙ୍କୁ ଜନପ୍ରିୟ ଉପାସନାର ଉପାସ୍ୟ ରୂପେ ଅର୍ଦ୍ଧ-ଔପଚାରିକ ମାନ୍ୟତା ପ୍ରଦାନ କରାଯାଇ ଥିଲା । ପରବର୍ତ୍ତୀ କାଳରେ ଏ ସମ୍ମାନ ସବୁ ଜଣେ ଭାବୀ ଦିବ୍ୟ ସମ୍ରାଟ ଭାବେ ତାଙ୍କ ହତ୍ୟାକୁ ଯଥାର୍ଥ ପ୍ରତିପାଦନ କରିବାର ଆଧାର ରୂପେ ବ୍ୟବହୃତ ହେଲା ।

### ୨.୪.୧.୧ ରାଜନୀତିକ ସଂସ୍କାର

ସିଜରଙ୍କ ରାଜନୀତିକ ନିଯୁକ୍ତିର ଇତିହାସ ଅନିଶ୍ଚିତ ଓ ଜଟିଳ । ସେ ଥିଲେ ଏକାଧାରରେ କନସଲ ଓ ଟ୍ରିବ୍ୟୁନ; କିନ୍ତୁ ପର୍ଯ୍ୟାୟକ୍ରମେ କନସଲ ଓ ସମକନସଲ । ମନେହୁଏ ରାଷ୍ଟ୍ର ମଧ୍ୟରେ ତାଙ୍କ କ୍ଷମତାର ଆଧାର ଥିଲା ଏସବୁ ପଦବୀ । ସମ୍ଭବତଃ ନିର୍ବାଚନରେ ଅଧକ୍ଷତା ଲାଗି ତାଙ୍କୁ ଖ୍ରୀ.ପୂ.୪୯ରେ ପ୍ରଥମେ ଏକାଧିପତି ନିଯୁକ୍ତ କରାଯାଇ ଥିଲା । କିନ୍ତୁ ୧୧ ଦିନ ମଧ୍ୟରେ ସେ ଏକାଧିପତିତ୍ୱରୁ ଇସ୍ତଫା ପ୍ରଦାନ କରିଥିଲେ । ଖ୍ରୀ.ପୂ.୪୮ରେ ସେ ଅନିର୍ଦ୍ଦିଷ୍ଟ କାଳ ଏବଂ ଖ୍ରୀ.ପୂ.୪୬ରେ ଦଶ ବର୍ଷ ପାଇଁ ଏକାଧିପତି ରୂପେ ପୁନଃନିଯୁକ୍ତ ହେଲେ । ଖ୍ରୀ.ପୂ.୪୮ରେ ସିଜରଙ୍କୁ ସ୍ଥାୟୀ ଟ୍ରିବ୍ୟୁନ କ୍ଷମତା ପ୍ରଦାନ କରାଗଲା । ଫଳରେ ସେ ହେଲେ ବ୍ୟକ୍ତିଗତ ଭାବେ ଅସ୍ପର୍ଶନୀୟ । ସିନେଟର ନିଷ୍ପତ୍ତି ଉପରେ ଭିଟୋ ପ୍ରୟୋଗ କରିବାର କ୍ଷମତା ତାଙ୍କୁ ପ୍ରାପ୍ତ ହେଲା । ତେବେ ଅତି କମ୍‌ରେ ଗୋଟିଏ ଅବସରରେ ଟ୍ରିବ୍ୟୁନମାନେ ତାଙ୍କୁ ବାଧାଦେବାକୁ ପ୍ରୟାସ କରିଥିଲେ । ଏ କ୍ଷେତ୍ରରେ ବାଧାଦାନକାରୀ ଟ୍ରିବ୍ୟୁନମାନଙ୍କୁ ସିନେଟ ସମକ୍ଷରେ ହାଜର କରାଇ ସେମାନଙ୍କ ପଦବୀ ଛିନ୍ନ କରାଗଲା । ଟ୍ରିବ୍ୟୁନଙ୍କ

ପବିତ୍ରତା ଉଲ୍ଲଙ୍ଘନ କରିବା ସିଜରଙ୍କ ପକ୍ଷରେ ଏହା ପ୍ରଥମ ଘଟଣା ନ ଥିଲା । ଖ୍ରୀ.ପୂ.୪୯ରେ ସେ ପ୍ରଥମେ ରୋମ ଆଡ଼କୁ ଅଗ୍ରସର ହୋଇ ଜଣେ ଟ୍ରିବ୍ୟୁନ ସ୍ଥାପନ କରିଥିବା ମୁଦ ଭାଙ୍ଗି ରାଜକୋଷକୁ ବଳପୂର୍ବକ ଉନ୍ମୁକ୍ତ କରିଥିଲେ । ମହାଭିଯୋଗ ବଳରେ ଦୁଇ ଜଣ ବାଧାଦାନକାରୀ ଟ୍ରିବ୍ୟୁନଙ୍କ ଅପସାରଣ ପରେ ଟ୍ରିବ୍ୟୁନ ମଣ୍ଡଳୀର ଅପର କୌଣସି ସଦସ୍ୟ ତାଙ୍କୁ ଆଉ ବିରୋଧ ନ କରିବାରେ ଆଶ୍ଚର୍ଯ୍ୟଜନକ କିଛି ନ ଥିଲା ।

ଖ୍ରୀ.ପୂ.୪୭ରେ ରୋମ ପ୍ରତ୍ୟାବର୍ତ୍ତନ କରି ସିଜର ଦେଖିଲେ ସିନେଟ ସଦସ୍ୟ ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି । ସେ ତେଣୁ ନିୟନ୍ତ୍ରକ କ୍ଷମତା ପ୍ରୟୋଗ କରି ଅନେକ ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦେଲେ । ଫଳରେ ସିନେଟର ସଦସ୍ୟ ସଂଖ୍ୟା ୯୦୦କୁ ବୃଦ୍ଧି ପାଇଲା । ଏ ସମସ୍ତ ନିଯୁକ୍ତ ଥିଲେ ତାଙ୍କ ପକ୍ଷଧର । ଏହା ଫଳରେ ସିନେଟର ଆଭିଜାତ୍ୟ ବଳପୂର୍ବକ ଭୂଲୁଣ୍ଠିତ ହେଲା ଏବଂ ସିନେଟ ଅଧିକରୁ ଅଧିକ ସିଜରଙ୍କ ଆଜ୍ଞାବହ ହୋଇଗଲା । ଅପର କୌଣସି ସେନାନାୟକ ତାଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିବାର ସମ୍ଭାବନାକୁ ହ୍ରାସ କରିବା ପାଇଁ ସେ ଏକ ଆଇନ ପ୍ରଣୟନ କରି ଶାସକମାନଙ୍କ ମିଆଦକୁ ସୀମିତ କରିଦେଲେ ।

ଖ୍ରୀ.ପୂ.୪୬ରେ ସିଜର ନିଜକୁ 'ନୀତି ପ୍ରଧାନ' *(Prefect of the Morals)* ପଦବୀ ପ୍ରଦାନ କଲେ । ଏହା ଥିଲା ନାମକୁ ମାତ୍ର ନୂତନ ପଦବୀ । ବସ୍ତୁତଃ ଏହାର କ୍ଷମତା ଥିଲା ନିୟନ୍ତ୍ରକ ସହ ସମାନ । ଫଳରେ ସିଜରଙ୍କ ପାଖରେ ନିୟନ୍ତ୍ରକ କ୍ଷମତା ତ ରହିଲା; ସେ କିନ୍ତୁ ସାଧାରଣ ନିୟନ୍ତ୍ରକମାନଙ୍କ ଭଳି କୌଣସି ଅଙ୍କୁଶର ଅଧୀନ ହେଲେ ନାହିଁ । ଏ କ୍ଷମତା ପ୍ରୟୋଗ କରି ସିନେଟକୁ ସେ ନିଜ ପକ୍ଷଧରମାନଙ୍କ ଦ୍ୱାରା ପରିପୂର୍ଣ୍ଣ କରିଦେଲେ । ସେ ମଧ୍ୟ ତାଙ୍କ ରାଜକୀୟ ଉତ୍ତରାଧିକାରୀମାନେ ଅନୁସରଣ କଲା ଭଳି କେତେକ ପୂର୍ବ ଦୃଷ୍ଟାନ୍ତ ସୃଷ୍ଟି କରିଗଲେ । ଯଥା- 'ପିତୃଭୂମିର ପିତା' 'ଇମ୍ପରେଟର' ଆଦି ବିଭିନ୍ନ ପଦବୀ ଓ ସମ୍ମାନ ପାଇଁ ସିନେଟକୁ ଆଦେଶ ପ୍ରଦାନ କରିବା, ନିଜ ପସନ୍ଦର ମୁଦ୍ରା ପ୍ରଚଳନ କରିବା, ସିନେଟ ଅଧିବେଶନରେ ପ୍ରଥମେ ବକ୍ତବ୍ୟ ରଖିବା ଅଧିକାର । ଏହା ପରେ ସିଜର ବାର୍ଷିକ ନିର୍ବାଚିତ ଦଣ୍ଡଧର ସଂଖ୍ୟାରେ ବୃଦ୍ଧି ଘଟାଇଲେ । ଏହା ଦ୍ୱାରା ଅନୁଭୂତିସମ୍ପନ୍ନ ଦଣ୍ଡଧରଙ୍କ ଏକ ବିଶାଳ ସମୂହ ସୃଷ୍ଟି ହେଲା ଏବଂ ସିଜରଙ୍କୁ ତାଙ୍କ ସମର୍ଥକମାନଙ୍କୁ ପୁରସ୍କୃତ କରିବାର ଅବସର ପ୍ରାପ୍ତ ହେଲା ।

ଏକ ପ୍ରଦେଶ ରୂପେ ଇଟାଲୀର ରୂପାନ୍ତରଣ ଏବଂ ଅପର ପ୍ରଦେଶମାନଙ୍କୁ ଦୃଢ଼ ଭାବେ ସଂଯୁକ୍ତ କରି ସାମ୍ରାଜ୍ୟକୁ ଗୋଟିଏ ସଂସକ୍ତ ଏକକ ରୂପେ ନିର୍ମାଣ ନିମିତ୍ତ ମଧ୍ୟ ସେ ପଦକ୍ଷେପ ଗ୍ରହଣ କରିଥିଲେ । ରୋମ ଅଥବା ଇଟାଲୀ ବାହାରର ବ୍ୟକ୍ତିଙ୍କୁ ନାଗରିକତ୍ୱ ପ୍ରଦାନ ନ କରିବା କାରଣରୁ ବହୁ ଦଶନ୍ଧି ପୂର୍ବେ ସୃଷ୍ଟି ହୋଇଥିବା ସାମାଜିକ ସଂଗ୍ରାମ ରୂପୀ ଅନ୍ତର୍ନିହିତ ସମସ୍ୟାର ଏହା ହିଁ ଥିଲା ସମାଧାନ । ଅସମ ରାଜ୍ୟମାନଙ୍କ ଏକ ସମୂହ ପରିବର୍ତ୍ତେ ସମଗ୍ର ରୋମ ସାମ୍ରାଜ୍ୟର ଏ ଏକୀକରଣ ପ୍ରକ୍ରିୟା ପରିଶେଷରେ ସିଜରଙ୍କ ଉତ୍ତରାଧିକାରୀ ସମ୍ରାଟ ଅଗଷ୍ଟସଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହୋଇଥିଲା ।

ହତ୍ୟାର ଗୋଟିଏ ମାସ ପୂର୍ବରୁ ଖ୍ରୀ.ପୂ.୪୪ ଫେବୃଆରୀରେ ସେ ଚିର ଏକାଧିପତି ନିଯୁକ୍ତ ହେଲେ । ବହୁ ସମୟ ଇଟାଲୀ ବାହାରେ ରହୁଥିବାରୁ ସିଜରଙ୍କ ସମୟରେ ତାଙ୍କ ସହକାରୀମାନଙ୍କ ଠାରେ ଯଥେଷ୍ଟ କର୍ତ୍ତୃତ୍ୱ ନ୍ୟସ୍ତ ହେଉଥିଲା । ଖ୍ରୀ.ପୂ.୪୫ ଅକ୍ଟୋବରରେ ସେ ଏକମେବ କନସଲ ପଦବୀରୁ ଇସ୍ତଫା ଦେଇ ବର୍ଷର ଅବଶିଷ୍ଟ ସମୟ ପାଇଁ ଦୁଇ ଉତ୍ତରାଧିକାରୀଙ୍କ ନିର୍ବାଚନ ଅନୁଷ୍ଠିତ କରାଇଲେ । ତତ୍ତ୍ୱତଃ ଏହା ଦ୍ୱାରା ସାଧାରଣ କନସଲ ପଦବୀର ପୁନଃପ୍ରଚଳନ ଘଟିଲା । କାରଣ ସମ୍ବିଧାନରେ ସହକର୍ମୀ ବିହୀନ ଏକକ କନସଲ ପଦବୀ ସ୍ୱୀକୃତ ନ ଥିଲା ।

ପ୍ରାୟ ଜୀବନର ଅନ୍ତ ବେଳକୁ ସିଜର ପର୍ଥିଆ ସାମ୍ରାଜ୍ୟ ବିରୋଧରେ ଏକ ଯୁଦ୍ଧ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ରୋମରେ ଅନୁପସ୍ଥିତି ଯୋଗୁଁ ଆପଣା ପସନ୍ଦର କନସଲଙ୍କୁ ପଦାସୀନ କରାଇବାର ସମ୍ଭାବନା ସୀମିତ ହୋଇଯିବା ଆଶଙ୍କାରେ ସେ ଏକ ଆଇନ ପ୍ରଣୟନ କଲେ । ଏହା ଫଳରେ ଖ୍ରୀ.ପୂ.୪୩ରେ ସମସ୍ତ ଦଣ୍ଡଧର ଏବଂ ଖ୍ରୀ.ପୂ.୪୨ରେ ସମସ୍ତ କନସଲ ଓ ଟ୍ରିବ୍ୟୁନ ନିଯୁକ୍ତ କରିବା ଅଧିକାର ତାଙ୍କ ପାଖରେ ରହିଲା । ପରିଣାମରେ ଦଣ୍ଡଧରମାନେ ଲୋକଙ୍କ ପରିବର୍ତ୍ତେ ଏକାଧିପତିଙ୍କ ପ୍ରତିନିଧିରେ ରୂପାନ୍ତରିତ ହେଲେ ।

**୨.୪.୨ ହତ୍ୟା**

ଖ୍ରୀ.ପୂ.୪୪ ମାର୍ଚ୍ଚ ୧୫ରେ ସିଜର ସିନେଟର ଏକ ଅଧିବେଶନରେ ଯୋଗଦେବାର ଥିଲା । ଅନେକ ସିନେଟ ସଦସ୍ୟ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚନା କରିଥିଲେ । ମାର୍କ ଆଣ୍ଟୋନି ଜଣେ

ତ୍ରସ୍ତ ବିମୋଚକ ସର୍ଭ଼ିଲିୟସ କସ୍କାଙ୍କ ଠାରୁ ପୂର୍ବ ରାତ୍ରିରେ ଏହାର ଅସ୍ପଷ୍ଟ ସୂଚନା ପ୍ରାପ୍ତ ହୋଇ ଅମଙ୍ଗଳ ଆଶଙ୍କାରେ ସିଜରଙ୍କ ବିଦାୟୀର ନେତୃତ୍ୱ କରିବାକୁ ପହଞ୍ଚିଥିଲେ । ତେବେ ଆଣ୍ଟୋନି ଯେ ସିଜରଙ୍କୁ ସହାୟ ହେବେ ଏଇ ପୂର୍ବାନୁମାନ ଷଡ଼ଯନ୍ତ୍ରକାରୀଙ୍କର ରହିଥିଲା । ସେମାନେ ତେଣୁ ସିନେଟର ଅଧିବେଶନ ସ୍ଥଳ ପମ୍ପି ନାଟ୍ୟଶାଳାର ପ୍ରବେଶ ମଣ୍ଡପରେ ପହଞ୍ଚିବା ମାତ୍ରେ ଆଣ୍ଟୋନିଙ୍କୁ ବାହାରେ ଅଟକାଇବା ଦାୟିତ୍ୱ ଟ୍ରେବୋନିୟସଙ୍କ ଉପରେ ନ୍ୟସ୍ତ କରିଥିଲେ । – ତେବେ ପ୍ଲୁଟାର୍କ ଆଣ୍ଟୋନିଙ୍କୁ ବିଳମ୍ବିତ କରାଇବା ଦାୟିତ୍ୱ ବ୍ରୁଟସ ଅଲବିନସଙ୍କ ଉପରେ ନ୍ୟସ୍ତ ଥିବା ଉଲ୍ଲେଖ କରିଛନ୍ତି । – ସିନେଟ କକ୍ଷରୁ ହୋହଲ୍ଲା ଶୁଣି ଆଣ୍ଟୋନି ପଳାୟନ କଲେ ।

ପ୍ଲୁଟାର୍କଙ୍କ ଅନୁସାରେ ସିଜର ସିନେଟରେ ପହଞ୍ଚିବା ମାତ୍ରେ ଟିଲ୍ଲିୟସ ସିମ୍ବର ତାଙ୍କ ନିର୍ବାସିତ ଭ୍ରାତାଙ୍କୁ ଫେରାଇ ଆଣିବା ପାଇଁ ଏକ ଯାଚିକା ଉପସ୍ଥାପନ କଲେ । ଅନ୍ୟ ଷଡ଼ଯନ୍ତ୍ରକାରୀମାନେ ସମର୍ଥନ ପ୍ରଦାନ ପାଇଁ ଚତୁର୍ପାର୍ଶ୍ୱରେ ଘେରିଗଲେ । ସିଜର ସିମ୍ବରଙ୍କୁ ଦୂରକୁ ହଟିଯିବା ପାଇଁ ଇଶାରା କରିଥିବା ଏବଂ ସିମ୍ବର ତାଙ୍କ କାନ୍ଧକୁ ଭିଡ଼ି ବହିର୍ବସ୍ତ୍ର ଓଟାରିଥିବା ବିଷୟ ଉଭୟ ପ୍ଲୁଟାର୍କ ଓ ସ୍ୟୁଟୋନିୟସ ଉଲ୍ଲେଖ କରିଛନ୍ତି । ସିଜର ଏହା ପରେ ସିମ୍ବରଙ୍କୁ ଲକ୍ଷ୍ୟ କରି ଚିତ୍କାର କରିଥିଲେ, 'କାହିଁକି, ଏହା ହିଂସା !' *("Ista quidem vis est").*

ସମକାଳରେ କସ୍କା ତାଙ୍କ କୃପାଣ କାଢ଼ି ଏକାଧିପତିଙ୍କ ବେକ ଉପରେ ଏକ ତୀବ୍ର ପ୍ରହାର କଲେ । ତତ୍‌କ୍ଷଣାତ ବୁଲିପଡ଼ି ସିଜର କସ୍କାଙ୍କ ବାହୁକୁ ଭିଡ଼ି ନେଲେ । ପ୍ଲୁଟାର୍କଙ୍କ ମତରେ ସେ ଲାଟିନରେ କହିଲେ, 'କସ୍କା, ତୁ ଦୁଷ୍ଟ, କ'ଣ କରୁଛୁ ?' ଭୀତତ୍ରସ୍ତ କସ୍କା ଗ୍ରୀକରେ ଚିତ୍କାର କଲେ, 'ସାହାଯ୍ୟ କର ଭାଇ !' ଅଳ୍ପ କେତେ କ୍ଷଣ ମଧ୍ୟରେ ବ୍ରୁଟସଙ୍କ ସମେତ ସମଗ୍ର ଗୋଷ୍ଠୀ ଏକାଧିପତିଙ୍କୁ ଆହତ କରିବାରେ ଲାଗିପଡ଼ିଲେ । ସିଜର ପଳାୟନ ପାଇଁ ପ୍ରୟାସ କଲେ । କିନ୍ତୁ ରକ୍ତସ୍ରାବ ହେତୁ ଦେଖି ନ ପାରି ସେ ଟଳଟଳ ହୋଇ ତଳେ ପଡ଼ିଗଲେ । ପ୍ରବେଶ ମଣ୍ଡପର ତଳ ପାହାଚରେ ପତିତ ଅରକ୍ଷିତ ସିଜରଙ୍କୁ ଷଡ଼ଯନ୍ତ୍ରକାରୀମାନେ ଛୁରୀ ଭୁସିବା ଜାରି ରଖିଲେ । ୟୁଟ୍ରୋପିୟସଙ୍କ ମତରେ ସିଜରଙ୍କ ହତ୍ୟାରେ ପ୍ରାୟ ୬୦ ଜଣ ଅଂଶଗ୍ରହଣ କରିଥିଲେ ଏବଂ ତାଙ୍କୁ ୨୩ ଥର ଛୁରୀ ଭୁସାଯାଇ ଥିଲା ।

ସ୍ୟୁଟୋନିୟସଙ୍କ ମତରେ ପରେ ଜଣେ ଭିଷକ୍ କେବଳ ଗୋଟିଏ କ୍ଷତ- ଛାତି ଉପରର ଦ୍ୱିତୀୟ ଆଘାତ ଜନିତ କ୍ଷତ- ପ୍ରାଣଘାତକ ଥିବା ପ୍ରକାଶ କରିଥିଲେ । ଏକାଧିପତିଙ୍କ ଶେଷ ଉଚ୍ଚାରଣ କ'ଣ ଥିଲା ନିର୍ଦ୍ଦିଷ୍ଟ ଭାବେ ଜଣାଯାଏ ନାହିଁ । ଉଭୟ ବିଦ୍ୱାନ ଓ ଐତିହାସିକମାନଙ୍କ ମଧ୍ୟରେ ଏହାକୁ ନେଇ ମତାନୈକ୍ୟ ରହିଛି । ତେବେ ସିଜର କିଛି କହି ନ ଥିଲେ ବୋଲି ସ୍ୟୁଟୋନିୟସ ସ୍ୱୀୟ ମତ ପୋଷଣ କରିଛନ୍ତି ।

ପ୍ଲୁଟାର୍କ ମଧ୍ୟ ସିଜର କିଛି କହି ନ ଥିବା, ଷଡ଼ଯନ୍ତ୍ରକାରୀମାନଙ୍କ ମଧ୍ୟରେ ବ୍ରୁଟସଙ୍କୁ ଦେଖି ନିଜ ଅଙ୍ଗାବରଣ ମୁଣ୍ଡ ଉପରକୁ ଟାଣି ଆଣିଥିବା ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ଇଂଲିଶ ଭାଷୀ ଜଗତରେ ବିଶେଷ ବିଦିତ ଲାଟିନ ବାକ୍ୟାଂଶଟି ହେଉଛି: *"Et tu, Brute?"* । ଏହାକୁ 'ଆଉ ତୁମେ, ବ୍ରୁଟସ ?' ଅଥବା 'ତୁମେ ମଧ୍ୟ, ବ୍ରୁଟସ ?' ରୂପେ ବ୍ୟାଖ୍ୟା କରାଯାଏ । ଉକ୍ତିଟି ସେକ୍ସପିୟରଙ୍କ ପ୍ରଖ୍ୟାତ ଜୁଲିୟସ ସିଜର ନାଟକରୁ ଆନୀତ । ନାଟକରେ ଏହା ହେଉଛି ଏକ ମିଶ୍ରିତ ପଙ୍କ୍ତିର ପୂର୍ବାର୍ଦ୍ଧ: *"Et tu, Brute? Then fall, Caesar."* । ନାଟକ ଲେଖାଯିବା ବେଳକୁ ଉକ୍ତିଟି ଜନପ୍ରିୟତା ଅର୍ଜନ କରିସାରି ଥିଲା । କାରଣ ଖ୍ରୀ.୧୫୮୨ରେ ରଚିତ ରିଚାର୍ଡ ଏଡେସଙ୍କ ଲାଟିନ ନାଟକ *Caesar Interfectus* ଏବଂ ଖ୍ରୀ.୧୫୯୫ରେ ରଚିତ ଇଂଲିଶ ନାଟକ *The True Tragedy of Richard, Duke of York* ଆଦିରେ ଏହା ରହିଛି ।

ହତ୍ୟା ପରେ ବ୍ରୁଟସ ସାଥୀ ସିନେଟ ସଦସ୍ୟମାନଙ୍କୁ କିଛି କହିବା ପାଇଁ ଆଗେଇ ଆସୁଥିଲେ; କିନ୍ତୁ ସେମାନେ ଅଟ୍ଟାଳିକାରୁ ପଳାୟନ କରିଥିବା ପ୍ଲୁଟାର୍କ ଉଲ୍ଲେଖ କରିଛନ୍ତି । ବ୍ରୁଟସ ଓ ତାଙ୍କ ସହଯୋଗୀମାନେ 'ରୋମବାସୀ ! ଆମେ ପୁଣି ଥରେ ବିମୁକ୍ତ' ଚିତ୍କାର କରି କରି ବିଧାନଭବନ ଆଡ଼କୁ ଅଗ୍ରସର ହେଲେ । ସେମାନେ କିନ୍ତୁ ପ୍ରଶାନ୍ତିର ସମ୍ମୁଖୀନ ହେଲେ । କାରଣ ଘଟଣା ସମ୍ବନ୍ଧରେ ଜନରବ ପ୍ରସାରଣ ଆରମ୍ଭ ହେବା ମାତ୍ରେ ରୋମବାସୀ ନିଜ ନିଜକୁ ଗୃହ ମଧ୍ୟରେ ଆବଦ୍ଧ କରିସାରି ଥିଲେ । ସିଜରଙ୍କ ମୃତ ଶରୀର ପ୍ରାୟ ତିନି ଘଣ୍ଟା କାଳ ସିନେଟ ଚଟାଣରେ ପଡ଼ି ରହିଲା । ପରେ ଅପର କର୍ମକର୍ତ୍ତାମାନେ ଏହାକୁ ସ୍ଥାନାନ୍ତର କଲେ ।

ରୋମ ପ୍ରାଙ୍ଗଣର ପ୍ରଧାନ ଛକର ପୂର୍ବ ପାର୍ଶ୍ୱରେ ସିଜରଙ୍କ ଶବ ସତ୍କାର କରାଗଲା । ସତ୍କାର ସ୍ଥଳରେ କିଛି ବର୍ଷ ପରେ ସିଜର ମନ୍ଦିର ନିର୍ମିତ ହେଲା । ଏବେ ଏହାର ବେଦିକା ମାତ୍ର ଅବଶେଷ ରହିଛି । ପରବର୍ତ୍ତୀ କାଳରେ ପ୍ରାଙ୍ଗଣରେ ୨୩ଟି ଛୁରିକାକ୍ଷତ ପ୍ରଦର୍ଶନକାରୀ ସିଜରଙ୍କ ପୂର୍ଣ୍ଣାବୟବ ମହମ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇ ଥିଲା । ସତ୍କାର ସ୍ଥଳରେ ସମବେତ ଜନତା ଅଗ୍ନିକାଣ୍ଡ ଆରମ୍ଭ କରିଦେବାରୁ ପ୍ରାଙ୍ଗଣ ଓ ପାର୍ଶ୍ୱବର୍ତ୍ତୀ ଅଟ୍ଟାଳିକାମାନ ଗୁରୁତର କ୍ଷତିଗ୍ରସ୍ତ ହେଲା । ଆସନ୍ନ ଅରାଜକତା ମଧ୍ୟରେ ମାର୍କ ଆଣ୍ଟୋନି, ଅକ୍‌ଟାଭିୟନ(ପରେ ଅଗଷ୍ଟସ ସିଜର) ଓ ଅନ୍ୟମାନେ ପାଞ୍ଚଟି ଗୃହଯୁଦ୍ଧର ଏକ ଶୃଙ୍ଖଳା ଲଢ଼ିଲେ । ଏହାର ଅନ୍ତିମ ପରିଣତି ଥିଲା ରୋମ ସାମ୍ରାଜ୍ୟର ପ୍ରତିଷ୍ଠା ।

### ୨.୪.୩ ହତ୍ୟାର ପରିଣାମ

ସିଜରଙ୍କ ମୃତ୍ୟୁ ଯେ ରୋମ ଗଣରାଜ୍ୟର ପତନକୁ ତ୍ୱରାନ୍ୱିତ କରିଦେବ ହତ୍ୟାକାରୀମାନଙ୍କ ପାଇଁ ଏହା ଥିଲା ଅଚିନ୍ତନୀୟ । ଗଲ ଘଟଣାବଳୀର ପୂର୍ବ ସମୟରୁ ରୋମର ମଧ୍ୟବିତ୍ତ ଏବଂ ନିମ୍ନ ବର୍ଗ ମଧ୍ୟରେ ସିଜର ଥିଲେ ଅତ୍ୟନ୍ତ ଜନପ୍ରିୟ । ଅଭିଜାତଙ୍କ ଏକ କ୍ଷୁଦ୍ର ଗୋଷ୍ଠୀ ଦ୍ୱାରା ତାଙ୍କ ନାୟକଙ୍କ ହତ୍ୟା ସେମାନଙ୍କୁ କ୍ରୁଦ୍ଧ କଲା । ସିଜରଙ୍କ ଠାରୁ କ୍ରମେ ଦୂରେଇ ଯାଉଥିବା ଆଣ୍ଟୋନି ସାଧାରଣ ରୋମ ଜନତାଙ୍କ ସନ୍ତାପରୁ ଫାଇଦା ଉଠାଇବାକୁ ଲାଗିଲେ; ସମ୍ଭବତଃ ରୋମର ନିୟନ୍ତ୍ରଣ ନିଜ ହାତକୁ ନେବା ଅଭିପ୍ରାୟରେ ଅଭିଜାତ ସଦସ୍ୟମାନଙ୍କ*(Optimates)* ଉପରେ ଉନ୍ମୁକ୍ତ କାର୍ଯ୍ୟାନୁଷ୍ଠାନର ଧମକ ଦେଲେ । କିନ୍ତୁ ସିଜର ତାଙ୍କର ଏକ ମାତ୍ର ଉତ୍ତରାଧିକାରୀ ଭାବେ ପୁତୁରାର ପୁଅ ଗୈୟସ ଅକ୍‌ଟାଭିୟସଙ୍କୁ (ସେଇଥି ପାଇଁ ନାମଟି ଅକ୍‌ଟାଭିୟନ) ନାମିତ କରି ଅମାପ ଶକ୍ତିଶାଳୀ ସିଜର ନାମ ପ୍ରଦାନ ସଙ୍ଗକୁ ଗଣରାଜ୍ୟର ସର୍ବାଧିକ ସମ୍ପଦଶାଳୀ ଜଣେ ନାଗରିକରେ ପରିଣତ କରିଦେଇଥିବା ଜାଣି ସେ ବିସ୍ମିତ ଓ ଲଜ୍ଜାହତ ହେଲେ ।

ଅନ୍ତ୍ୟେଷ୍ଟିରେ ସମବେତ ଜନତା କ୍ରୋଧରେ ଫାଟିପଡ଼ି ସିଜରଙ୍କ ଚିତାଗ୍ନିକୁ ଶୁଷ୍କଡାଳ, ଆସବାବ ଏପରିକି ପିନ୍ଧାଲୁଗା ଫୋପାଡ଼ିବାକୁ ଲାଗିଲେ । ଅଗ୍ନିଶିଖା ଅନିୟନ୍ତ୍ରିତ ହୋଇ ହୁତ୍‌ହୁତ୍ ଜଳିଲା । ପ୍ରାଙ୍ଗଣର ଘୋର କ୍ଷତି ଘଟିଲା । ଏହା ପରେ ଜନତା ବ୍ରୁଟସ ଓ କସ୍‌ସିୟସଙ୍କ ଗୃହ ଉପରେ ଆକ୍ରମଣ କଲେ । ସେଠାରୁ ସେମାନଙ୍କୁ ହଟାଇବା ପାଇଁ କଠୋର ପ୍ରଯତ୍ନ କରିବାକୁ ପଡ଼ିଲା । ଅଭିଜାତଙ୍କ

ବିରୋଧରେ ଆଣ୍ଟୋନିଙ୍କ ଧମକକୁ ଅଂଶତଃ ପରିପୂରଣ କରି ଗୃହଯୁଦ୍ଧର ସ୍ଫୁଲିଙ୍ଗ ଏଇଠୁ ଜଳିବା ଆରମ୍ଭ ହେଲା । ପରବର୍ତ୍ତୀ ଗୃହଯୁଦ୍ଧ ଶୃଙ୍ଖଳାର ଅନ୍ତିମ ପରିଣାମର ପୂର୍ବାନୁମାନ ଆଣ୍ଟୋନି କରିପାରି ନ ଥିଲେ । ବିଶେଷତଃ ସିଜରଙ୍କ ଦତ୍ତକ ଉତ୍ତରାଧିକାରୀ ସଂକ୍ରାନ୍ତରେ ତାଙ୍କର କୌଣସି ପୂର୍ବାନୁମାନ ହିଁ ନ ଥିଲା । ସିଜରଙ୍କ ଦେହାନ୍ତ ବେଳକୁ ଅକ୍‌ଟାଭିୟନଙ୍କ ବୟସ ଥିଲା ମାତ୍ର ୁ୍୧୮ରେ । କିନ୍ତୁ ଏ ବୟସରେ ସୁଦ୍ଧା ତାଙ୍କ ପାଖରେ ଯଥେଷ୍ଟ ରାଜନୀତିକ ଦକ୍ଷତା ରହିଥିବା ପ୍ରମାଣିତ ହେଲା । ଆଣ୍ଟୋନି ଡେସିମସ ବ୍ରୁଟସଙ୍କ ସହ ପ୍ରଥମ ଚରଣର ଗୃହଯୁଦ୍ଧରେ ଲିପ୍ତ ଥିବା ବେଳେ ଅକ୍‌ଟାଭିୟନ ତାଙ୍କ ତୁଚ୍ଛ ସ୍ଥିତିକୁ ଦୃଢ଼ କରୁଥିଲେ ।

ଗ୍ରୀସରେ ବିଶାଳ ସେନା ଏକତ୍ର କରୁଥିବା ବ୍ରୁଟସ ଓ କସ୍‌ସିୟସଙ୍କ ବିରୋଧରେ ଲଢ଼ିବା ପାଇଁ ଆଣ୍ଟୋନିଙ୍କୁ ସୈନ୍ୟ, ସିଜରଙ୍କ ଯୁଦ୍ଧକୋଷର ନଗଦ ଏବଂ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିମିତ୍ତ ସିଜରଙ୍କ ନାମ ପ୍ରଦାନ କରୁଥିବା ବୈଧତା ଥିଲା ଅତ୍ୟାବଶ୍ୟକ । ଖ୍ରୀ.ପୂ.୪୩ ନଭେମ୍ବର ୨୭ ତାରିଖରେ ତୃତୀୟ ବିଧି *(lex Titia)* ପ୍ରଣୟନ ସହ ଆଣ୍ଟୋନି, ଅକ୍‌ଟାଭିୟନ ଏବଂ ସିଜରଙ୍କ ଅନୁଗତ ଅଶ୍ୱ ଅଧୀକ୍ଷକ ଲେପିଡସଙ୍କୁ ନେଇ ଦ୍ୱିତୀୟ ତ୍ରିମୂର୍ତ୍ତି ରାଜତ୍ୱ ଆନୁଷ୍ଠାନିକ ଭାବେ ଗଠିତ ହେଲା । ଖ୍ରୀ.ପୂ.୪୨ରେ ଏହା ଔପଚାରିକ ରୂପେ ସିଜରଙ୍କ ଉପରେ ଦେବତ୍ୱ ଆରୋପ କରି ଦିବ୍ୟ ଜୁଲିୟସ *(Divus Iulius)* ଘୋଷଣା କଲା ଏବଂ ସିଜର ଅକ୍‌ଟାଭିୟନ ଏଣିକି ଦିବ୍ୟ ପୁତ୍ର *(Divi filius)* ଭାବେ ପରିଗଣିତ ହେଲେ ।

ଦୟାଶୀଳତାର ପରିଣାମ ସ୍ୱରୂପ ସିଜର ହତ୍ୟାର ଶିକାର ହୋଇଥିବାରୁ ଦ୍ୱିତୀୟ ତ୍ରିମୂର୍ତ୍ତି ରାଜତ୍ୱ ସୁଲ୍ଲାଙ୍କ ସମୟରୁ ପରିତ୍ୟକ୍ତ ଦଣ୍ଡ ପ୍ରଥାର ପୁନଃପ୍ରଚଳନ କଲେ । ଏମାନେ ବ୍ରୁଟସ ଓ କସ୍‌ସିୟସଙ୍କ ବିରୋଧରେ ଦ୍ୱିତୀୟ ଗୃହଯୁଦ୍ଧରେ ୪୫ଟି ଫୌଜ ପାଇଁ ଅର୍ଥ ସୁନିଶ୍ଚିତ କରିବାକୁ ବିଶାଳ ସଂଖ୍ୟକ ପ୍ରତିପକ୍ଷଙ୍କ ବିଧି ଅନୁମୋଦିତ ହତ୍ୟାରେ ଲିପ୍ତ ରହିଲେ । ଆଣ୍ଟୋନି ଓ ଅକ୍‌ଟାଭିୟନ ସେମାନଙ୍କୁ ଫିଲିପ୍ପି ଠାରେ ପରାସ୍ତ କଲେ ।

ଏହା ପରେ ମାର୍କ ଆଣ୍ଟୋନି ସିଜରଙ୍କ ପ୍ରେମିକା କ୍ଲିଓପେଟ୍ରାଙ୍କ ସହ ଏକ ମୈତ୍ରୀ ଗଠନ କଲେ । ଏହାର ଉଦ୍ଦେଶ୍ୟ ଥିଲା ରୋମ ଉପରେ ପ୍ରାଧାନ୍ୟ ବିସ୍ତାର ପାଇଁ ବିପୁଳ ସମ୍ପଦଶାଳୀ ଇଜିପ୍ଟକୁ ଏକ

ଆଧାର ଭାବେ ଉପଯୋଗ କରିବା । ଗୋଟିଏ ପକ୍ଷରେ ଅକ୍ଟାଭ୍ୟିନ ଏବଂ ଅପର ପକ୍ଷରେ ଆଣ୍ଟୋନି ଓ କ୍ଲିଓପେଟ୍ରାଙ୍କୁ ନେଇ ତୃତୀୟ ଗୃହଯୁଦ୍ଧ ଆରବ୍ଧ ହେଲା । ଏ ଅନ୍ତିମ ଗୃହଯୁଦ୍ଧରେ ଖ୍ରୀ.ପୂ. ୩୧ରେ ଆଣ୍ଟୋନି ଓ କ୍ଲିଓପେଟ୍ରା ଆକ୍ଟିୟମରେ ପରାସ୍ତ ହେଲେ । ସେମାନେ ଖ୍ରୀ.ପୂ.୩୦ରେ ଇଜିପ୍ଟରେ ଆତ୍ମହତ୍ୟା କଲେ । ପରିଣାମତଃ ଅକ୍ଟାଭ୍ୟିନଙ୍କ ସ୍ଥାୟୀ ଆଧିପତ୍ୟ ପ୍ରତିଷ୍ଠା ହେଲା । ସେ ସିଜର ଅଗଷ୍ଟସ ନାମ ଧାରଣ କରି ପ୍ରଥମ ରୋମ ସମ୍ରାଟ ହେଲେ । ଏ ନାମ ରାଜନୀତିକ ନୁହେ ଧାର୍ମିକ କର୍ତ୍ତୃତ୍ୱକୁ ସୂଚାଏ ।

ଜୁଲିୟସ ସିଜର ପର୍ଥିଆ, କକେସସ ଓ ସିଥିଆ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲେ । ଏହା ପରେ ପୂର୍ବ ଇଉରୋପ ଦେଇ ଅଭିଯାନରେ ଜର୍ମାନିଆ ଫେରିବାକୁ ତାଙ୍କର ଯୋଜନା ରହିଥିଲା । ସିଜରଙ୍କ ହତ୍ୟା ଫଳରେ ଏ ଯୋଜନା ସବୁ ଅଟକି ଯାଇଥିଲା । ତାଙ୍କ ଉତ୍ତରାଧିକାରୀ ପର୍ଥିଆ ଓ ଜର୍ମାନିଆ ବିଜୟ ପାଇଁ ପ୍ରୟାସ କରିଥିଲେ । କିନ୍ତୁ ଏହାର ପରିଣାମ ସୁଦୂରପ୍ରସାରୀ ନ ଥିଲା ।

### ୨.୪.୪ ଦେବତ୍ୱ ଆରୋପଣ

ଆନୁଷ୍ଠାନିକ ଦେବତ୍ୱ ଆରୋପଣ ଦୃଷ୍ଟିରୁ ଜୁଲିୟସ ସିଜର ଥିଲେ ପ୍ରଥମ ଐତିହାସିକ ରୋମୀୟ । ଖ୍ରୀ.ପୂ.୪୨ ଜାନୁଆରୀ ୧ ତାରିଖରେ ରୋମୀୟ ସିନେଟର ନିର୍ଣ୍ଣୟ ବଳରେ ତାଙ୍କୁ ମରଣୋତ୍ତର ଭାବେ ଦିବ୍ୟ ଜୁଲିୟସ *(Divus Iulius)* ଉପାଧିରେ ଭୂଷିତ କରାଯାଇ ଥିଲା । ତାଙ୍କ ସମ୍ମାନରେ କ୍ରୀଡ଼ା ଆୟୋଜନ କାଳରେ ଏକ ଧୂମକେତୁର ଆବିର୍ଭାବ ସିଜରଙ୍କ ଦିବ୍ୟତ୍ୱର ସଂପୁଷ୍ଟି ଭାବେ ଗୃହୀତ ହୋଇଥିଲା । ମୃତ୍ୟୁ ପର ପର୍ଯ୍ୟନ୍ତ ତାଙ୍କ ମନ୍ଦିର ଉତ୍ସର୍ଗୀକୃତ ହୋଇ ନ ଥିଲେ ମଧ୍ୟ ଜୀବଦ୍ଦଶାରେ ଏବଂ ହତ୍ୟାର ଅବ୍ୟବହିତ କାଳରେ ସେ ଦିବ୍ୟ ସମ୍ମାନମାନ ପ୍ରାପ୍ତ ହୋଇଥିବା ଅନୁମାନ କରାଯାଏ । ମାର୍କ ଆଣ୍ଟୋନିଙ୍କୁ ତାଙ୍କ ପୁରୋହିତ ନିଯୁକ୍ତ କରାଯାଇ ଥିଲା । ଉଭୟ ଅକ୍ଟାଭ୍ୟିନ ଓ ମାର୍କ ଆଣ୍ଟୋନି ଦିବ୍ୟ ଜୁଲିୟସ *(Divus Iulius)* ସଂସ୍କୃତିକୁ ପ୍ରୋତ୍ସାହିତ କରିଥିଲେ । ସିଜରଙ୍କ ମୃତ୍ୟୁ ପରେ ତାଙ୍କ ଦତ୍ତକ ପୁତ୍ର ଭାବେ ଅକ୍ଟାଭ୍ୟିନ ଦିବ୍ୟ ପୁତ୍ର *(Divi filius)* ଉପାଧି ଧାରଣ କରିଥିଲେ ।

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ସିଜର କରିଥିବା ରାଜନୀତିକ ସଂସ୍କାରମାନ ଆଲୋଚନା କରନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ବ୍ରୁଟସ ସିଜରଙ୍କୁ ହତ୍ୟା କଲେ କାହିଁକି ?

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୨.୫ ସାରାଂଶ

ଖ୍ରୀ.ପୂ.୬୦ରେ ସିଜର, କ୍ରାସ୍‌ସସ ଓ ପମ୍ପି ପ୍ରଥମ ତ୍ରିମୂର୍ତ୍ତି ରାଜତ୍ୱ ଗଠନ କଲେ । ଏ ରାଜନୀତିକ ମେଣ୍ଟ ବହୁ ବର୍ଷ ଧରି ରୋମର ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ଜନବାଦୀ*(Populare)* ସଦସ୍ୟ ଭାବେ ସେମାନଙ୍କ କ୍ଷମତା ଠୁଳ ପ୍ରୟାସକୁ ସିନେଟ ଭିତରେ ଅଭିଜାତ ସଦସ୍ୟମାନେ *(Optimates)* ବିରୋଧ କଲେ । ଏମାନଙ୍କ ମଧ୍ୟରେ ସିସେରୋଙ୍କ ଅକୁଣ୍ଠ ସମର୍ଥନ ପ୍ରାପ୍ତ କାଟୋ କନିଷ୍ଠ ଥିଲେ ପ୍ରମୁଖ । ଅନେକ ସଫଳ କାର୍ଯ୍ୟ ନିଷ୍ପାଦନ ବିଶେଷତଃ ଖ୍ରୀ.ପୂ.୫୧ ସୁଦ୍ଧା ସମାପ୍ତ ହୋଇଥିବା ଗଲ ଯୁଦ୍ଧମାନଙ୍କରେ ବିଜୟ ହେତୁ ସିଜର ରୋମ ଗଣରାଜ୍ୟର ସର୍ବାଧିକ ଶକ୍ତିଶାଳୀ ରାଜନୀତିଜ୍ଞ ମଧ୍ୟରେ ଜଣେ ରୂପେ ଗଣ୍ୟ ହେଲେ । ଉଭୟ ଇଂଲିଶ ପ୍ରଣାଳୀ ଓ ରାଇନ ନଦୀ ଅତିକ୍ରମ କରିବାରେ ସେ ଥିଲେ ପ୍ରଥମ ରୋମୀୟ ସେନାନାୟକ । ଏତିକିବେଳେ ସେ ରାଇନ ଉପରେ ସେତୁ ନିର୍ମାଣ କରାଇଥିଲେ ଏବଂ ଇଂଲିଶ ପ୍ରଣାଳୀ ଅତିକ୍ରମ କରି ବ୍ରିଟେନ ଉପରେ ଆକ୍ରମଣ କରିଥିଲେ । ସିଜରଙ୍କ ଯୁଦ୍ଧ ଫଳରେ ରୋମ ବ୍ରିଟେନ ଏବଂ ଗଲ ସେପାରି ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା । ଏ ସଫଳତା ଯୋଗୁଁ ସେ ଅପ୍ରତିମ ସାମରିକ ସାମର୍ଥ୍ୟର ଅଧିକାରୀ ହୋଇପାରି ଥିଲେ । ପରିଣାମତଃ ପମ୍ପି ତାଙ୍କ ପ୍ରତିଷ୍ଠା ଅସ୍ତମିତ ହୋଇଯିବା ଆଶଙ୍କାରେ ଖ୍ରୀ.ପୂ.୫୩ରେ କ୍ରାସ୍‌ସସଙ୍କ ମୃତ୍ୟୁ ପରେ ସିନେଟ ସହ ନୂତନ ସମୀକରଣ ପ୍ରତିଷ୍ଠା କଲେ । ଗଲ ଯୁଦ୍ଧ ସମାପ୍ତି ପରେ ସାମରିକ ଅଧିନାୟକତ୍ୱରୁ ଓହରିଯାଇ ରୋମ ପ୍ରତ୍ୟାବର୍ତ୍ତନ କରିବାକୁ ସିନେଟ ସିଜରଙ୍କୁ ଆଦେଶ ପ୍ରଦାନ କଲା । ଗଲରେ ଅଧିନାୟକତ୍ୱ ତ୍ୟାଗର ଅର୍ଥ ଥିଲା ଅଣଅନୁମୋଦିତ ଯୁଦ୍ଧ ଲଢ଼ିଥିବା ଅପରାଧରେ ଅଭିଯୁକ୍ତ ହେବାରୁ ଉନ୍ମୁକ୍ତି ହରାଇବା । ଅନନ୍ୟୋପାୟ ସିଜର ତାଙ୍କ ପ୍ରଦେଶ ଛାଡ଼ି ଖ୍ରୀ.ପୂ.୪୯ରେ ରୁବିକନ ପାର ହେଲେ ଏବଂ ୧୩ଶ ଫୌଜ ସହ ରୋମୀୟ ଇଟାଲୀରେ ଅବୈଧ ଭାବେ ସଶସ୍ତ୍ର ପ୍ରବେଶ କଲେ । ସିଜରଙ୍କ ଗୃହଯୁଦ୍ଧ ଆରବ୍ଧ ହେଲା ଏବଂ ଏଥିରେ ବିଜୟ ଖ୍ରୀ.ପୂ.୪୫ ସୁଦ୍ଧା ତାଙ୍କ କ୍ଷମତା ଓ ପ୍ରଭାବକୁ ଅପ୍ରତିଦ୍ୱନ୍ଦ୍ୱୀ କରି ତୋଳିଲା । ଖ୍ରୀ.ପୂ.୪୪ରେ ଗୈୟସ କସ୍‌ସିୟସ ଲଞ୍ଜିନସ, ମାର୍କସ ଜୁନିୟସ ବ୍ରୁଟସ ଓ ଡେସିମସ ଜୁନିୟସ ବ୍ରୁଟସଙ୍କ ନେତୃତ୍ୱରେ ସିନେଟ ସଦସ୍ୟଙ୍କ ଏକ ଗୋଷ୍ଠୀ ଛୁରୀ ଭୁସି ତାଙ୍କୁ ହତ୍ୟା କଲେ । ଗୃହଯୁଦ୍ଧର ନୂତନ ଶୃଙ୍ଖଳା ଆରମ୍ଭ ହେଲା ଏବଂ ଗଣରାଜ୍ୟର ସାମ୍ବିଧାନିକ ସରକାର ଆଉ କେବେ ପୂର୍ଣ୍ଣତଃ ଫେରିଲା ନାହିଁ । ପରେ ଅଗଷ୍ଟସ ନାମରେ ବିଦିତ ସିଜରଙ୍କ ଦତ୍ତକ

ଉତ୍ତରାଧିକାରୀ ଅକ୍ଟାଭିୟନ ଗୃହଯୁଦ୍ଧରେ ପ୍ରତିପକ୍ଷଙ୍କୁ ପରାସ୍ତ କରି ଏକାଙ୍ଗ କ୍ଷମତାଧର ରୂପେ ଉଭା ହେଲେ । ଅକ୍ଟାଭିୟନ ତାଙ୍କ କ୍ଷମତା ସୁଦୃଢ କରିବା ଆରମ୍ଭ କଲେ ଏବଂ ରୋମ ସାମ୍ରାଜ୍ୟର ଯୁଗ ଆରବ୍ଧ ହେଲା ।

## ୨.୬ ସୂଚକ ଶବ୍ଦାବଳୀ

**ଅଗଷ୍ଟସ ଇତିହାସ:** ଖ୍ରୀ.୧୧୭ରୁ ଖ୍ରୀ.୨୮୪ ମଧ୍ୟରେ ରୋମରେ ରାଜତ୍ୱ କରିଥିବା ସମ୍ରାଟ, ସେମାନଙ୍କ କନିଷ୍ଠ ସହକର୍ମୀ, ପ୍ରାଧିକୃତ ଉତ୍ତରାଧିକାରୀ ଏବଂ କ୍ଷମତା ହଡ଼ପକାରୀଙ୍କ ସମ୍ବନ୍ଧରେ ଲାଟିନ ଭାଷାରେ ଲିଖିତ ପରବର୍ତ୍ତୀ ରୋମୀୟ ଜୀବନୀ ସଙ୍କଳନ ।

**ପ୍ରାନ୍ତପତି/ପ୍ରାଏଟର:** ପ୍ରାଚୀନ ରୋମ ଗଣରାଜ୍ୟର ବାର୍ଷିକ ନିର୍ବାଚିତ ଦଣ୍ଡଧର; ଅନୁକ୍ରମରେ କନସଲଙ୍କ ଠାରୁ କମ୍; କିନ୍ତୁ କାର୍ଯ୍ୟ ପ୍ରାୟତଃ କନସଲଙ୍କ ସହ ସମାନ ।

**ସମକନସଲ:** ପ୍ରାଚୀନ ରୋମୀୟ ପ୍ରଦେଶର ଶାସକ ଅଥବା ସେନା ନାୟକ ।

**ସମପ୍ରାନ୍ତପତି/ପ୍ରୋପ୍ରାଏଟର:** ପ୍ରଦେଶ ଶାସନ ପାଇଁ ପ୍ରେରିତ ପ୍ରାଚୀନ ରୋମର ଜଣେ ପ୍ରାଏଟର ।

**କୋଷାଧକ୍ଷ** *(Quaestor)*: ସାର୍ବଜନୀନ ରାଜସ୍ୱ ଓ ବ୍ୟୟ ଦାୟିତ୍ୱରେ ଥିବା ପ୍ରାଚୀନ ରୋମର ଅଧିକାରୀ ।

## ୨.୭ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୨.୨ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୨.୩ ଦେଖନ୍ତୁ ।

**ପ୍ରଗତି ପରୀକ୍ଷଣ-୨**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୨.୪.୧.୧ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୨.୪.୨ ଦେଖନ୍ତୁ ।

## ୨.୮ ପରବର୍ତ୍ତୀ ପଠନ

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

# ତୃତୀୟ ଏକକ: କୃଷି ଅର୍ଥବ୍ୟବସ୍ଥା

## ବିଷୟ ଗଠନ:


୩.୦ ପଠନର ଉଦ୍ଦେଶ୍ୟ

୩.୧ ଉପକ୍ରମ

୩.୨ କୃଷି ଚଳଣି

୩.୩ ଫସଲ

୩.୩.୧ ଶସ୍ୟ

୩.୩.୨ ଅଲିଭ

୩.୩.୩ ଅଙ୍ଗୁର

୩.୩.୪ ଅପର ଫସଲ

୩.୪. ଖେତ ଅଧିଗ୍ରହଣ

୩.୫ ଅଭିଜାତ ବର୍ଗ ଓ ଭୂମି

୩.୬ ରୋମରେ ଖେତ ପରିଚାଳନା

୩.୭ କୃଷକଙ୍କ ସମସ୍ୟା

୩.୮ ସାରାଂଶ

୩.୯ ସୂଚକ ଶବ୍ଦାବଳୀ

୩.୧୦ ପ୍ରଗତି ପରିମାପକ ଉତ୍ତର

୩.୧୧ ପରବର୍ତ୍ତୀ ପଠନ


## ୩.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ❖ ପ୍ରାଚୀନ ରୋମର କୃଷି ଚଳଣି ଓ ବିଭିନ୍ନ ଫସଲ

- ❖ ପ୍ରାଚୀନ ରୋମର ଜମି ମାଲିକାନା
- ❖ କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟା

## ୩.୧ ଉପକ୍ରମ

ପ୍ରାଚୀନ ରୋମରେ କୃଷି କେବଳ ଏକ ପ୍ରୟୋଜନ ନ ଥିଲା; ବରଂ ସାମାଜିକ ଶିଷ୍ଟଙ୍କ ମଧ୍ୟରେ ଜୀବନଯାପନର ଆଦର୍ଶ ମାର୍ଗ ରୂପେ ଆଦୃତ ହେଉଥିଲା । ସିସେରୋ ରୋମୀୟମାନଙ୍କ ସମସ୍ତ ପେସା ମଧ୍ୟରେ କୃଷିକୁ ସର୍ବୋତ୍ତମ ବିବେଚନା କରିଛନ୍ତି । ତାଙ୍କ ଗ୍ରନ୍ଥ *On Duties*ରେ ସେ ଘୋଷଣା କରିଛନ୍ତି, 'ଲାଭ ସୁନିଶ୍ଚିତ ଥିବା ସମସ୍ତ ପେସା ମଧ୍ୟରେ କୃଷି ସର୍ବୋତ୍ତମ, ସର୍ବାଧିକ ଲାଭପ୍ରଦାୟକ, ସର୍ବୋତ୍କୃଷ୍ଟ ଆନନ୍ଦପ୍ରଦ ଏବଂ ମୁକ୍ତ ମାନବ ପାଇଁ ସବୁଠାରୁ ଶୋଭାଜନକ ।' ଗ୍ରାମ୍ୟ ଜୀବନଶୈଳୀ ପ୍ରତି ଅଙ୍ଗୀକାର ଯୋଗୁଁ ତାଙ୍କର ଜଣେ ମହକିଲ ଯେତେବେଳେ ଅଦାଲତରେ ପରିହାସର ପାତ୍ର ହେଲେ ସେତେବେଳେ ସିସେରୋ ପ୍ରତ୍ୟୁତ୍ତରରେ 'ଅର୍ଥବ୍ୟବସ୍ଥା, ଶିଳ୍ପ ଓ ନ୍ୟାୟର ଗୁରୁ' (*parsimonia, diligentia, iustitia*) କହି ଗ୍ରାମ୍ୟଜୀବନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ । କାଟୋ, କଲୁମେଲ୍ଲା, ବର୍ରୋ ଓ ପଲ୍ଲାଡିୟସ କୃଷି ଚଳଣି ଉପରେ ହସ୍ତପୁସ୍ତିକାମାନ ରଚନା କରିଥିଲେ ।

ଖ୍ରୀ.ପୂ. ୨ୟ ଶତାବ୍ଦୀରେ ରଚିତ ତାଙ୍କ ଗ୍ରନ୍ଥ *De agricultura*(କୃଷି ସମ୍ବନ୍ଧରେ)ରେ କାଟୋ ଆଦର୍ଶ ଖେତରେ ଅଙ୍ଗୁର ବଗିଚା, ଜଳସେଚିତ ଉଦ୍ୟାନ, ୱିଲୋ-ବେତ୍ର ତୁଲ୍ୟ ଏକ ଉଦ୍ଭିଦ-ବାଟିକା, ଜଳପାଇ ବା ଅଲିଭ ଉପବନ, ତୃଣଭୂମି, ଜଙ୍ଗଲୀ ବୃକ୍ଷ ଓ ପରିଶେଷରେ ବଞ୍ଜୁ ବା ଓକ୍ ଜଙ୍ଗଲ ରହିଥିବା ଉଲ୍ଲେଖ କରିଛନ୍ତି । ଯୁଦ୍ଧ ଓ ବିଜୟ ବଳରେ ଅଧିଗୃହୀତ ପ୍ରଦେଶମାନଙ୍କ ସଂସାଧନ ଉପରେ ରୋମ ନିର୍ଭରଶୀଳ ଥିଲେ ସୁଦ୍ଧା ବିତ୍ତଶାଳୀ ରୋମୀୟମାନେ ଇଟାଲୀର ଭୂମିକୁ ବହୁବିଧ ଫସଲ ଉତ୍ପାଦନ ପାଇଁ ଯୋଗ୍ୟ କରାଇଥିଲେ । 'ଇଟାଲୀର କୃଷିକ୍ଷେତ୍ରରୁ ଉତ୍ପନ୍ନ ଖାଦ୍ୟ କ୍ରୟ ପାଇଁ ରୋମ ନଗରୀର ବାସିନ୍ଦା ଥିଲେ ଏକ ବିଶାଳ ବଜାର ।'

ସାଧାରଣ ଜନତାଙ୍କ ଠାରୁ ଅଭିଜାତମାନଙ୍କୁ ପୃଥକ୍ ରୂପେ ଚିହ୍ନିତ କରିବା ପାଇଁ ଭୂମି ମାଲିକାନା ଥିଲା ଏକ ପ୍ରଭାବଶାଳୀ କାରକ । ଅଧିକ ଜମିର ମାଲିକାନା ନଗର ଜୀବନରେ ଅଧିକ ପ୍ରାଧାନ୍ୟ ପ୍ରଦାନ କରୁଥିଲା । ସେନାନାୟକମାନେ ବହୁ ସମୟରେ ତାଙ୍କ ସୈନିକମାନଙ୍କୁ ଭୂମି ଦେଇ ପୁରସ୍କୃତ କରୁଥିଲେ । କୃଷିକ୍ଷେତ୍ର ଦାସମାନଙ୍କ ଶ୍ରମ ଉପରେ ନିର୍ଭରଶୀଳ ଥିଲେ ମଧ୍ୟ ସେମାନଙ୍କ ତତ୍ତ୍ୱାବଧାନ ଏବଂ କୃଷିକ୍ଷେତ୍ରର ସୁନିଶ୍ଚିତ ସୁପରିଚାଳନା ପାଇଁ ମୁକ୍ତ ମାନବ ଓ ନାଗରିକଙ୍କୁ ମଜୁରୀ ଦେଇ ନିଯୁକ୍ତ କରାଯାଉ ଥିଲା ।

## ୩.୨ କୃଷି ଚଳଣି

ଖ୍ରୀ.ପୂ. ୫ମ ଶତାବ୍ଦୀରେ ରୋମର ଖେତ ଥିଲା କ୍ଷୁଦ୍ର ଏବଂ ମାଲିକାନା ପାରିବାରିକ । ତେବେ ଏ ସମୟରେ ଗ୍ରୀକମାନେ ଫସଲ ଆବର୍ତ୍ତନ ଏବଂ ବୃହତ୍ କ୍ଷେତ୍ରରେ କୃଷି କରିବା ଚଳଣି ଆରମ୍ଭ କରିଥିଲେ । ଖ୍ରୀ.ପୂ. ତୃତୀୟ ଓ ଦ୍ୱିତୀୟ ଶତାବ୍ଦୀରେ କାର୍ଥେଜ, ଗ୍ରୀସ ଓ ଗ୍ରୀକ ପ୍ରାଚ୍ୟ ସହ ଯୋଗାଯୋଗ ଫଳରେ ରୋମର କୃଷି ପଦ୍ଧତି ଉନ୍ନତ ହେଲା । ପରବର୍ତ୍ତୀ ଗଣରାଜ୍ୟ ଏବଂ ଆଦି ସାମ୍ରାଜ୍ୟ କାଳରେ ଉତ୍ପାଦକତା ଓ କୁଶଳତା ଦୃଷ୍ଟିରୁ ରୋମର କୃଷି ଚୂଡ଼ା ସ୍ପର୍ଶ କଲା । ଆକାର ଦୃଷ୍ଟିରୁ ରୋମର କୃଷିକ୍ଷେତ୍ର ଥିଲା ତିନୋଟି ବର୍ଗର । କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଖେତର ଆକାର ଯଥାକ୍ରମେ ୧୮ରୁ ୧୦୮, ୮୦ରୁ ୫୦୦ ଓ ୫୦୦ରୁ ଊର୍ଦ୍ଧ୍ୱ *ଇଉଗେରା* ଥିଲା । ଗୋଟିଏ ଇଉଗେରମ ଥିଲା ହେକ୍ଟରର ଏକ ଚତୁର୍ଥାଂଶ ଅଥବା ପ୍ରାୟ ୦.୬୫ ଏକର ସହ ସମାନ ।

ବୃହତ୍ କୃଷିକ୍ଷେତ୍ରଗୁଡ଼ିକୁ *ଲାଟିଫଣ୍ଡିଆ* କୁହାଯାଉ ଥିବା ପୂର୍ବେ ଉଲ୍ଲିଖିତ ହୋଇଛି । ପରବର୍ତ୍ତୀ ଗଣରାଜ୍ୟ କାଳରେ ଲାଟିଫଣ୍ଡିଆଗୁଡ଼ିକର ସଂଖ୍ୟାରେ ଅଭିବୃଦ୍ଧି ଘଟିଲା । ଖେତରୁ ଜୀବନ ନିର୍ବାହ ସମ୍ଭବପର ନ ଥିବା କ୍ଷୁଦ୍ର କୃଷକଙ୍କ ଠାରୁ ବିତ୍ତଶାଳୀ ରୋମୀୟମାନେ ଭୂମି କ୍ରୟ କଲେ । ଖ୍ରୀ.ପୂ. ୨୦୦ରୁ ପ୍ୟୁନିକ ଯୁଦ୍ଧରେ ଲଢ଼ିବା ପାଇଁ କୃଷକମାନେ ଦୀର୍ଘ କାଳ ବାହାରେ ରହିଲେ । ଗାଈ କ୍ଷୀର ଦେଉଥିବା ବେଳେ ବଳଦ ଓ ଖଚର ଖେତରେ କଠିନ କାର୍ଯ୍ୟ କରୁଥିଲେ ।  ମେଣ୍ଢା ଓ ଛେଳି ଠାରୁ ଛେନା ଏବଂ ଚମଡ଼ା ଉତ୍ପାଦନ ଲାଭଜନକ ହେଉଥିଲା । କୃଷିରେ ଅଶ୍ୱମାନଙ୍କ ନିୟୋଜନ ବିଶେଷ

ନ ଥିଲା । କିନ୍ତୁ ଦୌଡ଼ ଓ ଯୁଦ୍ଧ ପାଇଁ ଧନିକମାନେ ଅଶ୍ୱ ପାଳନ କରୁଥିଲେ । ଶର୍କରା ଉତ୍ପାଦନ ପାଇଁ ମହୁମାଛି ପାଳନ କରାଯାଉ ଥିଲା । ବିଳାସମୟ ଖାଦ୍ୟ ପାଇଁ କିଛି ରୋମୀୟ ଗେଣ୍ଡାଚାଷ କରୁଥିଲେ ।

ରୋମରେ କୃଷି ପରିଚାଳନାର ଚାରି ପ୍ରକାର ବ୍ୟବସ୍ଥା ରହିଥିଲା: ୧.ମାଲିକ ଓ ତାଙ୍କ ପରିବାର ଦ୍ୱାରା ପ୍ରତ୍ୟକ୍ଷ କୃଷିକର୍ମ; ୨. ମାଲିକ ଓ କୃଷକ ଖେତର ଉତ୍ପାଦନକୁ ବାଣ୍ଟି ନେଉଥିବା ଭାଗଚାଷ; ୩. ଅଭିଜାତଙ୍କ ମାଲିକାନା ଓ ପରିଚାଳକଙ୍କ ତତ୍ତ୍ୱାବଧାନରେ ରହିଥିବା ଦାସମାନଙ୍କ ଦ୍ୱାରା ବଳପୂର୍ବକ ବେଠି; ୪. ଇଜାରା ବା ଭଡ଼ାରେ କୃଷକଙ୍କୁ ଦିଆଯାଉ ଥିବା ଖେତ । ମଧ୍ୟ ଓ ପରବର୍ତ୍ତୀ ଗଣରାଜ୍ୟର ଜଣେ ରାଜନୀତିଜ୍ଞ ଓ ରାଷ୍ଟ୍ରନୀତିବିଦ୍ 'ନିୟନ୍ତ୍ରକ କାଟୋ' ରୂପେ ସୁବିଦିତ କାଟୋ ବରିଷ୍ଠ ତାଙ୍କ ଗ୍ରନ୍ଥରେ ୧୦୦ ଇଉଗେରାର ଏକ ଖେତ ସମ୍ବନ୍ଧରେ ସ୍ୱୀୟ ଦୃଷ୍ଟିଭଙ୍ଗୀ ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ ଏ ଧରଣର ଏକ ଖେତରେ 'ଜଣେ ସର୍ଦ୍ଦାର, ସର୍ଦ୍ଦାର ପତ୍ନୀ, ଦଶ ଜଣ ଶ୍ରମିକ, ଜଣେ ବଳଦ ମାହାର, ଜଣେ ଗଧ ମାହାର, ଜଣେ ୱିଲୋବାଟିକା ତତ୍ତ୍ୱାବଧାରକ, ଜଣେ ଘୁଷୁରୀ ପାଳକ ଏଭଳି ମୋଟ ଷୋହଳ ଜଣ; ଭାରବହନ ପାଇଁ ଦୁଇଟି ବଳଦ, ଦୁଇଟି ଗଧ; ଘଣା କାମ ପାଇଁ ଗୋଟିଏ ଗଧ' ରହିବା ଆବଶ୍ୟକ । ଏ କ୍ଷେତରେ 'ତିନୋଟି ପୂର୍ଣ୍ଣ ସଜ୍ଜିତ ଘଣା, ପାଞ୍ଚଟି ରତ୍ତୁର ଆଠ ଶହ କ୍ୟୁଲି ଦ୍ରାକ୍ଷିରା ସଞ୍ଚିତ ହେବା ଭଳି ଘଡ଼ା, ମଦଘଣାର ଆବର୍ଜନା ପାଇଁ କୋଡ଼ିଏଟି ଏବଂ ଶସ୍ୟ ସଞ୍ଚୟ ପାଇଁ ଆଉ କୋଡ଼ିଏଟି ଘଡ଼ା, ଘଡ଼ାଗୁଡ଼ିକ ପାଇଁ ଭିନ୍ନ ଭିନ୍ନ ଘୋଡ଼ଣି, କନା ଘୋଡ଼ଣି ଥିବା ଛଅଟି ଅର୍ଦ୍ଧକୋତ(*half amphora*) ଓ ଚାରିଟି କୋତ(*amphora*) , ଦୁଇଟି କାହାଳୀ, ତିନୋଟି ବାଉଁଶ ଚାଲୁଣି, ତିନୋଟି ଫୁଲବୁଡ଼ା ଚାଲୁଣି, ଆସବ ପାଇଁ ଦଶଟି ତସଲା' ରହିବା ଆବଶ୍ୟକ ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି ।

## ୩.୩ ଫସଲ

ସାଦାସିଧା ଆରମ୍ଭରୁ ରୋମ ଗଣରାଜ୍ୟ ଓ ସାମ୍ରାଜ୍ୟର ଶାସନ ଇଉରୋପ, ଉତ୍ତର ଆଫ୍ରିକା ଓ ମଧ୍ୟ ପ୍ରାଚ୍ୟର ଅଧିକାଂଶ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଥିଲା । ଏହାର କୃଷି ପରିବେଶ ତେଣୁ ଥିଲା ଭିନ୍ନ ଭିନ୍ନ । ତେବେ ଶୁଷ୍କୋଷ୍ଣ ଗ୍ରୀଷ୍ମ ଏବଂ ଶୀତଳ, ବର୍ଷିଷ୍ଣୁ ଶୀତ ଯୁକ୍ତ ଭୂମଧ୍ୟସାଗରୀୟ ଜଳବାୟୁ ଥିଲା

ସର୍ବାଧିକ ସାଧାରଣ । ଭୂମଧ୍ୟସାଗରୀୟ ଅଞ୍ଚଳ ମଧ୍ୟରେ ଶସ୍ୟ, ଅଲିଭ ଓ ଅଙ୍ଗୁରର ଫସଲ ତ୍ରିକ ଥିଲା ସର୍ବାଧିକ ମହତ୍ୱପୂର୍ଣ୍ଣ ।

### ୩.୩.୧ ଶସ୍ୟ

ପ୍ରାଚୀନ ରୋମର ପ୍ରଧାନ ଫସଲ ଥିଲା ବାଜରା ଏବଂ ଦୁଇ ପ୍ରଜାତିର ଗହମ- ଏମ୍ମର(*emmer*) ଓ ସ୍ପେଲଟ(*spelt*) । ରୋମୀୟ ବିଦ୍ୱାନ ବର୍ରୋଙ୍କ ମତରେ ପ୍ରାୟ ଖ୍ରୀ.ପୂ.୪୫୦ ବେଳକୁ ଇଟାଲୀରେ ଫସଲ ରୂପେ ନରମ ବା ସାଧାରଣ ଗହମ ଏବଂ ଦରମ(*Durum*) ବା ଟାଣ ଗହମ ପ୍ରବର୍ତ୍ତିତ ହେଲା । ସହରୀ ରୋମୀୟମାନଙ୍କର ପସନ୍ଦର ଶସ୍ୟ ଥିଲା ଟାଣ ଗହମ । କାରଣ ଏଥିରୁ କିଣ୍ୱୀକୃତ ରୁଟି ସେକାଯାଇ ପାରୁଥିଲା ଏବଂ ସାଧାରଣ ଗହମ ଅପେକ୍ଷା ଭୂମଧ୍ୟସାଗରୀୟ ଅଞ୍ଚଳରେ ଏହାର ଚାଷ ଥିଲା ସହଜତର । ଶସ୍ୟରୁ ପ୍ରସ୍ତୁତ ସେକା ରୁଟି ଥିଲା ରୋମୀୟମାନଙ୍କର ପ୍ରଧାନ ଖାଦ୍ୟ । ସାଧାରଣ ଭୋଜନର ୭୦ରୁ ୮୦ ପ୍ରତିଶତ କ୍ୟାଲୋରୀ ଏଥିରୁ ଉପଲବ୍ଧ ହେଉଥିଲା । ଯବ ମଧ୍ୟ ବିସ୍ତୃତ ରୂପେ ଚାଷ କରାଯାଉ ଥିଲା । ଗ୍ରୀସରେ ଏହା ଥିଲା ପ୍ରଧାନ ଉତ୍ପନ୍ନ ଶସ୍ୟ । ଅନୁର୍ବର ମୃତ୍ତିକାରେ ମଧ୍ୟ ଗହମ ଅପେକ୍ଷା ଏହା ଅଧିକ ଉତ୍ପାଦିତ ହେଉଥିଲା । ଗହମ ଥିଲା ପସନ୍ଦର ଶସ୍ୟ; କିନ୍ତୁ ଖାଦ୍ୟ ରୂପେ ଯବର ପ୍ରଚଳନ ଥିଲା ବିସ୍ତୃତ । ପଶୁ ଖାଦ୍ୟ ରୂପେ ମଧ୍ୟ ଏହା ଥିଲା ମହତ୍ୱପୂର୍ଣ୍ଣ ।

### ୩.୩.୨ ଅଲିଭ

ଅନୁର୍ବର, ପଥୁରିଆ ମୃତ୍ତିକା ଏବଂ ଅନେକ ସମୟରେ କମ୍ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ ରୋମୀୟମାନେ ଅଲିଭ ଚାଷ କରୁଥିଲେ । ଏ ବୃକ୍ଷ ହିମ ତାପମାତ୍ରା ପ୍ରତି ସମ୍ବେଦନଶୀଳ ଏବଂ ଉତ୍ତର ଇଉରୋପର ଶୀତଳତର ପାଗ ଓ ଉଚ୍ଚ, ଥଣ୍ଡାଳିଆ ଭୂମି ପ୍ରତି ଅସହିଷ୍ଣୁ । ପ୍ରାୟତଃ ଭୂମଧ୍ୟସାଗର ସମୀପବର୍ତ୍ତୀ ଅଞ୍ଚଳରେ ଅଲିଭ ଚାଷ କରାଯାଉ ଥିଲା । ସାଧାରଣ ରୋମୀୟଙ୍କ ଭୋଜନର ୧୨ ପ୍ରତିଶତ କ୍ୟାଲୋରୀ ଏବଂ ସ୍ନେହସାର ଆବଶ୍ୟକତାର ପ୍ରାୟ ୮୦ ପ୍ରତିଶତ ଅଲିଭ ତେଲ ଭକ୍ଷଣରୁ ପ୍ରାପ୍ତ ହେଉଥିଲା ।

### ୩.୩.୩ ଅଙ୍ଗୁର

ଗ୍ରୀକ ଔପନିବେଶିକମାନେ ସମ୍ଭବତଃ ଦକ୍ଷିଣ ଇଟାଲୀ ଓ ସିସିଲିରେ ଅଙ୍ଗୁର ଚାଷ ଆରମ୍ଭ କରିଥିଲେ । କିନ୍ତୁ ଅଙ୍ଗୁର ଚାଷ ଓ ମଦ୍ୟ ପ୍ରସ୍ତୁତି ସଂକ୍ରାନ୍ତ ଇଟାଲୀୟଙ୍କ ଅଧିକାଂଶ ଜ୍ଞାନ ଉତ୍ତର ଆଫ୍ରିକାର କାର୍ଥେଜ ନିବାସୀ ଫୋନିସୀୟମାନଙ୍କ ଅବଦାନ । ଖ୍ରୀ.ପୂ.୧୬୦ ସୁଦ୍ଧା ଦାସମାନଙ୍କ ଶ୍ରମ ନିୟୋଜନ ଦ୍ୱାରା ବିଶାଳ କୃଷିକ୍ଷେତ୍ରରେ ଅଙ୍ଗୁର ଚାଷ କରିବା ଇଟାଲୀରେ ଥିଲା ଏକ ସାଧାରଣ କଥା । ମଦ୍ୟ ମଧ ରୋମ ସାମ୍ରାଜ୍ୟରେ ସାର୍ବଜନୀନ ପାନୀୟ ହୋଇ ଆସୁଥିଲା । ସେମାନଙ୍କ ମଦ୍ୟ ଶିଳ୍ପର ସୁରକ୍ଷା ପାଇଁ ରୋମୀୟମାନେ ଇଟାଲୀ ବାହାରେ ଅଙ୍ଗୁର ଚାଷକୁ ନିଷିଦ୍ଧ କରିବାକୁ ପ୍ରୟାସ କରୁଥିଲେ । କିନ୍ତୁ ଖ୍ରୀ. ୧ମ ଶତାବ୍ଦୀ ସୁଦ୍ଧା ସ୍ପେନ ଓ ଗଲ-ଆଧୁନିକ କାଳର ଫ୍ରାନସ- ଭଳି ପ୍ରଦେଶମାନଙ୍କରୁ ଇଟାଲୀକୁ ମଦ୍ୟ ଆମଦାନୀ ହେଉଥିବା ଜଣାଯାଏ ।

### ୩.୩.୪ ଅପର ଫସଲ

ରୋମୀୟମାନେ ବଜ୍ରାଙ୍ଗୀ, ସୋରିଷ, ଧନିଆ, ଅଣସୋରିଷ, ସଣ୍ଢାପିଆଜ, ଗନ୍ଧନା, ଅଜମୋଦା, ତୁଳସୀ, ଗର୍ଜରିକା, ପୁଦିନା, ବ୍ରାହ୍ମୀ, ଦରିଆପାରି ଜୁଆଣି, ବିଟ, ପୋସ୍ତକ, ମଧୁରିକା, ଶତାବରୀ, ମୂଳା, କାକୁଡ଼ି, ଲାଉ, ସୌପ, କାପଡ଼, ପିଆଜ, କେଶର, ଖୁରାସାନୀ, ମରୁଆ, ବନ୍ଧାକୋବି, କାହ୍ନୁ, ଜୀରା, ରସୁଣ, ଡିମିରି, ଆର୍ମେନୀୟ ଖୁବାନି, ବରକୋଳି, ତୁତିଆ ଓ ଆଲୁ ଚାଷ ମଧ କରୁଥିଲେ ।

## ୩.୪ ଖେତ ଅଧିଗ୍ରହଣ

ଅଭିଜାତ ଓ ସାଧାରଣ ଜନତା ଖେତ ପାଇଁ ତିନୋଟି ମାର୍ଗରେ ଭୂମି ଅଧିଗ୍ରହଣ କରିପାରୁ ଥିଲେ । ଭୂମି ଲାଭର ସର୍ବାଧିକ ସାଧାରଣ ଉପାୟ ଥିଲା ଜମି କିଣିବା । ନିମ୍ନ ବର୍ଗର କିଛି ନାଗରିକ ଛୋଟ ଛୋଟ ଜମିର ମାଲିକ ହୋଇଥିଲେ ମଧ ବହୁ ସମୟରେ ଏହାର ପରିଚାଳନା ଥିଲା ବ୍ୟୟବହୁଳ ଓ ପ୍ରବଳ ଆୟାସସାଧ । ଭୂମି ମାଲିକାନା ବଜାୟ ରଖିବାର ବହୁବିଧ ସମସ୍ୟା ଯୋଗୁଁ ଖେତ ଚଳାଇବା

ଭଳି ଆର୍ଥିକ ସମ୍ବଳ ଥିବା କୌଣସି ଅଭିଜାତଙ୍କୁ ସେମାନେ ଜମି ବିକ୍ରି କରି ଦେଉଥିଲେ । ସାଧାରଣ ବ୍ୟକ୍ତିଙ୍କ ଉପଯୋଗ ପାଇଁ କିଛି ସାର୍ବଜନୀନ ଜମି ଉପଲବ୍ଧ ଥିଲେ ସୁଦ୍ଧା ଅଭିଜାତମାନେ ସେସବୁ ଜମି କିଣି ନେବାକୁ ଅଭିଳାଷ ପୋଷଣ କରୁଥିଲେ । ଏହା ଦୁଇ ବର୍ଗଙ୍କ ମଧ୍ୟରେ ଯଥେଷ୍ଟ ଉତ୍ତେଜନା ସୃଷ୍ଟି କରୁଥିଲା । 'ଧନିକମାନଙ୍କ ଦ୍ୱାରା ଗରିବଙ୍କ ସମୂହ ଉଚ୍ଛେଦ ଥିଲା ରୋମ ଗଣରାଜ୍ୟର ଶେଷ ଶତାବ୍ଦୀର ରାଜନୀତିକ ଟଣାଓଟରା ଓ ଗୃହଯୁଦ୍ଧର ପ୍ରଧାନ ଆଧାର ।' ଭୂ ଅର୍ଜନର ଅନ୍ୟ ଏକ ମାଧ୍ୟମ ଥିଲା ଯୁଦ୍ଧରେ ଯୋଗଦାନର ପୁରସ୍କାର । ଉକ୍ତ ଅନୁକ୍ରମର ସୈନିକମାନେ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ପରେ ସେମାନଙ୍କ ସେବାର ପ୍ରାପ୍ୟ ସ୍ୱରୂପ ବହୁ ସମୟରେ କ୍ଷୁଦ୍ର ସାର୍ବଜନିକ ଜମି ଅଥବା ପ୍ରଦେଶମାନଙ୍କରେ ଭୂମି ପ୍ରାପ୍ତ ହେଉଥିଲେ । ଭୂମି ପ୍ରାପ୍ତିର ଅନ୍ତିମ ପନ୍ଥାଟି ଥିଲା ଉତ୍ତରାଧିକାର । ମୃତ୍ୟୁ ପରେ ପିତା ପରିବାର ବିଶେଷତଃ ପୁତ୍ର ପାଇଁ ଭୂମି ଛାଡ଼ି ଯାଉଥିଲେ । ମୃତକଙ୍କ ପରିବାର ଠାରୁ ଅପର ନାଗରିକ ଜମି ନେବାକୁ ପ୍ରୟାସୀ ନ ହେବା ସୁନିଶ୍ଚିତ କରିବାକୁ କିଏ ଜମି ଗ୍ରହଣ କରିବେ ଦର୍ଶାଇ ଇଚ୍ଛାପତ୍ର ସମ୍ପାଦନ କରାଯାଉ ଥିଲା ।

## ୩.୫ ଅଭିଜାତବର୍ଗ ଓ ଭୂମି

ନିମ୍ନ ବର୍ଗର ନାଗରିକ ଓ ସୈନିକଙ୍କ ମାଲିକାନାରେ କିଛି କ୍ଷୁଦ୍ର ଖେତ ଥିଲେ ସୁଦ୍ଧା ରୋମର ଅଭିଜାତ ଶ୍ରେଣୀଙ୍କ ନିୟନ୍ତ୍ରଣରେ ସର୍ବାଧିକ ଜମି ରହିଥିଲା । ନିମ୍ନ ବର୍ଗ ଠାରୁ ଅଭିଜାତଙ୍କୁ ପୃଥକ୍ କରୁଥିବାର ଅନେକ ବୈଶିଷ୍ଟ୍ୟ ମଧ୍ୟରୁ ଜମି ମାଲିକାନା ଥିଲା ଗୋଟିଏ । 'ଅପର ଅଭିଜାତଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅଭିଜାତମାନେ କ୍ଷୁଦ୍ର ଧାରଣଗୁଡ଼ିକୁ ବୃହତ୍ତର ଓ ଅଧିକ ଲାଭପ୍ରଦାୟକ ଖେତ ରୂପେ ପୁନର୍ଗଠିତ କରୁଥିଲେ ।' କେବଳ ବୃହତ୍ତମ ଭୂମିଖଣ୍ଡ ନୁହେ ଉତ୍କୃଷ୍ଟ ମାନର ଉପଜ ଉତ୍ପାଦନକାରୀ ଜମିର ମାଲିକାନା ଗୌରବାବହ ବିବେଚିତ ହେଉଥିଲା । ସେଇଥି ପାଇଁ ମାର୍କସ କାଟୋ ଉଲ୍ଲେଖ କରିଛନ୍ତି: ଯୋଗ୍ୟ ପୁରୁଷର ପ୍ରଶଂସା 'ଉତ୍ତମ ସ୍ୱାମୀ ଉତ୍ତମ କୃଷକ' ରୂପ ଧାରଣ କରିବ; କୃଷକ ଶ୍ରେଣୀରେ ହିଁ ଶୂରୋତ୍ତମ ମନୁଷ୍ୟ ଓ ଦୃଢ଼ତମ ସୈନିକ ଜନ୍ମ ନିଅନ୍ତି । ଖେତରେ ଋତୁ ଅନୁସାରେ ବିବିଧ ଫସଲ ଉତ୍ପନ୍ନ ହେଉଥିଲା ଏବଂ ସର୍ବୋତ୍ତମ ସମ୍ଭବ ସ୍ଥିତି ଅନୁଯାୟୀ ସର୍ବୋତ୍ତମ ସମ୍ଭବ କୃଷି ନିମିତ୍ତ ଦୃଷ୍ଟି କେନ୍ଦ୍ରୀଭୂତ ଥିଲା । କୃଷକ ଉତ୍ତମ ଭୂମି କିଭଳି ଚିହ୍ନିବେ ଏବଂ କେଉଁ କେଉଁ ବିଷୟରେ ପ୍ରାଥମିକ

ଦୃଷ୍ଟି କେନ୍ଦ୍ରୀଭୂତ କରିବେ ସେ ସମ୍ବନ୍ଧରେ କାଟୋ ବିସ୍ତୃତ ଆଲୋଚନା କରିଛନ୍ତି । ତାଙ୍କ ମତରେ ଉତ୍ତମ କୃଷକ ଭୂମିର ପ୍ରତ୍ୟେକ ବିଷୟର ତନ୍ନ ତନ୍ନ ପରୀକ୍ଷଣ ପାଇଁ ମୂଲ୍ୟବାନ ସମୟ ନିଶ୍ଚୟ ବ୍ୟୟ କରିବେ । କ୍ରୟ ପାଇଁ କେବଳ ଜମିଟି ସୁସମ୍ପନ୍ନ ହୋଇଥିଲେ ଚଳିବ ନାହିଁ; ପଡ଼ୋଶୀମାନେ ମଧ୍ୟ ଖେତର ଉତ୍ତମ ପରିଚାଳନା କରୁଥିବା ଅନିବାର୍ଯ୍ୟ । କାରଣ 'ଇଲାକାଟି ଉତ୍ତମ ହୋଇଥିଲେ ରକ୍ଷଣାବେକ୍ଷଣ ମଧ୍ୟ ଉତ୍ତମ ହୋଇପାରିବ' । ଜମି କ୍ରୟ ପାଇଁ ଅଭିଳାଷୀ ବ୍ୟକ୍ତି ଅଞ୍ଚଳର ପାଣିପାଗ, ମୃତ୍ତିକାର ସ୍ଥିତି ଏବଂ ସହର ବା ବନ୍ଦର ଠାରୁ ଖେତର ଦୂରତା ମଧ୍ୟ ବିବେଚନାକୁ ନେବା ଆବଶ୍ୟକ । ରୋମୀୟ ସଂସ୍କୃତିରେ ଖେତର ମାଲିକାନା ଓ ପରିଚାଳନା ପାଇଁ ପ୍ରତ୍ୟେକ ବିଷୟର ଟିକିନିଖି ଯୋଜନା ସଯତ୍ନ କରାଯାଉ ଥିଲା ।

## ୩.୬ ରୋମରେ ଖେତ ପରିଚାଳନା

ରୋମରେ ସର୍ବାଧିକ ଜମିର ମାଲିକ ଅଭିଜାତ ବର୍ଗ ଥିଲେ ସୁଦ୍ଧା ସେମାନେ ଅଧିକାଂଶ ସମୟରେ ଖେତରେ ଉପସ୍ଥିତ ରହୁ ନ ଥିଲେ । ସିନେଟ ସଦସ୍ୟ, ସେନାନାୟକ ଓ ଯୁଦ୍ଧର ସୈନିକ ଦାୟିତ୍ୱ ହେତୁ ଅଧିକାଂଶ ବାସ୍ତବ ଭୂସ୍ୱାମୀ ନିଜ ଖେତ ପାଇଁ ଖୁବ୍ କମ୍ ସମୟ ଦେଇପାରୁ ଥିଲେ । ଖେତର ପରିଚାଳନା ଦାସ ଏବଂ ସେମାନଙ୍କ ତତ୍ତ୍ୱାବଧାନ କରୁଥିବା ଭଡ଼ାଟିଆ ମୁକ୍ତ ମନୁଷ୍ୟଙ୍କ ଦ୍ୱାରା କରାଯାଉ ଥିଲା । ଭୂପରିଚାଳନା ସହ ସଂପୃକ୍ତ ଅନେକ ଦାୟିତ୍ୱ ଖେତ ତତ୍ତ୍ୱାବଧାରକଙ୍କୁ ସମ୍ଭାଳିବାକୁ ପଡୁଥିଲା । ଦାସମାନଙ୍କୁ ବ୍ୟସ୍ତ ରଖିବା ଏବଂ ସେମାନଙ୍କ ମଧ୍ୟରେ ସଂଘର୍ଷର ସମାଧାନ କରିବା ଥିଲା ତାଙ୍କ ଦାୟିତ୍ୱ । ଖେତର ଉପଜ ଚୋରି କରୁ ନ ଥିବା ନେଇ ମାଲିକଙ୍କ ବିଶ୍ୱାସ ଜନ୍ମାଇବାକୁ ତତ୍ତ୍ୱାବଧାରକଙ୍କୁ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ହେବାକୁ ପଡୁଥିଲା । ତତ୍ତ୍ୱାବଧାରକ ଭୃତ୍ୟ ଓ ଦାସମାନଙ୍କ ଯଥୋଚିତ ଖାଦ୍ୟ ଓ ବାସ ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ଯଥାର୍ଥ ଓ କୁଶଳ କର୍ମରେ ନିୟୋଜନ କରିବା ପାଇଁ ମଧ୍ୟ ଦାୟୀ ରହୁଥିଲେ । ଭୂସ୍ୱାମୀଙ୍କ ପ୍ରଦତ୍ତ ଆଦେଶର କର୍ମଠ ପରିପାଳନ ଏବଂ ରୋମୀୟ ବିଶ୍ୱାସ ଅନୁସାରେ ପ୍ରଚୁର ଅମଳ ପାଇଁ ଖେତରେ ପ୍ରତ୍ୟେକେ ଦେବତାମାନଙ୍କ ପରିପୂର୍ଣ୍ଣ ସମ୍ମାନ ଓ ଗୌରବ କରିବା ଉପରେ ନଜର ରଖିବା ମଧ୍ୟ ଥିଲା ତାଙ୍କ ଦାୟିତ୍ୱ । ବ୍ୟବସ୍ଥାଟି କିଭଳି ସଂଗଠିତ ଥିଲା ତା'ର ଉତ୍ତମ ଆଭିଲେଖିକ ସାକ୍ଷ୍ୟ ଲେକ୍ସ ମାନ୍ସିଆନାରୁ ମିଳେ ।

ଅଧିକାଂଶ କାର୍ଯ୍ୟ ଭୃତ୍ୟ ଓ ଦାସମାନେ କରୁଥିଲେ । ଶ୍ରମର ପ୍ରମୁଖ ଉତ୍ସ ଥିଲେ ଦାସ । ରୋମୀୟ ସମାଜରେ ଦାସ ପ୍ରାପ୍ତି ପାଇଁ ତିନୋଟି ପ୍ରଧାନ ଉପାୟ ରହିଥିଲା । ପ୍ରଥମ ଏବଂ ସମ୍ଭବତଃ ସର୍ବାଧିକ ସାଧାରଣ ମାର୍ଗ ଥିଲା ବଜାରରୁ ଦାସ କ୍ରୟ କରିବା । ଦାସ ବଜାରର ବିକ୍ରେତାମାନଙ୍କ ଠାରୁ ନିଲାମରେ ଅଥବା ବ୍ୟକ୍ତିଗତ ମାଲିକଙ୍କ ଠାରୁ ବାଣିଜ୍ୟ ସୂତ୍ରରେ ଦାସ କ୍ରୟ କରାଯାଉ ଥିଲା । ଯୁଦ୍ଧ ଜୟ ମାଧ୍ୟମରେ ଦାସ ଅର୍ଜନ ଥିଲା ଅନ୍ୟତମ ପନ୍ଥା । ଅନେକ ଭୂସ୍ୱାମୀ ଯୁଦ୍ଧ ଅଭିଯାନରେ ଯାଇ ବନ୍ଦୀମାନଙ୍କୁ ଧରି ଫେରୁଥିବା କିଥ ହପକିନସ ଉଲ୍ଲେଖ କରିଛନ୍ତି । ଏ ବନ୍ଦୀମାନଙ୍କୁ ରୋମୀୟ ଅଞ୍ଚଳକୁ ନେଇ ଅପର ନାଗରିକମାନଙ୍କୁ ବିକ୍ରି କରାଯାଉ ଥିଲା ଅଥବା ବନ୍ଦୀକର୍ତ୍ତାଙ୍କ ଖେତରେ ଖଟା ଯାଉଥିଲା । ଜନ୍ମ ସୂତ୍ରରେ ଦାସ ପ୍ରାପ୍ତି ଥିଲା ଅନ୍ତିମ ମାଧ୍ୟମ । ମହିଳା ଦାସୀଟିଏ ସନ୍ତାନ ପ୍ରସବ କଲେ ସେଇ ସନ୍ତାନ ମାଲିକଙ୍କ ସମ୍ପଦରେ ପରିଗଣିତ ହେଉଥିଲା । ରୋମୀୟ ଆଇନରେ ନାଗରିକ ନ ଥିବା ମହିଳାମାନଙ୍କ ସହ ବିବାହ ଅତିରିକ୍ତ ସମ୍ବନ୍ଧ ବ୍ୟଭିଚାର ବିବେଚିତ ହେଉ ନ ଥିଲା । ରୋମୀୟ ପତ୍ନୀମାନେ ଏହା ସହ୍ୟ କରିବା ଥିଲା ସ୍ୱାଭାବିକ ପ୍ରତ୍ୟାଶା । ଅତଏବ ଜଣେ ଦାସୀ ମାଲିକ ଅଥବା ତତ୍ତ୍ୱାବଧାରକଙ୍କ ପିତୃତ୍ୱରେ ସନ୍ତାନ ଜନ୍ମ କରିବା ନେଇ କୌଣସି ବୈଧାନିକ ଅଥବା ନୈତିକ ପ୍ରତିବନ୍ଧକ ନ ଥିଲା ।

ଉପଯୋଗ ଦୃଷ୍ଟିରୁ ଦାସମାନେ ଥିଲେ ଅପେକ୍ଷାକୃତ ଶସ୍ତା । କାରଣ ସେମାନେ ଥିଲେ ସମ୍ପଦ । ସେମାନଙ୍କ ପ୍ରତି ବ୍ୟବହାର ମାଲିକଙ୍କ ମାନବିକତା ଉପରେ ଥିଲା ନିର୍ଭରଶୀଳ । ମାଲିକମାନେ ଯାହା କରିବା କଥା ତାହା ନ କରି କେତେ ଖର୍ଚ୍ଚ କରିବେ ସେଇ ହିସାବରେ ଦାସମାନଙ୍କ ଆବଶ୍ୟକତା ପୂରଣ କରୁଥିଲେ । ଦଣ୍ଡବିଧାନ ଏବଂ ପୁରସ୍କାର ପ୍ରଦାନ ଦ୍ୱାରା ତତ୍ତ୍ୱାବଧାରକମାନେ ଦାସମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । 'ତତ୍ତ୍ୱାବଧାରକ ଭୁଲ କାମର ବିରୋଧ କଲେ ସେମାନେ ଏହା କରିବେ ନାହିଁ; ସେ ଏହାକୁ ଅନୁମୋଦନ କଲେ ମାଲିକ ତାକୁ ଦଣ୍ଡ ନ ଦେଇ ଛାଡ଼ିବ ନାହିଁ ।' ରୋମୀୟ ସଂସ୍କୃତିରେ ଦାସମାନଙ୍କ ପ୍ରତି ଅକୁଣ୍ଠ ନିଷ୍ଠୁରତା ମନ୍ଦ ଚରିତ୍ରର ଏକ ଲକ୍ଷଣ ବିବେଚିତ ହେଉଥିଲେ ସୁଦ୍ଧା ତତ୍ତ୍ୱାବଧାରକ ଓ ମାଲିକ କରୁଥିବା ଦଣ୍ଡବିଧାନ ଉପରେ ପ୍ରତିବନ୍ଧକ ଥିଲା ଖୁବ୍ ସ୍ୱଳ୍ପ ।

## ୩.୭ କୃଷକଙ୍କ ସମସ୍ୟା

ପାଗ, ବୃଷ୍ଟିପାତ ଓ କୀଟ ଆକ୍ରମଣର ଅପ୍ରତ୍ୟାଶିତତା ସମେତ ଆଧୁନିକ କାଳ ପର୍ଯ୍ୟନ୍ତ ଐତିହାସିକ ଭାବେ କୃଷକମାନେ ସମ୍ମୁଖୀନ ହେଉଥିବା ଅନେକ ସମସ୍ୟା ରୋମର କୃଷକମାନଙ୍କୁ ମଧ୍ୟ ଆକ୍ରାନ୍ତ କରୁଥିଲା । ଯୁଦ୍ଧ ଏବଂ ଭୂମି କନ୍ଦଳ ହେତୁ କୃଷକମାନେ ନଗର ଅଥବା ବନ୍ଦର ଠାରୁ ଅଧିକ ଦୂରରେ ଜମି କ୍ରୟ ପାଇଁ ମଧ୍ୟ ପଶ୍ଚାତ୍‌ପଦ ହେଉଥିଲେ । ରୋମ ଥିଲା ଏକ ବିଶାଳ ସାମ୍ରାଜ୍ୟ । ଏହା ବହୁ ଭୂମି ଜୟ କରିଥିଲା । ଜମି ହରାଇଥିବା ଅନେକ ବ୍ୟକ୍ତି ଏହାର ଶତ୍ରୁ ହୋଇଯାଇ ଥିଲେ । ସେମାନେ ହରାଇଥିବା ଖେତ ଆକ୍ରମଣକାରୀମାନେ ଅଧିଗ୍ରହଣ କରି ନିଜେ ଏହାର ପରିଚାଳନା ପାଇଁ ପ୍ରୟାସ କରୁଥିଲେ । ରୋମୀୟ ସୈନିକମାନେ ବହୁ ସମୟରେ କୃଷକମାନଙ୍କ ସହାୟତା ଓ ଭୂମି ପୁନଃପ୍ରାପ୍ତି ପାଇଁ ପ୍ରୟାସ କରୁଥିବା ସତ୍ତ୍ୱେ ଏ ଲଢ଼େଇ ଯୋଗୁଁ ବହୁ ସମୟରେ ସମ୍ପଦ ନଷ୍ଟ ଅଥବା ଧ୍ୱସ୍ତ ହେଉଥିଲା । ବେଳେବେଳେ ଭୂସ୍ୱାମୀମାନେ ଦାସମାନଙ୍କ ବିଦ୍ରୋହର ସମ୍ମୁଖୀନ ହେଉଥିଲେ । 'କାର୍ଥେଜୀୟ ଓ କେଲ୍‌ଟ ଉପଜାତିମାନଙ୍କ ଆକ୍ରମଣ ଅତିରିକ୍ତ ଦାସମାନଙ୍କ ବିଦ୍ରୋହ ଏବଂ ଇଟାଲୀୟ ଭୂମିରେ ବାରଂବାର ଲଢ଼ାଯାଉ ଥିବା ଗୃହଯୁଦ୍ଧ ହେତୁ ପାରମ୍ପରିକ କୃଷି ଧାରଣ ଧ୍ୱଂସ ହୋଇଗଲା । ରୋମରେ କୃଷିର ଅବକ୍ଷୟ ସହ ଜନତା ଏଣିକି ଚରିତ୍ର ନୁହେ ସମ୍ପଦ ଦ୍ୱାରା ଅନ୍ୟମାନଙ୍କୁ ବିଚାର କଲେ ।'

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ପ୍ରାଚୀନ ରୋମରେ ଚାଷ କରାଯାଉ ଥିବା ବିଭିନ୍ନ ଫସଲ ସମ୍ବନ୍ଧରେ ଆଲୋଚନା କରନ୍ତୁ ।

.............................................................................................

.............................................................................................

.............................................................................................

.............................................................................................

.............................................................................................

.............................................................................................

.............................................................................................

....................................................................................................

....................................................................................................

....................................................................................................

**ପ୍ରଶ୍ନ ୨.** ଜମି ମାଲିକାନା ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ ।

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

**ପ୍ରଶ୍ନ ୩.** ରୋମର କୃଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ କ'ଣ ?

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

## ୩.୮ ସାରାଂଶ

ରୋମ ଦ୍ୱାରା ଶାସିତ ସଂଖ୍ୟାଗରିଷ୍ଠ ଜନତା କୃଷିକର୍ମରେ ନିୟୋଜିତ ଥିଲେ । କ୍ଷୁଦ୍ର, ସ୍ୱାବଲମ୍ବୀ ଭୂସ୍ୱାମୀଙ୍କୁ କେନ୍ଦ୍ର କରି ଆରବ୍ଧ ହୋଇଥିବା ଗ୍ରାମ୍ୟ ସମାଜରେ ସମୟକ୍ରମେ ଦାସମାନଙ୍କ ଶ୍ରମ ନିୟୋଜନ କରୁଥିବା ଏବଂ ବୃହତ୍ ଭୂସମ୍ପଦରେ ସମ୍ପଦଶାଳୀ ହୋଇଥିବା ମାଲିକମାନଙ୍କ *ଲାଟିଫଣ୍ଡିୟମ*ର ଆଧିପତ୍ୟ ଦେଖିବାକୁ ମିଳିଲା । ସହର ବିଶେଷତଃ ରୋମ ନଗରରେ ଜନସଂଖ୍ୟାର ଅଭିବୃଦ୍ଧି ହେତୁ ନଗର ଜନତାଙ୍କୁ ଖାଦ୍ୟ ଓ ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ଶସ୍ୟ ଯୋଗାଣ ନିମିତ୍ତ ବାଣିଜ୍ୟିକ ବଜାରର ବିକାଶ ଏବଂ କୃଷି ଉତ୍ପାଦର ସୁଦୂର ବାଣିଜ୍ୟ ଆବଶ୍ୟକତାରେ ପରିଣତ ହେଲା।

## ୩.୯ ସୂଚକ ଶବ୍ଦାବଳୀ

**ଇଉଗେରମ:** ରୋମୀୟମାନଙ୍କ ମଧ୍ୟରେ ପ୍ରଚଳିତ ସାଧାରଣ ଜମି ମାପ; ବହୁବଚନ- ଇଉଗେରା ।

**ଲାଟିଫଣ୍ଡିଆ:** ପ୍ରାଚୀନ ରୋମ ଅଥବା ନିକଟ ଅତୀତରେ ସ୍ପେନ ଓ ଲାଟିନ ଆମେରିକାରେ କୃଷକ ଓ ଦାସମାନଙ୍କ ଦ୍ୱାରା ଚାଷ କରାଯାଉ ଥିବା ବୃହତ୍ ଖେତ ।

## ୩.୧୦ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୩.୩ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୩.୪ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** ଉପବିଭାଗ ୩.୬ ଦେଖନ୍ତୁ ।

## ୩.୧୧ ପରବର୍ତ୍ତୀ ପଠନ

Durant, W. 1993. *The Story of Civilization* (vols. I & II). Fine Communications, US.

Riddle, J. E. 1854. *The History of the Papacy: to the Period of the Reformation*. London: Richard Bentley.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

# ଚତୁର୍ଥ ଏକକ: ସହରୀକରଣ ଓ ବାଣିଜ୍ୟ

## ବିଷୟ ଗଠନ:


୪.୦ ପଠନର ଉଦ୍ଦେଶ୍ୟ

୪.୧ ଉପକ୍ରମ

୪.୨ ସହରୀକରଣ

୪.୨.୧ ସହରୀ ସ୍ଥାପତ୍ୟ

୪.୨.୨ ନଗର ଯୋଜନା

୪.୨.୩ ଆର୍ଥିକ ସ୍ଥିତି

୪.୨.୪ ରାଜନୀତିକ ସ୍ଥିତି

୪.୨.୫ ସାମାଜିକ ସ୍ଥିତି

୪.୩ ରୋମୀୟ ଜଗତରେ ବାଣିଜ୍ୟ

୪.୩.୧ ବାଣିଜ୍ୟର ପ୍ରଧାନ କାରକ ସମୂହ

୪.୩.୨ ପଣ୍ୟ ଦ୍ରବ୍ୟ

୪.୩.୩ ଦ୍ରବ୍ୟ ପରିବହନ

୪.୩.୪ ବାଣିଜ୍ୟର ରାଷ୍ଟ୍ରୀୟ ନିୟନ୍ତ୍ରଣ

୪.୪ ସାରାଂଶ

୪.୫ ସୂଚକ ଶବ୍ଦାବଳୀ

୪.୬ ପ୍ରଗତି ପରିମାପକ ଉତ୍ତର

୪.୭ ପରବର୍ତ୍ତୀ ପଠନ


## ୪.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ❖ ରୋମ ସାମ୍ରାଜ୍ୟରେ ସହରୀକରଣର ବିକାଶ
- ❖ ବାଣିଜ୍ୟ ତନ୍ତ୍ରର ବିସ୍ତାର

## ୪.୧ ଉପକ୍ରମ

ରୋମ ସାମ୍ରାଜ୍ୟ ଥିଲା ପ୍ରାଚୀନ କାଳର ବୃହତ୍ତମ ଏବଂ ସର୍ବାଧିକ କାଳ ସ୍ଥାୟୀ ସାମ୍ରାଜ୍ୟ । ଇଟାଲୀରେ ନାଭି ସ୍ଥାପିତ ହୋଇଥିବା ଏ ସାମ୍ରାଜ୍ୟ ପରବର୍ତ୍ତୀ କାଳରେ ସମଗ୍ର ଭୂମଧ୍ୟସାଗରୀୟ ଜଗତକୁ ନିଜର ଅନ୍ତର୍ଭୁକ୍ତ କରିନେଲା । ମାସିଡୋନୀୟ ସାମ୍ରାଜ୍ୟର ବିଖଣ୍ଡନ ମାତ୍ରେ ଭୂମଧ୍ୟସାଗରୀୟ ଅଞ୍ଚଳରେ ରୋମୀୟ ବିସ୍ତାର ଆରମ୍ଭ ହେଲା । ଏତିକି ବେଳକୁ ରୋମ ନଗରୀ ପ୍ରାୟ ସମଗ୍ର ଇଟାଲୀୟ ଉପଦ୍ୱୀପକୁ ନିଜ ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇ ସାରିଥିଲା । ରୋମୀୟମାନେ ମଧ୍ୟ ସମଗ୍ର ଭୂମଧ୍ୟସାଗରୀୟ ଅଞ୍ଚଳରେ ବାଣିଜ୍ୟରେ ଲିପ୍ତ ଥିଲେ । ବାଣିଜ୍ୟ ସମ୍ପର୍କ ସାଧାରଣତଃ ଉତ୍ତମ ରାଜନୀତିକ ସମ୍ବନ୍ଧ ଉପରେ ନିର୍ଭରଶୀଳ ଥିବାରୁ ସେମାନଙ୍କ ରାଜନୀତିକ ପ୍ରଭାବ ସହ ବାଣିଜ୍ୟିକ ଯୋଗାଯୋଗ ତନ୍ତ୍ରର ବିସ୍ତାର ଘଟିଲା । ଜଳଦସ୍ୟୁଙ୍କ ସହ ଲଢ଼େଇ, ସଡ଼କ ନିର୍ମାଣ, ମୁଦ୍ରାଙ୍କନ ଏବଂ ଏକ ବର୍ଦ୍ଧିଷ୍ଣୁ ବୃହତ୍ କ୍ଷେତ୍ରରେ ସାମରିକ ସୁରକ୍ଷା ପ୍ରଦାନର ସଂଯୋଗ ଆର୍ଥନୀତିକ ଅନ୍ତଃକ୍ରିୟା ଓ ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ସୃଷ୍ଟି କଲା ।

## ୪.୨ ସହରୀକରଣ

ଖ୍ରୀଷ୍ଟୀୟ ପ୍ରଥମ ଦୁଇ ଶତାବ୍ଦୀରେ ସାମ୍ରାଜ୍ୟର ନଗରୀଗୁଡ଼ିକର ବିଶେଷ ବିକାଶ ସାଧିତ ହେଲା ଏବଂ ଜନସଂଖ୍ୟାରେ ଖୁବ୍ ଅଭିବୃଦ୍ଧି ଘଟିଲା । ସହର ତନ୍ତ୍ର ଥିଲା ବିଶେଷ ଭାବେ ବର୍ଗୀକୃତ । ସହରୀକରଣର ସ୍ତର ଥିଲା ଅପେକ୍ଷାକୃତ ଉଚ୍ଚ । କେତେକ ନଗର ଥିଲା ବିସ୍ମୟଜନକ ଭାବେ ବୃହତ୍ । ପ୍ରାକ୍ଶୈଳ୍ପିକ ମାନର ପରିମାପରେ ରୋମୀୟ ସହର ତନ୍ତ୍ର ଥିଲା ଅନନ୍ୟ । ଅଦ୍ୟତନ ଗବେଷଣା ଅନୁସାରେ ସାମ୍ରାଜ୍ୟ କାଳରେ ରୋମୀୟ ଜଗତରେ ସହରୀ ଚରିତ୍ର ବହନ କରୁଥିବା ପ୍ରାୟ ୧୪୦୦ ସ୍ଥଳ ରହିଥିଲା । ଚୂଡ଼ାନ୍ତ କାଳରେ ରୋମ ନଗରୀର ଅଧିବାସୀ ସଂଖ୍ୟା ଅତି କମ୍‌ରେ ଏକ ନିୟୁତ

ଥିଲା । ୧୯ଶ ଶତାବ୍ଦୀ ପର୍ଯ୍ୟନ୍ତ ଇଉରୋପର ଆଉ କୌଣସି ନଗରର ଜନସଂଖ୍ୟା ଏହା ସହ ସମାନ ହୋଇପାରି ନ ଥିଲା । ସମଗ୍ର ସାମ୍ରାଜ୍ୟରୁ ଦ୍ରବ୍ୟ ସ୍ଥାନାନ୍ତରଣ ଦ୍ୱାରା ରାଜଧାନୀ ରୋମର ନିରନ୍ତରତା ବଜାୟ ରହିଥିଲା । ଅନ୍ୟ କୌଣସି ନଗର ଏଇ ସ୍ତରର ନିରନ୍ତରତା ବଜାୟ ରଖିବାରେ ସମର୍ଥ ନ ଥିଲା ।

### ୪.୨.୧ ସହରୀ ସ୍ଥାପତ୍ୟ

ସମ୍ପଦ ଓ ଜନସଂଖ୍ୟାର ଅଭିବୃଦ୍ଧି ସହ ପ୍ରାଚୀନ ରୋମୀୟମାନେ ଏହାର ସ୍ଥାପତ୍ୟୀୟ ସମାଧାନ ଅନ୍ୱେଷଣ କଲେ । ସେମାନେ ତାଙ୍କ ସ୍ଥାପତ୍ୟରେ ଗ୍ରୀକ ପ୍ରଭାବ ଗ୍ରହଣ କରିଥିଲେ ।

୧. ସ୍ଥପତିମାନେ ତାଙ୍କ କାମରେ ଗମ୍ବୁଜ ଓ ତୋରଣର ଅଧିକ ଉପଯୋଗ ଆରମ୍ଭ କଲେ ।
୨. ତୋରଣ ନିର୍ମାଣରେ ପ୍ରଧାନତଃ ଢଳେଇ, ଶଙ୍ଖମର୍ମର ଓ ଇଷ୍ଟକ ବ୍ୟବହୃତ ହେଲା ।
୩. ରୋମର ଜଳସେତୁ, କରକଲ୍ଲାର ସ୍ନାନାଗାର ଏବଂ ବୃହତ୍ କଳାଶାଳା (*Colosseum*) ଏ ଧରଣର ବୈଶିଷ୍ଟ୍ୟ ବହନ କରୁଥିବା ଉଲ୍ଲେଖନୀୟ ନିର୍ମାଣର ଅନ୍ତର୍ଭୁକ୍ତ ।

ଜନତାଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ବୃହତ୍ କଳାଶାଳା ଓ ରଙ୍ଗଶାଳାଗୁଡ଼ିକ କୁମ୍ଭୀର, ଚିତା, ହାତୀ, ବାଘ ଓ ସିଂହ ସହ ଲଢ଼େଇ ପ୍ରବୃତ୍ତ ମନୁଷ୍ୟର ବଳିଦାନ ମାଧ୍ୟମରେ କ୍ଷମତା ଓ ଦୃଷ୍ଟାନ୍ତମୂଳକ ପ୍ରାଧାନ୍ୟ ଉଦ୍‌ଘୋଷଣ କରୁଥିଲେ ।

ମନ୍ଦିର, ବିଶେଷାଧିକାର ପ୍ରାପ୍ତ ଗୀର୍ଜାଘର ବା ବାସିଲିକା, ସେତୁ ଓ ଜଳସେତୁଗୁଡ଼ିକ ସାମ୍ରାଜ୍ୟ ଏକୀକରଣରେ ବିଶେଷ ଭୂମିକା ନିର୍ବାହ କରୁଥିଲେ । ସଡ଼କ ଓ ସେତୁଗୁଡ଼ିକ ଦ୍ୱାରା ବିଶାଳ ସାମ୍ରାଜ୍ୟରେ ଯୋଗାଯୋଗ ସୁବିଧାଜନକ ହୋଇପାରି ଥିଲା । ମନ୍ଦିର, ବିଶେଷାଧିକାର ପ୍ରାପ୍ତ ଗୀର୍ଜାଘରଗୁଡ଼ିକ ନଗରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଥିଲା ।

ବିଶେଷାଧିକାର ପ୍ରାପ୍ତ ଗୀର୍ଜାଘରଗୁଡ଼ିକରେ

୧. ପ୍ରାଶାସନିକ କାର୍ଯ୍ୟ ଚାଲୁଥିଲା ।

୨. ବହିର୍ଭାଗରେ ବସି ଦଣ୍ଡଧର ନ୍ୟାୟ ପ୍ରଦାନ କରୁଥିଲେ ।

୩. ରୋମୀୟ କର୍ତ୍ତୃତ୍ୱର ଆଦର୍ଶ ପରିସ୍ଫୁଟ ହେଉଥିଲା ।

ମନ୍ଦିରଗୁଡ଼ିକ

୧. ସମ୍ରାଟମାନଙ୍କ ପାଇଁ ଥିଲା ମହତ୍ୱପୂର୍ଣ୍ଣ ।

୨. ଧର୍ମ ଓ ରାଜନୀତି ରୋମୀୟ ଜଗତକୁ ଜୋଡୁଥିଲା ।

ଜଳସେତୁ ସମୂହ

୧. ଜନତାଙ୍କୁ ତାଜା ଜଳ ପ୍ରଦାନ କରୁଥିଲା ।

୨. ସାମ୍ରାଜ୍ୟ ମଧ୍ୟରେ ନଗରଗୁଡ଼ିକର ଅଭିବୃଦ୍ଧି ସହ ନିର୍ମିତ ହୋଇଥିଲା ।

ଏ ସମଗ୍ର କାଳରେ ପ୍ରାଚୀନ ରୋମବାସୀ ସାର୍ବଜନିକ ନିର୍ମାଣ ଜନତାଙ୍କୁ ପ୍ରଭାବିତ କରିବା ଏବଂ ସର୍ବସାଧାରଣ କାର୍ଯ୍ୟରେ ବ୍ୟବହାର ଲାଗି ଉଦ୍ଦିଷ୍ଟ ହେବା ଉଚିତ ବୋଲି ବିଶ୍ୱାସ କରୁଥିଲେ । ଏ ଧରଣର ନିର୍ମାଣର ଏକ ପ୍ରମୁଖ ଦୃଷ୍ଟାନ୍ତ ହେଉଛି ଦେବକୁଳ (*Pantheon*) ।

ଦେବକୁଳ

୧. ସମ୍ରାଟ ହଡ୍ରିଅନ ଖ୍ରୀ.୧୧୭ରୁ ୧୩୮ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ ।

୨. ଏକ ବାସ୍ତୁ ବିପ୍ଳବ ରୂପେ ବିବେଚିତ ହୁଏ ।

୩. ଗମ୍ବୁଜୀକୃତ ସ୍ଥାପତ୍ୟ, ଢଳେଇ ଓ ପାରମ୍ପରିକ ନିର୍ମାଣ ସାମଗ୍ରୀ ।

୪. ଗ୍ରୀକ ବ୍ରହ୍ମାଣ୍ଡ ଅବଧାରଣାର ସାକାର ସ୍ୱରୂପ ।

ଏ ସମୟରେ ନିର୍ମିତ ବହୁତଳ କୋଷ୍ଠିକା ସଂବର୍ଗ(*Insulae*)ରେ ଅନେକ ଜନତା ବସବାସ କରୁଥିଲେ । ବହୁ ସମୟରେ ଏଥିରେ ଅନେକ ଭୂଲମ୍ବ ତଳ ରହୁଥିଲା । ପ୍ରତ୍ୟେକ କୋଷ୍ଠିକାର ନିଜସ୍ୱ ସିଢ଼ି ଏବଂ ଏକାନ୍ତ ପ୍ରବେଶ ଦ୍ୱାର ରହିଥିଲା ।

### ୪.୨.୨ ନଗର ଯୋଜନା

ଆଧୁନିକ ରୋମ ବହୁ ଶତାବ୍ଦୀ ବ୍ୟାପୀ ଅତୀତ ଦ୍ୱାରା ରୂପ ପାଇଛି । ଅନେକ ପୂର୍ବରୁ ପାଖାପାଖି ଖ୍ରୀ.ପୂ.୭୫୩ରେ ଟିବର ନଦୀ ସମୀପରେ ଅଲବାନ ପର୍ବତମାଳା ଚତୁର୍ପାର୍ଶ୍ୱରେ ରୋମର ପ୍ରତିଷ୍ଠା ସହ ଯୋଜନାର କାରକଗୁଡ଼ିକ ନିର୍ଦ୍ଧାରିତ ହୋଇଥିଲା । ଏ ସ୍ଥଳଟି ବହୁ ଦୃଷ୍ଟିରୁ ଥିଲା ଉପଯୋଗୀ । ଟିବର ନଦୀ ଥିଲା ଏକ ପ୍ରାକୃତିକ ସୀମା । ନଗରର ମଧ୍ୟ ଦେଇ ଏହା ପ୍ରବାହିତ ହେଉଥିବାରୁ ଜଳଯୋଗାଣ, ପରିବହନ ଓ ଆବର୍ଜନା ନିଷ୍କାସନ ଥିଲା ସୁବିଧାଜନକ । ଏବଂ ପର୍ବତମାଳା ଦ୍ୱାରା ପ୍ରତିରକ୍ଷାତ୍ମକ ସୁରକ୍ଷା ସ୍ଥିତି ଉପଲବ୍ଧ ହେଉଥିଲା । ସ୍ଥଳଟି ମଧ୍ୟ ଉତ୍ତରପୂର୍ବରେ ସବିନମ ଏବଂ ଉତ୍ତରପଶ୍ଚିମରେ ଏଟ୍ରୁରିଆରୁ ସମୁଦ୍ରଗାମୀ ଦୁଇଟି ପ୍ରଧାନ ସଡ଼କର ଛେଦବିନ୍ଦୁରେ ଅବସ୍ଥିତ ଥିଲା । ପ୍ରାଚୀନ ରୋମୀୟମାନେ ନଗର ଯୋଜନା ପାଇଁ ଅବଲମ୍ବନ କରୁଥିବା ବିଶେଷ ପରିଯୋଜନାର କେନ୍ଦ୍ର ବିନ୍ଦୁ ଥିଲା ସାମରିକ ସୁରକ୍ଷା ଓ ନାଗରିକ ସୁବିଧା । ମୌଳିକ ନଗର ଯୋଜନା ନଗର ସେବା ଉପଲବ୍ଧ ଥିବା କେନ୍ଦ୍ରୀୟ ପ୍ରାଙ୍ଗଣ, ଏହା ଚତୁର୍ପାର୍ଶ୍ୱରେ ସାହିମାନଙ୍କର ସଂହତ ଢାଞ୍ଚା ଏବଂ ସୁରକ୍ଷା ପ୍ରାଚୀରର ଏକ ବେଷ୍ଟନୀକୁ ନେଇ ଗଠିତ ହେଉଥିଲା । ନଗରର ପରିସୀମା ଚିହ୍ନଟ ପାଇଁ ମଧ୍ୟ ପ୍ରାଚୀରଟିର ଉପଯୋଗ କରାଯାଉ ଥିଲା ଏବଂ ନଗର ସମ୍ମୁଖସ୍ଥ ଦୁର୍ଗ ଦ୍ୱାର(*Portcullis*) ଏହା ସହ ସଂଯୁକ୍ତ ହୋଇଥିଲା । ସେମାନେ ସମକୋଣରେ ବର୍ଗାକାର ପଙ୍କ୍ତି ରୂପରେ ସାହିଗୁଡ଼ିକର ଅଭିନ୍ୟାସ କରୁଥିଲେ । ନଗରର ମଧ୍ୟ ସ୍ଥଳରେ ପରସ୍ପରକୁ ଛେଦ କରି ପଙ୍କ୍ତିର କେନ୍ଦ୍ର ନିର୍ମାଣ କରୁଥିବା ଦୁଇ କର୍ଣ୍ଣାକାର ସଡ଼କକୁ ବାଦ୍ ଦେଇ ଅପର ସମସ୍ତ ସଡ଼କ ଦୈର୍ଘ୍ୟ ଓ ପ୍ରସ୍ଥରେ ଥିଲା ସମାନ । ଚାରୋଟି ସଡ଼କ ଦ୍ୱାରା ଚିହ୍ନିତ ବର୍ଗକ୍ଷେତ୍ରକୁ ଇନସୁଲା(*Insula*) କୁହାଯାଉ ଥିଲା । ଏହା ଆଧୁନିକ ନଗର ଖଣ୍ଡ(*City Block*)ର ସମବାଚୀ । ପ୍ରତ୍ୟେକ ପ୍ରଧାନ ସଡ଼କରେ ପହରା ଚୌକୀ ସହ ଗୋଟିଏ ପ୍ରବେଶ ଦ୍ୱାର ରହିଥିଲା । ରୋମ ସଭ୍ୟତାର ପତନ ସହ ରୋମୀୟ ନଗର ଯୋଜନାର ଅନ୍ତ ଘଟିଲା । ପ୍ରାଚୀନ ରୋମୀୟ ନଗର ଯୋଜନା ଶୈଳୀ ଆଜି ମଧ୍ୟ ଆଧୁନିକ ରୋମରେ ସୁସ୍ପଷ୍ଟ । ସମଗ୍ର ଇଉରୋପ ସମେତ ବିଶ୍ୱର ଅନେକ ସହରକୁ ଏହା ପ୍ରଭାବିତ କରିଛି ।

### ୪.୨.୩ ଆର୍ଥିକ ସ୍ଥିତି

ବିକାଶ ପାଇଁ ସମୀପବର୍ତ୍ତୀ ଉପନିବେଶଗୁଡ଼ିକ ସହ ବାଣିଜ୍ୟ ଥିଲା ରୋମର ପ୍ରାଣାଧାର । ରୋମୀୟ ସାମ୍ରାଜ୍ୟର ଚୂଡ଼ାନ୍ତ କାଳରେ ରୋମ ନଗରୀର ଜନସଂଖ୍ୟା ପ୍ରାୟ ଏକ ନିୟୁତ ଥିବା ଆକଳନ କରାଯାଇଛି । ଜନସଂଖ୍ୟାର ନିରନ୍ତରତା ବଜାୟ ରଖିବା ନିମିତ୍ତ ବ୍ୟବସାୟ ବାଣିଜ୍ୟ ଥିଲା ଏକାନ୍ତ ଅନିବାର୍ଯ୍ୟ ।

ରୋମ ସାମ୍ରାଜ୍ୟରେ ଉଭୟ ସ୍ଥଳ ଓ ସମୁଦ୍ର ପଥରେ ବାଣିଜ୍ୟ ଚାଲୁଥିଲା । ସମଗ୍ର ଭୂମଧ୍ୟସାଗର ଓ କୃଷ୍ଣ ସାଗରରେ ସମୁଦ୍ର ପଥ ଥିଲା ପରିବ୍ୟାପ୍ତ । ସଡ଼କ ନିର୍ମାଣର ଦୁଇଟି ପ୍ରଧାନ କାରଣ ଥିଲା ବାଣିଜ୍ୟ ଏବଂ ରୋମ ସେନାର ଚଳାଚଳରେ ସୁଗମ୍ୟତା । ରୋମର ପ୍ରଧାନ ବାଣିଜ୍ୟିକ ଅଂଶୀଦାର ଥିଲେ ସ୍ପେନ, ଫ୍ରାନସ, ମଧ୍ୟ ପ୍ରାଚ୍ୟ ଓ ଉତ୍ତର ଆଫ୍ରିକା । ଦୀର୍ଘ ବର୍ଷ ଧରି ଶାନ୍ତି ଯୋଗୁଁ ରୋମ ସାମ୍ରାଜ୍ୟରେ ବାଣିଜ୍ୟ ପ୍ରୋତ୍ସାହିତ ହୋଇଥିଲା । ଗୋମାଂସ, ଶସ୍ୟ, ଲୁହା, ଚମଡ଼ା, ଶଙ୍ଖମର୍ମର, ରେଶମ, ରୂପା, ମସଲା. ଟିଣ ଓ ମଦ୍ୟ ଆଦି ବିବିଧ ଦ୍ରବ୍ୟ ରୋମ ଆମଦାନୀ କରୁଥିଲା ।

### ୪.୨.୪ ରାଜନୀତିକ ସ୍ଥିତି

ରାଜନୀତିକ ଦୃଷ୍ଟିରୁ ରୋମ ଥିଲା ଖୁବ୍ ପ୍ରଗତିଶୀଳ । ଏ ସମୟର ଅନ୍ୟ ଅନେକ ଦେଶ ଠାରୁ ରୋମ ଥିଲା ସମ୍ପୂର୍ଣ୍ଣ ଭିନ୍ନ । ରାଜତନ୍ତ୍ରିକ ଶାସନ ପରିବର୍ତ୍ତେ ଜନତା ଏକାଠି ହୋଇ ସେମାନଙ୍କ କର୍ମକର୍ତ୍ତା ନିର୍ବାଚନ କରୁଥିଲେ । ନ୍ୟାୟମୂର୍ତ୍ତି, ଦଣ୍ଡଧର, କର ସଂଗ୍ରାହକ ସମସ୍ତେ ଥିଲେ ନିର୍ବାଚିତ । ସିନେଟ ଏ ସମସ୍ତ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନ କରୁଥିଲା । ସାଧାରଣତଃ ସିନେଟ ରୋମର ନେତୃସ୍ଥାନୀୟ ନାଗରିକଙ୍କୁ ନେଇ ଗଠିତ ହେଉଥିଲା । ଏମାନଙ୍କ ସଂଖ୍ୟା ଥିଲା ପ୍ରାୟ ୬୦୦ । ଏମାନେ ଦେଶରେ ନୂତନ ଆଇନ ପ୍ରଣୟନ ସମେତ ଯେ କୌଣସି ଆର୍ଥିକ ବିଷୟ ସଞ୍ଚାଳନରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ସିନେଟକୁ ସମର୍ପିତ କାର୍ଯ୍ୟଭାର ମଧ୍ୟରେ ଅନ୍ୟତମ ଥିଲା ଜଣେ ସମ୍ରାଟଙ୍କ ନିର୍ବାଚନ । ସେନା, କିଛି ସିନେଟ ସଦସ୍ୟ ଓ ଅପର ଶିଷ୍ଟ ଉପଦେଷ୍ଟା ସମ୍ରାଟଙ୍କ ସହାୟତା କରୁଥିଲେ । ଏଇ ଚରମ ସହାୟତା ଯୋଗୁଁ ସମ୍ରାଟ ରୋମରେ ପରମ କର୍ତ୍ତୃତ୍ୱ ପ୍ରତିଷ୍ଠା କରିପାରୁ ଥିଲେ । ସିନେଟ ସଦସ୍ୟମାନଙ୍କ ପ୍ରଧାନ ମିଳନ ସ୍ଥଳ ଥିଲା ସିନେଟ ପ୍ରାସାଦ *(Palazzo Senatorio)* । ୧୩ଶ ଓ

୧୪ଶ ଶତାବ୍ଦୀରେ ଏହା ମାଇକେଲ ଆଞ୍ଜେଲୋଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହା ମଧ୍ୟ ପ୍ରାଚୀନ ରୋମର ଅଭିଲେଖାଗାରକୁ ଧାରଣ କରିଛି ।

### ୪.୨.୫ ସାମାଜିକ ସ୍ଥିତି

ଅଗଣିତ ବାର ନକଲ ଓ ପ୍ରୋନ୍ନତ କରାଯାଇ ପାରୁଥିବା ଆଧୁନିକ ନଗରୀର ପ୍ରଥମ ନିଦର୍ଶନ ଥିଲା ପ୍ରାଚୀନ ରୋମ । ନଗରୀର ରୂପରେଖ ଓ ଅଧିବାସୀଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଥିବା କେତେକ ମହତ୍ୱପୂର୍ଣ୍ଣ ତଥ୍ୟ ସୂଚନା କ୍ରମେ ଏଠାରେ ଉପସ୍ଥାପନ କରାଯାଉଛି । ଯୋଗ୍ୟ ପ୍ରସଙ୍ଗର ଆଲୋଚନା, ବ୍ୟାବସାୟିକ ମଧ୍ୟସ୍ଥତା ଏବଂ ସାଧାରଣ ମିଳନ ପାଇଁ ନାଗରିକ ତଥା ରାଜନୀତିଜ୍ଞଙ୍କ ନିମିତ୍ତ ସହରର କେନ୍ଦ୍ର ସ୍ଥଳରେ ଅବସ୍ଥିତ ପ୍ରାଙ୍ଗଣ *(Forum)* ଥିଲା ପ୍ରଧାନ ସ୍ଥଳ । ସମୟ କ୍ରମେ ରୋମ ସାମ୍ରାଜ୍ୟର ଆକାର ଓ ପ୍ରାଚୁର୍ଯ୍ୟରେ ଅଭିବୃଦ୍ଧି ସହ ଅତିରିକ୍ତ ପ୍ରାଙ୍ଗଣାବଳୀ ନିର୍ମାଣ କରାଗଲା ଏବଂ ପ୍ରାଙ୍ଗଣର ଗୁରୁତ୍ୱ ବୃଦ୍ଧି ପାଇଲା । ଅନେକ ଆଧୁନିକ ନଗର ଭଳି ପ୍ରାଚୀନ ରୋମରେ ଯାତାୟାତ ଥିଲା ଏକ ବିରାଟ ସମସ୍ୟା । ଅତଏବ ଭିଡ଼ ହ୍ରାସ କରିବା ପ୍ରୟାସରେ ସୂର୍ଯୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ଦୁଇ ଘଣ୍ଟା ଲେଖାଏଁ ବାଦ୍ ଦେଇ ଅପର ସମୟରେ ଚକ୍ରଯୁକ୍ତ ଯାନର ଚଳାଚଳ ନିଷିଦ୍ଧ ଘୋଷିତ ହୋଇଥିଲା । ନଗରୀର ଆଭ୍ୟନ୍ତରୀଣ ସ୍ଥାନିକ ସଂରଚନା ଦୃଷ୍ଟିରୁ ରୋମ ଥିଲା ପ୍ରାଚୀନତମ ଦୃଷ୍ଟାନ୍ତ ମଧ୍ୟରୁ ଗୋଟିଏ । ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଏହା ଥିଲା କ୍ଷେତ୍ରୀୟ ନମୁନାର ପ୍ରତିନିଧି । ସମ୍ପନ୍ନତା ଆଧାରରେ ଆବାସିକ ଢାଞ୍ଚାର ଉପସ୍ଥିତି ଏତିକିବେଳେ ସୁସ୍ପଷ୍ଟ । ମୂଳ ପ୍ରାଙ୍ଗଣର ପୂର୍ବକୁ ସବରା *(subura)* ନାମରେ ବିଦିତ ଅଞ୍ଚଳରେ ନଗରୀର ଦରିଦ୍ରମାନେ କେନ୍ଦ୍ରୀଭୂତ ହୋଇଥିଲେ । ନଗରୀର ଆକାରରେ ଉତ୍ତରୋତ୍ତର ଅଭିବୃଦ୍ଧି ଓ ବିକାଶ ଘଟିବା ସହ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମ୍ରାଟମାନେ ଅଧିକରୁ ଅଧିକ ପ୍ରାଙ୍ଗଣ ନିର୍ମାଣ କରାଇଲେ । ଅତିରିକ୍ତ ପ୍ରାଙ୍ଗଣ ନିର୍ମାଣ ସହ ସନ୍ନିହିତ କ୍ଷେତ୍ରରେ ବ୍ୟାବସାୟିକ ଅଞ୍ଚଳ ଓ ବଜାରମାନ ଗଢ଼ି ଉଠିଲା । ଏହିପରି ନଗରୀରେ ଅନେକ ବାଣିଜ୍ୟ କେନ୍ଦ୍ର ସୃଷ୍ଟି ହେଲା । ପ୍ରାଚୀନ କାଳରେ କ୍ଷମତାର ଚୂଡ଼ାନ୍ତ ପର୍ଯ୍ୟାୟରେ ରୋମ ନଗରୀ କ୍ଷେତ୍ରୀୟ ନମୁନାର ସ୍ଥାନିକ ସଂରଚନାରୁ ଦୂରେଇ ଯାଇ ବହୁ ନାଭୀୟ ନମୁନା ସହ ଅଧିକ ସାଦୃଶ୍ୟ ସ୍ଥାପନ କଲା । ତେବେ ସମସ୍ତ ନାଭି ପରସ୍ପର ସହ ଅନ୍ତରଙ୍ଗ ସାମୀପ୍ୟରେ ଅବସ୍ଥିତ ଥିଲା ।

ରୋମର ସମ୍ପନ୍ନମାନେ ଡୋମସ *(domus)* କୁହାଯାଉ ଥିବା ବହୁ ପ୍ରକୋଷ୍ଠ ବିଶିଷ୍ଟ ଗୃହରେ ବାସ କରୁଥିଲେ । ନଗରୀର ବିଶାଳ ସଂଖ୍ୟାଗରିଷ୍ଠ ଜନତା ଡୋମସରେ ବାସ କଲା ଭଳି ଯଥେଷ୍ଟ ସମ୍ପଦଶାଳୀ ନ ଥିଲେ । ତଥାପି ଡୋମସଗୁଡ଼ିକ ବିଷମାନୁପାତରେ ନଗରୀର ବହୁ ଅଞ୍ଚଳ- ୩୦%ରୁ ଅଧିକ ସ୍ଥାନ- ମାଡ଼ି ବସିଥିଲା । ରୋମର ସର୍ବାଧିକ ନାଗରିକ ଇନସୁଲା *(Insulae)* କୁହାଯାଉ ଥିବା ବହୁତଳ କୋଠାର କୋଷ୍ଠିକାରେ ବାସ କରୁଥିଲେ । ଏହାକୁ ପ୍ରାଚୀନ ଆପାର୍ଟମେଣ୍ଟ ରୂପେ ଅଭିହିତ କରାଯାଇ ପାରିବ । ସ୍ୱଭାବତଃ ଏ କୋଠାଗୁଡ଼ିକ ଥିଲା ଅତ୍ୟନ୍ତ ଅନାଡ଼ମ୍ବର । ଗୃହ ମଧ୍ୟରେ ଜଳଯୋଗାଣ କି ରୁକ୍ଷ ପାଗରୁ ସୁରକ୍ଷାର କୌଣସି ବ୍ୟବସ୍ଥା ନ ଥିଲା । ପରିଣାମତଃ ଇନସୁଲା ଅଧିବାସୀ ସଦାବର୍ତ୍ତ କୂପରୁ ନିୟମିତ ଜଳ ଯୋଗାଣ ପାଇଁ ସାହସିକ ଉଦ୍ୟମ କରୁଥିଲେ ।

ରୋମର ପ୍ରାଚୀନ ସମାଜରେ ଆନୁଷ୍ଠାନିକ ପଠନର ସ୍ୱଳ୍ପତା ସତ୍ତ୍ୱେ ସନ୍ତାନମାନଙ୍କ ପାଳନପୋଷଣରେ ଶିକ୍ଷାର ଭୂମିକା ଥିଲା ମହତ୍ୱପୂର୍ଣ୍ଣ । ପାରିବାରିକ ଜୀବନ ଦେଇ ସର୍ବାଧିକ ମୌଳିକ ଜ୍ଞାନ ହାସଲ କରାଯାଉ ଥିଲା । କୃଷି, କାରିଗରି ଓ ଯୁଦ୍ଧକଳାର ପ୍ରାରମ୍ଭିକ ଦକ୍ଷତା ସବୁ ପୀଢ଼ି ପରେ ପୀଢ଼ି ହସ୍ତାନ୍ତରିତ ହେଉଥିଲା । ସମ୍ପନ୍ନ ପରିବାରର ସନ୍ତାନମାନେ ବହୁଳାଂଶରେ ବ୍ୟକ୍ତିଗତ ଶିକ୍ଷକଙ୍କ ଠାରୁ ଦର୍ଶନ, କ୍ଲାସିକ ଏବଂ ହୋମର ଓ ହସିଓଡ଼ଙ୍କ ମହାକାବ୍ୟ ଭଳି ଅନେକ ପ୍ରମୁଖ ଗ୍ରୀକ କୃତି ସମ୍ବନ୍ଧରେ ଶିକ୍ଷା ଲାଭ କରୁଥିଲେ ।

କେବଳ ପ୍ରାଚୀନ ରୋମର ନିର୍ମାଣ ନୁହେ ଅନେକ ରୋମୀୟ ନାଗରିକଙ୍କ ଦୈନନ୍ଦିନ ଜୀବନରେ ମଧ୍ୟ ଦାସମାନଙ୍କ ଭୂମିକା ଥିଲା ମହତ୍ୱପୂର୍ଣ୍ଣ । କାଠକାରିଗର, ପ୍ରସାଧକ, ଚପରାସୀ ଆଦି ଅନେକ ତୁଚ୍ଛ ଓ କ୍ଷୁଦ୍ର କାର୍ଯ୍ୟ ଦାସମାନଙ୍କ ଉପରେ ନ୍ୟସ୍ତ ଥିଲା । ତେବେ ବ୍ୟବସାୟ ଓ କେତେକାଂଶରେ ଶାସନରେ ଦାସମାନଙ୍କ ପ୍ରମୁଖ ପଦବୀ ଧାରଣ ଅସାଧାରଣ ନ ଥିଲା । ରୋମରେ ବହୁ ସମୟରେ କେବଳ ମାଲିକାନାରେ ଥିବା ଦାସ ସଂଖ୍ୟା ଆଧାରରେ ଜଣେ ବ୍ୟକ୍ତିଙ୍କ ସମ୍ପଦ ଓ ଗୌରବ ନିର୍ଦ୍ଧାରିତ ହେଉଥିଲା । ରୋମର ନିର୍ମାଣ ଓ ଅଭ୍ୟୁତ୍ଥାନ କାଳରେ ଏତେ ଅଧିକ ସଂଖ୍ୟକ ଦାସଙ୍କ ନିୟୋଜନ ସମ୍ଭବତଃ ଏହାର ପତନରେ ସହାୟକ ହେବା ଥିଲା ସତ୍ୟର ବିଡ଼ମ୍ବନା । ଦାସତ୍ୱବିମୋଚନ *(manumission)* କୁହାଯାଉ ଥିବା ଏକ ଅପେକ୍ଷାକୃତ ସରଳ ପ୍ରକ୍ରିୟା ଦେଇ ଜଣେ ଦାସ ପୂର୍ଣ୍ଣ ନାଗରିକତ୍ୱ ଏବଂ ମୁକ୍ତି ପ୍ରାପ୍ତ ହୋଇପାରୁ ଥିଲା । ସମୟ କ୍ରମେ ଯେତେବେଳେ ବହୁ ସଂଖ୍ୟକ ଦାସ

ଏଇ ପ୍ରକ୍ରିୟା ଦେଇ ଗତି କଲେ ରୋମରେ ଜନବଳର ଘୋର ଅଭାବ ଅନୁଭୂତ ହେଲା । ରୋମର ସମ୍ଭାବିତ ପତନରେ ଏକ କାରକ ଭାବେ ଏହାର ଅବଦାନ କିଛି କମ୍ ନ ଥିଲା ।

## ୪.୩ ରୋମୀୟ ଜଗତରେ ବାଣିଜ୍ୟ

ଆଞ୍ଚଳିକ, ଆନ୍ତଃଆଞ୍ଚଳିକ ଓ ଆନ୍ତର୍ଜାତିକ ବାଣିଜ୍ୟ ଥିଲା ରୋମୀୟ ଜଗତର ଏକ ସାଧାରଣ ବୈଶିଷ୍ଟ୍ୟ । ରାଷ୍ଟ୍ରୀୟ ନିୟନ୍ତ୍ରଣ ଓ ମୁକ୍ତ ବଜାରର ଏକ ମିଳିତ ପଦ୍ଧତି ଗୋଟିଏ ସ୍ଥାନରେ ଉତ୍ପାଦିତ ଦ୍ରବ୍ୟ ଦୂରଦୂରାନ୍ତକୁ ରପ୍ତାନୀ ହେବା ସୁନିଶ୍ଚିତ କରୁଥିଲା । ବିଶେଷତଃ ଶସ୍ୟ, ମଦ୍ୟ ଓ ଅଲିଭ ତେଲ ବିପୁଳ ମାତ୍ରାରେ ରପ୍ତାନୀ କରାଯାଉ ଥିଲା । ଅପର ପକ୍ଷରେ ମହତ୍ୱପୂର୍ଣ୍ଣ ଆମଦାନୀ ଥିଲା ମୂଲ୍ୟବାନ ଧାତୁ, ଶଙ୍ଖମର୍ମର ଓ ମସଲା ।

### ୪.୩.୧ ବାଣିଜ୍ୟର ପ୍ରଧାନ କାରକ ସମୂହ

ସାଧାରଣ ଭାବେ କହିବାକୁ ଗଲେ ପ୍ରାଚୀନ ଓ ସମକାଳୀନ ସଭ୍ୟତାଗୁଡ଼ିକ ଭଳି କୃଷି ଉଦ୍‌ବୃତ୍ତ ସୃଷ୍ଟି, ଜନସଂଖ୍ୟାର ସଞ୍ଚାର ଓ ସହର ବୃଦ୍ଧି, ଆଞ୍ଚଳିକ ବିସ୍ତାର, ପ୍ରଯୁକ୍ତିଗତ ନବାଚାର, କର ପ୍ରଣାଳୀ, ମୁଦ୍ରା ପ୍ରସାର ଯୋଗୁଁ ଧୀରେ ଧୀରେ ରୋମରେ ଏକ ଅଧିକ ପ୍ରଗତିଶୀଳ ଅର୍ଥବ୍ୟବସ୍ଥା ବିକଶିତ ହେଲା । ସ୍ୱୟଂ ରୋମ ମହାନଗରୀର ଖାଦ୍ୟ ଆପୂର୍ତ୍ତି ଏବଂ ଅଭିଯାନ ଲିପ୍ତ ବିଶାଳ ସେନା ପାଇଁ ଯୋଗାଣର ଆବଶ୍ୟକତା ମଧ୍ୟ ଏ ଦିଗରେ କିଛି କମ୍ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ନ ଥିଲା ।

ରୋମୀୟ ଜଗତର ଅର୍ଥବ୍ୟବସ୍ଥା ଉଭୟ ଅପର୍ଯ୍ୟାପ୍ତ ବିକାଶ ଓ ଉଚ୍ଚ ସଫଳତାର ବୈଶିଷ୍ଟ୍ୟ ପ୍ରଦର୍ଶନ କରୁଥିଲା । କେତେକ ଐତିହାସିକ ବିଶେଷତଃ ସାର୍ ମୋଜେସ ଆଇଜାକ ଫିନଲୀ ଅପର୍ଯ୍ୟାପ୍ତ ବିକାଶର ନିମ୍ନ ଲକ୍ଷଣ ସମୂହ ଉପସ୍ଥାପନ କରିଛନ୍ତି:

୧. କୃଷି ଉପରେ ଉଚ୍ଚ ନିର୍ଭରଶୀଳତା ।

୨. ପ୍ରଯୁକ୍ତିର ଧୀର ବିସରଣ ।

୩. ଆଞ୍ଚଳିକ ବାଣିଜ୍ୟ ପରିବର୍ତ୍ତେ ସ୍ଥାନୀୟ ସହରରେ ଉଚ୍ଚ ହାରରେ ଉପଭୋଗ ।

୪. ଶିଳ୍ପରେ ନିମ୍ନ ହାରର ଲଗାଣ ।

ତେବେ ଖ୍ରୀ.ପୂ. ୨ୟରୁ ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀ ମଧ୍ୟରେ ଉତ୍ପାଦନ ଓ ସେବା ଶିଳ୍ପରେ ନିଯୁକ୍ତ ଶ୍ରମିକ ଅନୁପାତରେ ଯଥେଷ୍ଟ ଅଭିବୃଦ୍ଧି ଏବଂ ଅତ୍ୟାବଶ୍ୟକ ପଣ୍ୟ ଓ ଉତ୍ପାଦିତ ଦ୍ରବ୍ୟର ଅଧିକ ଆଞ୍ଚଳିକ ବାଣିଜ୍ୟର ପ୍ରମାଣ ମଧ୍ୟ ରହିଛି । ପରବର୍ତ୍ତୀ ସାମ୍ରାଜ୍ୟ କାଳରେ କନଷ୍ଟାଣ୍ଟିନୋପଲ ପ୍ରତିଷ୍ଠା ଦ୍ୱାରା ସନ୍ଦୀପ୍ତ ହୋଇ ପୂର୍ବରେ ବାଣିଜ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ପଶ୍ଚିମ ସାମ୍ରାଜ୍ୟରେ ବାଣିଜ୍ୟରେ ଅବକ୍ଷୟ ଆସିଥିଲା ।

ବାଣିଜ୍ୟ ପ୍ରତି ରୋମୀୟ ବିଶେଷତଃ ଉଚ୍ଚ ବର୍ଗର ଆଭିମୁଖ୍ୟ ଥିଲା ଏକ ପ୍ରକାର ନକାରାତ୍ମକ । ସମ୍ପଦ ଓ ଗୌରବର ଏକ ଉତ୍ସ ଭାବେ ଜମି ମାଲିକାନା ଓ କୃଷି ଉଚ୍ଚ ମର୍ଯ୍ୟାଦା ପ୍ରାପ୍ତ ହେଉଥିଲା । କିନ୍ତୁ ସମ୍ପନ୍ନମାନଙ୍କ ପକ୍ଷରେ ବାଣିଜ୍ୟ ଓ ଉତ୍ପାଦନ ଏକ ଅପେକ୍ଷାକୃତ କମ୍ ଉତ୍କୃଷ୍ଟ ପେସା ବିବେଚିତ ହେଉଥିଲା । ତେବେ ନିବେଶ ପାଇଁ ଯଥେଷ୍ଟ ସମ୍ପଦ ଥିବା ଧନିକମାନେ ବହୁ ସମୟରେ ସଙ୍କୋଚ ପରିତ୍ୟାଗ କରି ବ୍ୟବସାୟ କାରବାର ପରିଚାଳନା ନିମିତ୍ତ ଦାସ, ମୁକ୍ତ ମାନବ ଓ ମଧ୍ୟସ୍ଥ ନିଯୁକ୍ତି ପୂର୍ବକ ବାଣିଜ୍ୟ କ୍ରିୟାକଳାପରୁ ବିଶାଳ ଲାଭ ପ୍ରାପ୍ତ ହେଉଥିଲେ ।

### ୪.୩.୨ ପଣ୍ୟ ଦ୍ରବ୍ୟ

ବାଣିଜ୍ୟର ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ବେଳେବେଳେ ଖଣ୍ଡିତ ଓ ଭ୍ରମପୂର୍ଣ୍ଣ ହୋଇପାରେ । ତେବେ ସାହିତ୍ୟିକ ଉତ୍ସ, ମୁଦ୍ରା ଏବଂ ନଷ୍ଟପୋତ ଭଳି ଅନନ୍ୟ ଦଲିଲର ସମନ୍ୱୟ ରୋମୀୟମାନଙ୍କ ପଣ୍ୟର ପ୍ରକୃତି, ମାତ୍ରା ଓ ବାଣିଜ୍ୟ ସ୍ଥଳ ସମ୍ବନ୍ଧରେ ସ୍ୱଷ୍ଟ ଚିତ୍ର ନିର୍ମାଣରେ ସହାୟକ ହୁଏ ।

ରୋମୀୟ ବାଣିଜ୍ୟର ପଣ୍ୟ ଥିଲା ଅଲିଭ, ମାଛ, ମାଂସ, ଶସ୍ୟ, ଲୁଣ ଆଦି ଖାଦ୍ୟ; ମାଛ ସସ୍, ଅଲିଭ ତେଲ, ମଦ୍ୟ ଓ ବିୟର ଆଦି ପ୍ରସ୍ତୁତ ଖାଦ୍ୟ; ଚମଡ଼ା, ଛାଲ ଆଦି ପଶୁ ଉତ୍ପାଦ; କାଷ୍ଠ, କାଚ

ଅଥବା ଧାତୁରୁ ପ୍ରସ୍ତୁତ ଦ୍ରବ୍ୟ; ବସ୍ତ୍ର, ମୃତ୍‌ପାତ୍ର ଏବଂ କାଚ, ଶଙ୍ଖମର୍ମର, କାଷ୍ଠ, ପଶମ, ଇଷ୍ଟକ, ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଓ ଟିଣ ଆଦି ପ୍ରସ୍ତୁତି ଓ ନିର୍ମାଣ ପଦାର୍ଥ । ଯଥେଷ୍ଟ ସଂଖ୍ୟାରେ ଦାସମାନଙ୍କ କ୍ରୟ ବିକ୍ରୟ ମଧ୍ୟ ହେଉଥିଲା ।

ବହୁ ସମୟରେ ଅତି ବୃହତ୍ ଜାଗିରଗୁଡ଼ିକରେ ଆଞ୍ଚଳିକ ବୈଶିଷ୍ଟ୍ୟ ରୂପେ ଉତ୍ପାଦିତ ଅନେକ ଦ୍ରବ୍ୟ କେବଳ ଆନ୍ତଃ-ଆଞ୍ଚଳିକ ବାଣିଜ୍ୟ ବୃଦ୍ଧିରେ ସହାୟକ ହେଉଥିଲା । ଦୃଷ୍ଟାନ୍ତ ସ୍ୱରୂପ- ଇଜିପ୍ଟର ମଦ୍ୟ ଅଥବା ଦକ୍ଷିଣ ସ୍ପେନର ଅଲିଭ ତେଲ । ଏଭଳି ବୃହତ୍ ଜାଗିରଗୁଡ଼ିକ ବାଣିଜ୍ୟ ପାଇଁ ବିପୁଳ ଉଦ୍‌ବୃତ୍ତ ଉତ୍ପାଦନ କରୁଥିବାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ସମଗ୍ର ସାମ୍ରାଜ୍ୟର ବିଭିନ୍ନ ସ୍ଥଳରୁ ପ୍ରାପ୍ତ ହୋଇଛି: ଦକ୍ଷିଣ ଫ୍ରାନସର ମଦ୍ୟ ପ୍ରସ୍ତୁତକର୍ତ୍ତାଙ୍କ ସୁରାଗାରର ସାମର୍ଥ୍ୟ ଥିଲା ଏକ ଲକ୍ଷ ଲିଟର; ୧୭ଟି ଘଣା ଥିବା ଲିବ୍ୟାର ଏକ ଅଲିଭ ତେଲ କାରଖାନାର ବାର୍ଷିକ ଉତ୍ପାଦନ ସାମର୍ଥ୍ୟ ଥିଲା ଏକ ଲକ୍ଷ ଲିଟର; ସ୍ପେନର ସୁନା ଖଣିରୁ ବର୍ଷକୁ ନଅ ହଜାର କିଲୋ ସୁନା ଉତ୍ପାଦିତ ହେଉଥିଲା । ସହରଗୁଡ଼ିକ ସାଧାରଣତଃ ଉତ୍ପାଦନ ନୁହେ ଉପଭୋଗ କେନ୍ଦ୍ର ହୋଇଥିଲେ ସୁଦ୍ଧା ଏହାର ବ୍ୟତିକ୍ରମ ମଧ୍ୟ ରହିଥିଲା ଯେଉଁଠାରେ କାରଖାନରୁ ଚିତ୍ତାକର୍ଷକ ମାତ୍ରାରେ ଦ୍ରବ୍ୟ ଉତ୍ପାଦନ ସମ୍ଭବ ହେଉଥିଲା । ଏ କାରଖାନାଗୁଡ଼ିକର ଶ୍ରମିକ ସଂଖ୍ୟା ଥିଲା ସମ୍ଭବତଃ ସର୍ବାଧିକ ତିରିଶି । କିନ୍ତୁ ବୃହତ୍ ନଗର ଓ ବନ୍ଦରର ବିସ୍ତୃତ ଶିଳ୍ପାଞ୍ଚଳରେ ବହୁ ସମୟରେ ଏଗୁଡ଼ିକ ଏକାଠି ସଂଗୃହୀତ ହେଉଥିଲା । ମୃତ୍‌ଶିଳ୍ପ କ୍ଷେତ୍ରରେ ଅଳ୍ପ ଦୂରରେ ମାଟି ଓ ଚୁଲି ପାଇଁ କାଠ ଆଦି ଅତ୍ୟାବଶ୍ୟକ କଞ୍ଚାମାଲ ମିଳୁଥିବା ଗ୍ରାମାଞ୍ଚଳରେ ମଧ୍ୟ ଏଭଳି ଘଟୁଥିଲା ।

ଦ୍ରବ୍ୟ ବିନିମୟ କେବଳ ସମଗ୍ର ରୋମୀୟ ଜଗତରେ ଘଟୁ ନ ଥିଲା । ଗାଡସ, ଅଷ୍ଟିଆ, ପୁଟେଓଲି, ଆଲେକଜାଣ୍ଡ୍ରିଆ ଓ ଆଣ୍ଟିଓକ ଆଦି ଚଳଚଞ୍ଚଳ ବନ୍ଦର ସମୂହ ସୁଦୂର ଆରବ, ଭାରତ, ଦକ୍ଷିଣପୂର୍ବ ଏସିଆ ଓ ଚୀନରୁ ମଧ୍ୟ ଦ୍ରବ୍ୟ ଆମଦାନୀ କରୁଥିଲେ । ଦ୍ରବ୍ୟସବୁ ଭାରତ ମହାସାଗର ଦେଇ ସମୁଦ୍ର ପଥରେ ଆସୁଥିଲେ ମଧ୍ୟ ବେଳେବେଳେ ରେଶମ ସଡ଼କ ଭଳି ସ୍ଥଳ ମାର୍ଗକୁ ଅନୁସରଣ କରୁଥିଲା । ଏ ଆନ୍ତର୍ଜାତିକ ବାଣିଜ୍ୟ ଗୋଲମରିଚ, ଶୁଣ୍ଠି, ଡାଲଚିନି, ଲବଙ୍ଗ ଆଦି ମସଲା; ରଙ୍ଗୀନ ଶଙ୍ଖମର୍ମର, ରେଶମ, ସୁଗନ୍ଧ, ହାତୀଦାନ୍ତ ଆଦି ବିଳାସ ଦ୍ରବ୍ୟରେ ନିହାତି ସୀମିତ ନ ଥିଲା । ଭଗ୍ନପୋତରୁ ମିଳିଥିବା ନିମ୍ନ ମାନର ମୃତ୍‌ପାତ୍ର ଏବଂ ମାଟିଦୀପର ଭୌଗୋଳିକ ବିସ୍ତାର ଏହାର ପ୍ରମାଣ ।

### ୪.୩.୪ ଦ୍ରବ୍ୟ ପରିବହନ

ସମଗ୍ର ରୋମୀୟ ଜଗତରେ ଦ୍ରବ୍ୟ ପରିବହନ ହେଉଥିଲା । କିନ୍ତୁ ସ୍ଥଳ ପରିବହନରେ ନବାଚାରର ଅଭାବ ଯୋଗୁଁ ଏଥିରେ ସୀମାବଦ୍ଧତା ସୃଷ୍ଟି ହୋଇଥିଲା । ସଡ଼କ ପାଇଁ ରୋମୀୟମାନେ ପ୍ରଖ୍ୟାତ । କିନ୍ତୁ ସମୁଦ୍ର ମାର୍ଗରେ ଦ୍ରବ୍ୟ ପରିବହନ ନଦୀପଥ ଅଥବା ସଡ଼କ ଅପେକ୍ଷା ଥିଲା ଯଥେଷ୍ଟ ଶସ୍ତା । ଏ ସବୁର ବ୍ୟୟ ଅନୁପାତ ଥିଲା ପ୍ରାୟ ୧:୫:୨୮ । ତେବେ ମନେ ରଖିବା ଉଚିତ ଯେ ବେଳେବେଳେ ପରିବହନର ମାଧ୍ୟମ ପସନ୍ଦ ଦ୍ୱାରା ନୁହେ ପରିସ୍ଥିତି ଦ୍ୱାରା ନିର୍ଦ୍ଧାରିତ ହେଉଥିଲା ଏବଂ ଖ୍ରୀଷ୍ଟୀୟ ୧ମ ଓ ୨ୟ ଶତାବ୍ଦୀରେ ପରିବହନର ସମସ୍ତ ତିନୋଟି ମାଧ୍ୟମର ମହତ୍ୱପୂର୍ଣ୍ଣ ଅଭିବୃଦ୍ଧି ଘଟିଥିଲା ।

ସର୍ବାଧିକ ସୁଲଭ ଓ ଦ୍ରୁତତମ- ୯ଦିନରେ ଏକ ହଜାର ସମୁଦ୍ର ମାଇଲ- ସତ୍ତ୍ୱେ ସମୁଦ୍ର ପରିବହନ ଥିଲା ସବୁଠାରୁ ବିପଦପୂର୍ଣ୍ଣ; ପାଗ ଓ ଜଳଦସ୍ୟୁଙ୍କ ମର୍ଜିର ଅଧୀନ । ଋତୁ ମଧ୍ୟ ଥିଲା ଏଥିରେ ପ୍ରତିବନ୍ଧକ । ଅନ୍ତତଃ ନଭେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ନିରାପଦ ଜଳଯାତ୍ରା ଥିଲା ଅପ୍ରତ୍ୟାଶିତ ।

ରୋମୀୟ କାଳର ୯୦୦ରୁ ଊର୍ଦ୍ଧ୍ୱ ଭଗ୍ନପୋତର ବିଶ୍ଳେଷଣରୁ ଅଧିକାଂଶ ବାଣିଜ୍ୟ ପୋତର ଦ୍ରବ୍ୟ ବହନ କ୍ଷମତା ୭୫ ଟନ ଅଥବା ୧୫୦୦ ଆମ୍ଫୋରା ଥିବା ଜଣାଯାଏ । କିନ୍ତୁ ୩୦୦ ଟନ ପର୍ଯ୍ୟନ୍ତ ଦ୍ରବ୍ୟ ବହନ କ୍ଷମତା ଥିବା ବୃହତ୍ ଜାହାଜ ମଧ୍ୟ ରହିଥିଲା । ଏକ ଆକର୍ଷକ ଦୃଷ୍ଟାନ୍ତ ହେଉଛି ସ୍ପେନ-ଫ୍ରାନସ ସୀମାନ୍ତ ଭୂମଧ୍ୟସାଗରରେ ଅବସ୍ଥିତ ଖ୍ରୀଷ୍ଟୀୟ ୪୦ ଦଶକର ବନ୍ଦର ପ୍ୱେନ୍ଦ୍ରେଜ-୨ରୁ ପ୍ରାପ୍ତ ଭଗ୍ନାବଶେଷ । ଅତି କମ୍‌ରେ ୧୧ ଜଣ ବଣିକଙ୍କ ଠାରୁ ଏହାର ମାଲ୍ ଅଲିଭ ତେଲ, ମିଷ୍ଟ ମଦ୍ୟ, ମାଛ ସସ୍, ମୃତ୍‌ପାତ୍ର, କାଚ ଏବଂ ଟିଣ, ତାମ୍ର ଓ ସୀସକ ପିଣ୍ଡ ସଂଗୃହୀତ ହୋଇଥିଲା ।

### ୪.୩.୪ ବାଣିଜ୍ୟର ରାଷ୍ଟ୍ରୀୟ ନିୟନ୍ତ୍ରଣ

ସାମ୍ରାଜ୍ୟ କାଳରେ ଗଣରାଜ୍ୟ ସମୟର ଭ୍ୱେକ୍‌ଟୁରା *(vecturae)* ବା ଜାହାଜ ମାଲିକଙ୍କୁ ପ୍ରୋତ୍ସାହନ ନିମିତ୍ତ ବ୍ୟକ୍ତିଗତ ଆର୍ଥିକ ସହାୟତା ପ୍ରଦାନ ପରିବର୍ତ୍ତେ ଅନ୍ନୋନା *(annona)* ବ୍ୟବସ୍ଥା ବା ଯୋଗାଣ

ସୁନିଶ୍ଚିତ କରିବାକୁ ଅଧିକ ରାଷ୍ଟ୍ରୀୟ ନିୟନ୍ତ୍ରଣ ପ୍ରଚଳିତ ହୋଇଥିଲା । ଏପରିକି ଏକ ରାଷ୍ଟ୍ରୀୟ ବାଣିଜ୍ୟ ପୋତବାହିନୀ ପ୍ରତିଷ୍ଠା କରାଯାଇ ଥିଲା । ଶସ୍ୟ ଯୋଗାଣ ଦାୟିତ୍ୱରେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀ 'ଯୋଗାଣ ପ୍ରଧାନ' *(praefectus annonae)* ରହିଥିଲେ । ବିଭିନ୍ନ ଜାହାଜ ମାଲିକଙ୍କ ସଂଘ *(collegia navicularii)* ତାଙ୍କ ନିୟମନରେ ରହିଥିଲା । ରାଷ୍ଟ୍ର ବିଭିନ୍ନ ପ୍ରଦେଶ ମଧ୍ୟରେ ଦ୍ରବ୍ୟ ଚଳାଚଳ ଉପରେ କର ବସାଉଥିଲା ଏବଂ ଅନେକ ସ୍ଥାନୀୟ ବଜାର *(nundinae)*- ବହୁ ସମୟରେ ସାପ୍ତାହିକ ହାଟ- ଉପରେ ନିୟନ୍ତ୍ରଣ ମଧ୍ୟ ଜାହିର କରୁଥିଲା । ବୃହତ୍ ଭୂସ୍ୱାମୀଙ୍କ ଦ୍ୱାରା ବଜାର ପ୍ରତିଷ୍ଠା ପାଇଁ ସିନେଟ ଅଥବା ସମ୍ରାଟଙ୍କ ଅନୁମୋଦନର ଆବଶ୍ୟକତା ରହିଥିଲା ।

ସେନା ପାଇଁ ରାଷ୍ଟ୍ର ସବୁଠାରୁ ଅଧିକ ଅର୍ଥ ବ୍ୟୟ କରୁଥିଲା । ଏ ଖର୍ଚ୍ଚ ଥିଲା ରାଷ୍ଟ୍ରୀୟ ବଜେଟର ପ୍ରାୟ ୭୦ ଶତାଂଶ । କର ଭାର ସତ୍ତ୍ୱେ ସ୍ଥାନୀୟ ସମ୍ପନ୍ନତା ଓ ଆର୍ଥିକ ଅଭିବୃଦ୍ଧି ଅଯଥା ବାଧାପ୍ରାପ୍ତ ନ ହେବା ରାଜସ୍ୱ ସଂଗ୍ରହରେ ରାଷ୍ଟ୍ରୀୟ କର ସଂଯନ୍ତ୍ରର ସଫଳତା ବିବେଚିତ ହୋଇପାରେ ।

ଉତ୍ପତ୍ତି ଅଥବା ପ୍ରସ୍ତୁତି ସୂଚାଇ ଏବଂ କେତେକ କ୍ଷେତ୍ରରେ ଓଜନ, ଶୁଦ୍ଧତା ଓ ପ୍ରାମାଣିକତା ସୁନିଶ୍ଚିତ କରି ଅନେକ ଦ୍ରବ୍ୟରେ ମରାଯାଇଥିବା ମୋହର ଅଥବା ନିଶାଣରୁ ରାଷ୍ଟ୍ରୀୟ ନିୟନ୍ତ୍ରଣର ସାକ୍ଷ୍ୟ ମିଳେ । ସାଧାରଣତଃ ମୃତ୍‌ପାତ୍ର, କୋତ, ଇଷ୍ଟକ, କାଚ, ମୁଦ୍ରା ପାଇଁ ମହତ୍ତ୍ୱପୂର୍ଣ୍ଣ ଧାତବ ପିଣ୍ଡ, ଖର୍ପର, ଶଙ୍ଖମର୍ମର ଓ କାଠ ଫିମ୍ପାରେ ମୋହର ଏବଂ ସାଧାରଣ ପରିବହନ ଦ୍ରବ୍ୟରେ ଧାତବ ନାମପତ୍ର ଅଥବା ସୀସକ ନିଶାଣ ଲାଗୁଥିଲା । ଏ ପଦକ୍ଷେପ ବାଣିଜ୍ୟ ନିୟନ୍ତ୍ରଣ, ଉତ୍ପାଦ ପାଇଁ ସୁନିଶ୍ଚିତତା ପ୍ରଦାନ ଓ ଠକେଇ ନିବାରଣରେ ସହାୟକ ହେଉଥିଲା । ନିର୍ଦ୍ଦିଷ୍ଟ ଭାବେ ଅଲିଭ ତେଲ କୋତ ଉପରେ ଖାଲି କୋତ ଓ ଭର୍ତ୍ତି କରାଯାଇ ଥିବା ତେଲର ଓଜନ, ଉତ୍ପାଦନ ସ୍ଥଳ, ପରିବହନ କରୁଥିବା ବଣିକଙ୍କ ନାମ ଏବଂ ନିୟମନ ଅଧିକାରୀମାନଙ୍କ ନାମ ଓ ସ୍ୱାକ୍ଷର ବିସ୍ତୃତ ରୂପେ ଅଭିଲିଖିତ ହେଉଥିଲା ।

ତେବେ ରାଷ୍ଟ୍ରୀୟ ନିୟନ୍ତ୍ରଣରୁ ସମ୍ପୂର୍ଣ୍ଣ ମୁକ୍ତ ବାଣିଜ୍ୟ ମଧ୍ୟ ଚଳୁଥିଲା । ବ୍ୟାଙ୍କିଙ୍ଗ ବା ମହାଜନୀ ବ୍ୟବସ୍ଥାର ବିକାଶ ଏଥି ପାଇଁ ଥିଲା ଅନୁକୂଳ । ମହାଜନୀ ଓ ଆର୍ଥିକ ଋଣ ସାଧାରଣତଃ ଏକ ସ୍ଥାନୀୟ ଘଟଣା ଥିଲେ ସୁଦ୍ଧା ବଣିକମାନେ ଗୋଟିଏ ବନ୍ଦରରୁ ଋଣ ନେଇ ଅନ୍ୟ ବନ୍ଦରରେ ଦ୍ରବ୍ୟ ପହଞ୍ଚି ବିକ୍ରି

ହେବା ପରେ ସୁଝିଥିବାର ଦଲିଲ ମଧ୍ୟ ରହିଛି । ସାମ୍ରାଜ୍ୟର ପହୁଞ୍ଚ ବହିର୍ଭୂତ ଏବଂ ବୃହତ୍ତର ନଗରୀ ଓ ସେନା ଛାଉଣୀ ଠାରୁ ମୁକ୍ତ ସ୍ୱାଧୀନ ବାଣିଜ୍ୟ ଅର୍ଥବ୍ୟବସ୍ଥାର ମଧ୍ୟ ପ୍ରଭୂତ ସାକ୍ଷ୍ୟ ପ୍ରାପ୍ତ ହୋଇଛି ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ରୋମର ସହରୀ ଚରିତ୍ରର ଏକ ବିବରଣ ପ୍ରଦାନ କରନ୍ତୁ ।

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

**ପ୍ରଶ୍ନ ୨.** ରୋମୀୟ ସାମ୍ରାଜ୍ୟର ବାଣିଜ୍ୟ ତନ୍ତ୍ରର ବିସ୍ତାର ଉପରେ ଏକ ଟିପ୍ପଣୀ ଲେଖନ୍ତୁ ।

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

..............................................................................................

## ୪.୪ ସାରାଂଶ

ବିପୁଳ ବିସ୍ତାର ସତ୍ତ୍ୱେ ସାମ୍ରାଜ୍ୟର ସକଳ ମହତ୍ତ୍ୱପୂର୍ଣ୍ଣ ରାଜନୀତିକ ନିଷ୍ପତ୍ତି ତଥାପି ରୋମରେ ନିଆଯାଉ ଥିଲା । ସାମ୍ରାଜ୍ୟ ସହ ନଗରୀଟିର ଅଭିବୃଦ୍ଧି ଘଟୁଥିଲା ଏବଂ ଏହା ବଦଳି ଚାଲିଥିଲା । ଏକ ବର୍ଦ୍ଧିଷ୍ଣୁ ସହରୀ ଜନସଂଖ୍ୟାର ସର୍ବନିମ୍ନ ସାର୍ବଜନିକ ସ୍ୱାସ୍ଥ୍ୟ ପରିଚାଳନା ପାଇଁ ପରିମଳ ବ୍ୟବସ୍ଥାର ବିକାଶ ଥିଲା ଅନିବାର୍ଯ୍ୟ । ନଗରୀ ଇତିହାସର ଆଦ୍ୟ କାଳରେ ରୋମବାସୀ ଏକ ଆବର୍ଜନା ନିଷ୍କାସନ ବ୍ୟବସ୍ଥା ବିକଶିତ କରିଥିଲେ । ଖ୍ରୀ.ପୂ.୩୧୨ରେ ପ୍ରଥମ ସଡ଼କ ଭ୍ୱିଆ ଅପ୍‌ପିଆ *(Via Appia)* ଏବଂ ବହୁ ଦୂରରୁ ନଗରୀକୁ ଜଳଯୋଗାଣ ନିମିତ୍ତ ପ୍ରଥମ ଜଳସେତୁ ନିର୍ମିତ ହୋଇଥିଲା । ମୁଦ୍ରାରେ କର ସଂଗ୍ରହ ସାମର୍ଥ୍ୟ, ଆର୍ଥିକ ଉତ୍ପାଦନ ଓ ବାଣିଜ୍ୟର ଅଭିବୃଦ୍ଧି ଏବଂ ସାମରିକ ବିଜୟ ଫଳରେ ରୋମର ନିର୍ମାଣ ପରିଯୋଜନାଗୁଡ଼ିକୁ ପାଣ୍ଠି ଯୋଗାଣ ସମ୍ଭବପର ହେଉଥିଲା । ରୋମୀୟମାନେ ସଡ଼କ, ଜଳସେତୁ ଓ ଆବର୍ଜନା ନିଷ୍କାସନ ପ୍ରଣାଳୀ ସମେତ ମନ୍ଦିର ଓ ରାଜନୀତିକ ଭବନମାନ ନିର୍ମାଣ କରିଥିଲେ । ବିଜୟୀ ସେନାନାୟକମାନେ ନିର୍ଦ୍ଦିଷ୍ଟ ଦେବତାଙ୍କ ଉଦ୍ଦେଶ୍ୟରେ ମନ୍ଦିରମାନ ଉତ୍ସର୍ଗ କରୁଥିଲେ । ଅଭିଯାନ କାଳରେ ଲୁଟ୍ କରିଥିବା ସମ୍ପଦରୁ ଏଥି ପାଇଁ ଅର୍ଥ ପ୍ରଦାନ କରାଯାଉ ଥିଲା ।

## ୪.୫ ସୂଚକ ଶବ୍ଦାବଳୀ

**ବୃହତ୍ କଳାଶାଳା:** *Colosseum*ର ପର୍ଯ୍ୟାୟବାଚୀ ପ୍ରୟୋଗ । ଥିଏଟର, ସିନେମା, କ୍ରୀଡ଼ାଙ୍ଗନ ବା ଷ୍ଟାଡିୟମ ଏହାର ଅନ୍ତର୍ଭୁକ୍ତ ।

**ଇନସୁଲା**(*Insulae*): ପ୍ରାଚୀନ ରୋମର ନଗରୀମାନଙ୍କର ସର୍ବନିମ୍ନ ମାନର ଆପାର୍ଟମେଣ୍ଟ ।

## ୪.୬ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୪.୨ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୪.୩ ଦେଖନ୍ତୁ ।

## ୪.୭ ପରବର୍ତ୍ତୀ ପଠନ

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in